

ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପରେଡ୍। ସ୍ଥାନ-ରିଜର୍ଭ ପୋଲିସ ପଡ଼ିଆ। ସମୟ-ସକାଳ ୮ଟା
- ଉତ୍କଳ ଦିବସ ଉତ୍ସବ। ସ୍ଥାନ-ଏମ୍‌ସିଏଲ୍ ମୁଖ୍ୟାଳୟ। ସମୟ-ସକାଳ ୮ଟା
- ୮୪ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ। ସ୍ଥାନ-ପଧାନପାଲି ପରେଡ୍ ପଡ଼ିଆ। ସମୟ-ସକାଳ ୮ଟା।
- ଜିଲାସ୍ତରୀୟ ନକ୍‌ଆଉଟ କ୍ରିକେଟ ମ୍ୟାଚ୍। ସ୍ଥାନ-ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ। ସମୟ-ସକାଳ ୮ଟା
- ଜିଲାସ୍ତରୀୟ ଓଡ଼ିଶା ଦିବସ ଉତ୍ସବ। ସ୍ଥାନ-ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ। ସମୟ-ପୂର୍ବାହ୍ନ ୧୧ଟା।
- ଡିଡିକେରେ ସମ୍ବଲପୁରୀ ଟେଲିଫିଲ୍ମ ଶୁଭାରମ୍ଭ। ସ୍ଥାନ-ଡିଡିକେ କ୍ୟାମ୍ପସ। ସମୟ-ପୂର୍ବାହ୍ନ ସାଢ଼େ ୯ଟା

### ଫଟାଟାଙ୍ଗରକୁ ରାଜସ୍ୱ ଗ୍ରାମ ମାନ୍ୟତା ଦିଅ

# ଦାବି ପୂରଣ ନ ହେଲେ ଭୋଟ ବର୍ଜନ

**ବାମରା,୩୧।୩ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲ ପଞ୍ଚାୟତ ଫଟାଟାଙ୍ଗର ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି ନେଇ ଶନିବାର ସନ୍ଧ୍ୟାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଦାବି ପୂରଣ ନ ହେଲେ ଗ୍ରାମବାସୀ ଆଗାମୀ ସାଧାରଣ ନିର୍ବାଚନରେ ସମ୍ପୂର୍ଣ୍ଣ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସାମାଜିକ କର୍ମୀ ଦୀନବନ୍ଧୁ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ସରପଞ୍ଚ ଶାନ୍ତିଲତା ଟପ୍ପୋ, ପୂର୍ବତନ ୱାର୍ଡ ମେମ୍ବର ପିଟର କେର୍କେଟା, ସୁନ୍ଦର କିଷାନ, ବରିଷ୍ଠ ନାଗରିକ ଶୁକମନି ଧୁରୁଆ, ସାମାଜିକ କର୍ମୀ ସୁରେନ୍ଦ୍ର କିଷାନ, ୱାର୍ଡ ମେମ୍ବର ଅଶୋକ କିଷାନ, ଆଶା ସ୍ୱର୍ଣ୍ଣଲତା ଲୁହା, ସୁଶିଲ ଡୁଙ୍ଗଡୁଙ୍ଗ ପ୍ରମୁଖ ଯୋଗଦେଇ ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଫଟାଟାଙ୍ଗର ଗାଁକୁ ରାଜସ୍ୱ ଗ୍ରାମ ମାନ୍ୟତା ଦେବା ପାଇଁ ପ୍ରଶାସନ ଦୃଢ଼ ପ୍ରତିଶ୍ରୁତି ନ ଦେଲେ ଆସନ୍ତା ନିର୍ବାଚନରେ ଭୋଟ ବର୍ଜନ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି। ପରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁଶିଲ ଡୁଙ୍ଗଡୁଙ୍ଗ, ସିଆର୍‌ପି ଇନ୍ଦୁମତି କିଷାନ, ଉପସଭାପତି କୁମାରୀ ଛତ୍ରିଆ, ମନୋଜ ଡୁଙ୍ଗଡୁଙ୍ଗ, ଜଗବନ୍ଧୁ ଛତ୍ରିଆ ପ୍ରମୁଖ ଅଂଶଗ୍ରହଣ କରି ଗ୍ରାମରେ ସଡ଼କ, ବିଦ୍ୟୁତ, ପାନୀୟ ଜଳ, ପୋଖରୀ, ବିଦ୍ୟାଳୟ ଆଦିର ଅଭାବ ଅସୁବିଧା ସାଙ୍ଗକୁ କୌଣସି ପ୍ରକାର ମଣ୍ଡପ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଗ୍ରାମରେ ଗୋଟିଏ ୱାର୍ଡରେ ୧୩୫ ପରିବାରର ପ୍ରାୟ ୬ଶହରୁ ଅଧିକ ଲୋକ ବସବାସ କରୁଛନ୍ତି। ଶତପ୍ରତିଶତ ଲୋକେ ଆଦିବାସୀ। ଏହାକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ନେଇ ଆବଶ୍ୟକତା ଥିବବେଳେ ପ୍ରଶାସନ ଶୁଣୁ ନ ଥିବା ସେମାନେ ଅଭିଯୋଗ କରିଥିଲେ। ଗତ ୧୮ ବର୍ଷ ଧରି ଏ ନେଇ ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଉଦାସୀନ ରହୁଥିବା ଅଭିଯୋଗ କରାଯାଇଥିଲା।



ଫଟାଟାଙ୍ଗରକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବିରେ ଅନୁଷ୍ଠିତ ପ୍ରତିବାଦ ସଭାରେ ମଞ୍ଚାସୀନ ଅତିଥି।



ଭାଜପା କର୍ମୀ ସମ୍ମିଳନୀରେ ମଞ୍ଚାସୀନ ଦଳୀୟ ନେତୃମଣ୍ଡଳୀ।

## ଖିଣ୍ଡାରେ ଭାଜପାର କର୍ମୀ ସମ୍ମିଳନୀ

**ରେଙ୍ଗାଲି,୩୧।୩(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତ ଜଟିଆପିପଲଠାରେ ରବିବାର ଭାଜପାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଯୁଗଳ କିଶୋର ଅଗ୍ରୱାଲଙ୍କ ନେତୃତ୍ୱ ଏବଂ ରେଙ୍ଗାଲି ମଣ୍ଡଳ ଉପସଭାପତି ସୁଧୀର ଗୁପ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ଆଗାମୀ ସାଧାରଣ ନିର୍ବାଚନରେ ରେଙ୍ଗାଲି ବିଧାନସଭା ଏବଂ ସମ୍ବଲପୁର ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ବୁଥ୍ ସ୍ତରରୁ ଦଳକୁ ମଜବୁତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ବିଧାନସଭା ଭାଜପା ପ୍ରାର୍ଥୀ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାନସଭା ଭାଜପା ପ୍ରାର୍ଥୀ ନାଉରୀ ନାଏକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ରେଙ୍ଗାଲି ଜୋନ-୧ ଜିଲା ପରିଷଦ ସଭ୍ୟ ତିରୋଜ ହେଡେଞ୍ଜା, ଜୋନ-୨ ଜିଲା ପରିଷଦ ସଭ୍ୟ ଉତ୍ପଳା ସାଲିମା, ମନୀଷ ଅଗ୍ରୱାଲ, ସରୋଜ ମେହେର, ଜିତେନ୍ଦ୍ର ପ୍ରସାଦ ପଣ୍ଡା, ବିଶିକେଶନ ପଣ୍ଡା, ପଙ୍କଜିନୀ ରାଉତ, ମିତା ରାଉତଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ପ୍ରମୋଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଗ୍ୟାସ୍ ଚୁଲାରୁ ନିଆଁଲାଗି ମହିଳା ଗୁରୁତର

**ରେଢ଼ାଖୋଲ,୩୧।୩(ଡି.ଏନ୍.ଏ.)-** ରେଢ଼ାଖୋଲ-ବୌଦ୍ଧ ରାସ୍ତାର ଖଣ୍ଡହତା ଛକସ୍ଥିତ ଏକ ଢାବାରେ କାମ କରୁଥିବା ଜଣେ ମହିଳା ଗ୍ୟାସ୍ ଚୁଲା ନିଆଁରେ ପୋଡ଼ିହୋଇ ଗୁରୁତର ହୋଇଛନ୍ତି। ସେ ହେଲେ ବଡ଼ବାହାଲ ନିକଟ ଝରାମୁଣ୍ଡା ଗ୍ରାମର କୌଶଲ୍ୟା ଧଳ (୪୫)। ତାଙ୍କୁ ଉଦ୍ଧାର କରାଯାଇ ରେଢ଼ାଖୋଲ ଡାକ୍ତରଖାନା ଅଣାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ତେବେ ଏ ନେଇ ପୋଲିସ ପାଖରେ କୌଣସି ଖବର ନ ଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି। କୌଶଲ୍ୟା ଢାବାରେ କାମ କରୁଥିବାବେଳେ ଗ୍ୟାସ୍ ଚୁଲାର ପାଇପ୍ ଫାଟିଯିବାରୁ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା।

### ରାଜେନ୍ଦ୍ର ନାରାୟଣ ସିଂଦେଓ ଜୟନ୍ତୀ

**ସମ୍ବଲପୁର,୩୧।୩(ବ୍ୟୁରୋ)-** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପାଟଣା ମହାରାଜା ରାଜେନ୍ଦ୍ରନାରାୟଣ ସିଂଦେଓଙ୍କ ଜୟନ୍ତୀ ରବିବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ପାଳିତ ହୋଇଛି। ଆୟୋଜକ ସାଂସ୍କୃତିକ ସମାଜ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ସମ୍ପାଦକ ବୋଧରାମ ଦାଶ ସୂଚନା ପ୍ରଦାନ କରିଥିଲେ। ସାମାଜିକ କର୍ମୀ ଭାଗବତ ପ୍ରସାଦ ନନ୍ଦ, ଅରବିନ୍ଦ ମହାପାତ୍ର, ରଘୁନାଥ ମିଶ୍ର, ଶଶୀଭୂଷଣ ତ୍ରିପାଠୀ ଆଲୋଚନାରେ ଭାଗ ନେଇଥିଲେ। ସେମାନେ କହିଥିଲେ, ରାଜେନ୍ଦ୍ରନାରାୟଣ ସିଂଦେଓ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପ୍ରଶାସନିକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ୧୯୬୭ରୁ ୧୯୭୧ ପର୍ଯ୍ୟନ୍ତ ଓଡ଼ିଶା ମୁଖ୍ୟମନ୍ତ୍ରୀ ଥିବାବେଳେ ରାଜ୍ୟର ବିକାଶ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେଇଥିଲେ। ପଶ୍ଚିମ ଓଡ଼ିଶାରେ ସେ ଏକ୍ସ-ରେ ମେଶିନ ସ୍ଥାପନ କରିଥିଲେ ବୋଲି ଅତିଥିମାନେ କହିଥିଲେ। କମଳଲୋଚନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ମତଦାତା ସଚେତନତା କାର୍ଯ୍ୟକ୍ରମ

**ରେଙ୍ଗାଲି,୩୧।୩ (ଡି.ଏନ୍.ଏ.)**

ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ରବିବାର ରେଙ୍ଗାଲି ବିଡିଓ ଶିବଶଙ୍କର ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ବ୍ଲକର ବିଭିନ୍ନ ପଞ୍ଚାୟତରେ ମତଦାତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମାଇକ୍ ଯୋଗେ ଭୋଟରଙ୍କୁ ସଚେତନ କରାଯାଇଛି। ଆଗାମୀ ନିର୍ବାଚନରେ କୌଣସି ଦଳୀୟ କର୍ମୀ ମତଦାତାଙ୍କୁ କୌଣସି ପ୍ରକାରର ପ୍ରଲୋଭିତ କଲେ ଭାରତୀୟ ଦଣ୍ଡବିଧି ଆଇନ ଧାରା ୧୭୧ (ବି) ଅନୁଯାୟୀ ବର୍ଷେ ଜେଲ ଦଣ୍ଡ ସହ ଜରିମାନା ଏବଂ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବା ପାଇଁ ଭୟଭୀତ କଲେ ଧାରା ୧୭୧ (ସି) ଅନୁଯାୟୀ ବର୍ଷେ ଜେଲ ଏବଂ ଜରିମାନା ଦଣ୍ଡ ମିଳିବ ବୋଲି ମାଇକ୍ ଯୋଗେ ପ୍ରଚାର କରାଯାଇଥିଲା। ଏହି ପ୍ରଚାର ଗାଡ଼ି ରେଙ୍ଗାଲି, ଲପଙ୍ଗା, ଠେଲକୁଲି, ଝାଙ୍କରପାଲି, କତରବଗା, ରେଙ୍ଗଲୋଇ ଆଦି ୬ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ କରିଥିଲା।



ପ୍ରଶାସନ ପକ୍ଷରୁ ମାଇକ୍ ଯୋଗେ ଭୋଟରଙ୍କୁ ସଚେତନ କରାଯାଉଛି।

## ମହାବିଷୁବ ସଂକ୍ରାନ୍ତି ପ୍ରସ୍ତୁତି ବୈଠକ

**ସମ୍ବଲପୁର,୩୧।୩ (ବ୍ୟୁରୋ)**

ଏସ୍‌ଆର୍‌ଆଇଟି ୱେଲଫେୟାର କମିଟି ପକ୍ଷରୁ ରବିବାର ସନ୍ଧ୍ୟାରେ ଶ୍ରୀରାମ ନବମୀ, ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିରଞ୍ଚି ନାରାୟଣ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି ଉତ୍ସବର ଆଭିମୁଖ୍ୟ ଓ ପ୍ରସ୍ତୁତିର ବିଭିନ୍ନ ଦିଗ ଉପରେ ସୂଚନା ଦେଇଥିଲେ। ଏଥିରେ ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ଯୋଗଦେଇ ହନୁମାନ ଜୟନ୍ତୀ ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ ବିଷୟରେ ଆଲୋକପାତ କରିଥିଲେ। ରୀତିନୀତି ଓ ପରମ୍ପରାନୁସାରେ ଶ୍ରୀରାମ ନବମୀ ଓ ମହାବିଷୁବ ସଂକ୍ରାନ୍ତି ପାଳିତ ହେବ। ସେହିପରି ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ କରାଯିବ। ସନ୍ଧ୍ୟାରେ ଅଞ୍ଚଳବାସୀ ଶୋଭାଯାତ୍ରାରେ ସହର ପରିକ୍ରମା କରିବାକୁ ବୈଠକରେ ସ୍ଥିର କରାଯାଇଛି। ପ୍ରଫୁଲ୍ଲ କୁମାର ନେପାକ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଉପସଭାପତି ପୃଥ୍ୱୀରାଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ନିରଞ୍ଜନ ନାୟକ, ଅଶୋକ ତ୍ରିପାଠୀ, ସ୍ୱାଗତସିଦ୍ଧାନ୍ତ ଦାଶ, କାହ୍ନୁଚରଣ ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ଦେବେନ୍ଦ୍ର କୁମାର ମିଶ୍ର ପ୍ରମୁଖ ସାମିଲ ଥିଲେ।



ବରିଷ୍ଠ ନାଗରିକ କମିଟି ବୈଠକରେ ଉପସ୍ଥିତ ବ୍ୟକ୍ତିବିଶେଷ।

## ବ୍ଲକସ୍ତରୀୟ ବରିଷ୍ଠ ନାଗରିକ କମିଟି ବୈଠକ

**ଜମନକିରା,୩୧।୩ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମା ସାପ୍ତାହିକୀ ବଜାର ପ୍ରାଙ୍ଗଣରେ ରବିବାର ବ୍ଲକସ୍ତରୀୟ ବରିଷ୍ଠ ନାଗରିକ କମିଟି ବୈଠକ ଏହାର ସ୍ଥାୟୀ ସଭାପତି ସନ୍ତୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଥାନା ଅଧିକାରୀ ବାଳକୃଷ୍ଣ କହଁର ଯୋଗଦେଇ ବରିଷ୍ଠ ନାଗରିକଙ୍କ ଦ୍ୱାରା ଅଞ୍ଚଳର ବିକାଶ ଦିଗରେ ନିଆଯାଉଥିବା ପଦକ୍ଷେପକୁ ପ୍ରଶଂସା କରିବା ସହ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଆଗାମୀ ସାଧାରଣ ନିର୍ବାଚନକୁ ଶୃଙ୍ଖଳିତ, ଅବାଧ ଓ ନିରପେକ୍ଷ କରିବା ଦିଗରେ ସେମାନଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ୫୩ନଂ ଜାତୀୟ ରାଜପଥର ଚିନିମହୁଲ ପେଟ୍ରୋଲ ପମ୍ପଠାରୁ ଟିକିଲିପଡ଼ା ପର୍ଯ୍ୟନ୍ତ ଉନ୍ନତୀକରଣ, ବାଇପାସ୍ ରାସ୍ତା କାମ ଶୀଘ୍ର ସମ୍ପନ୍ନ କରିବା, ଓଭର ହେଡ୍ ଟାଙ୍କିରୁ ଜମନକିରା ଗ୍ରାମବାସୀଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କରିବା, ବରିଷ୍ଠ ନାଗରିକଙ୍କୁ ଯୋଡ଼ିବା ବ୍ୟବସ୍ଥା, ଭତ୍ତାରୁ ବଞ୍ଚିତ ୬୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ ବ୍ୟବସ୍ଥା, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚଳିତ ଖାଦ୍ୟ ସୁରକ୍ଷା ଯୋଜନାରେ ବରିଷ୍ଠ ନାଗରିକଙ୍କୁ ସାମିଲ କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଗୋକୁଳାନନ୍ଦ ଦାନୀ, ସରୋଜ ପଟ୍ଟନାୟକ, ଶୋଭାରାମ ପଧାନ, ରବୀନ୍ଦ୍ର ମଲ୍ଲିକ, ସାଲେକରାମ ପଧାନ, ଝସକେତନ ଦାଶ, ଆନନ୍ଦ ନାଏକ, ବୀରେନ୍ଦ୍ର କାରୱାର, ରବିନାରାୟଣ ବେହେରା, ଅମରେଶ୍ୱର ସ୍ୱାଇଁ, ଅକ୍ଷୟ ଦ୍ୱିବେଦୀ, ବୀରେନ୍ଦ୍ର ଦାନୀ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

## ଚିକିତ୍ସା ପାଇଁ ଆସିଥିବାବେଳେ ଆକସ୍ମିକ ମୃତ୍ୟୁ

**ରେଢ଼ାଖୋଲ,୩୧।୩ (ଡି.ଏନ୍.ଏ.)**

ରେଢ଼ାଖୋଲ ଡାକ୍ତରଖାନାକୁ ରକ୍ତଚାପ ଓ ମଧୁମେହ ରୋଗ ପରୀକ୍ଷା ପାଇଁ ଆସିଥିବା ଏହି ଥାନା ଅନ୍ତର୍ଗତ କାକନପଡ଼ା ଗ୍ରାମର ଶ୍ରୀଧର ସେଠୀ (୫୫)ଙ୍କ ଆକସ୍ମିକ ମୃତ୍ୟୁ ହୋଇଛି। ଶ୍ରୀଧର ରବିବାର ପୂର୍ବାହ୍ନ ୧୦ଟାରେ ଡାକ୍ତରଖାନା ଆସିଥିଲେ। ତେବେ ଡାକ୍ତରଙ୍କୁ ଦେଖାହେବା ପୂର୍ବରୁ ବ୍ଲଡ୍ ବ୍ୟାଙ୍କ ସମ୍ମୁଖରେ ହଠାତ୍ ସେ ପଡ଼ିଯାଇଥିଲେ। ଡାକ୍ତରଖାନା ପରିସରରେ ଥିବା କେତେଜଣ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ଡାକ୍ତରଙ୍କ ପାଖକୁ ନେଇଥିଲେ। ହେଲେ ଡାକ୍ତର ପରୀକ୍ଷାନିରୀକ୍ଷା କରୁଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ତାଙ୍କ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିଥିଲେ।

## ଯାଦବ କଲ୍ୟାଣ କମିଟି ସାଙ୍ଗଠନିକ ସମାବେଶ

**ଜମନକିରା,୩୧।୩ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ଅର୍ଜୁନପାଲି ଗାଁରେ ରବିବାର ବ୍ଲକସ୍ତରୀୟ ଯାଦବ ସମାଜ କଲ୍ୟାଣ କମିଟି ସାଙ୍ଗଠନିକ ସମାବେଶ ଅନୁଷ୍ଠିତ ହୋଇଛି। ବରିଷ୍ଠ ସଭ୍ୟ ଅଶୋକ ବଗର୍ତ୍ତାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ସଭାପତି ତଥା ଉତ୍କଳ ଯାଦବ ମହାସଭା ସମ୍ପାଦକ ବିରଞ୍ଚି ନାରାୟଣ ଦର୍ଶା ଯୋଗଦେଇ ସଂଗଠନକୁ କିପରି ଅଧିକ ମଜବୁତ କରାଯାଇପାରିବ ସେ ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଉପସଭାପତି ସନାତନ ଭଇଁଷା, ମଦନମୋହନ ଭଇଁଷା, ଜିଲା ମହିଳା ସଭାନେତ୍ରୀ ଚିନୁପମା ଭଇଁଷା, ସରୋଜ ପରୁଆ, ହେମନ୍ତ ବଗର୍ତ୍ତା, ବିଷ୍ଣୁଚରଣ ଭଇଁଷା, ନରୋତ୍ତମ ଭଇଁଷା, ଦଶରଥ ବନଛୁର, ହୃଦାନନ୍ଦ ଷଣ୍ଡ, ଶ୍ୟାମସୁନ୍ଦର ରାଉତ, ରାମଜୀ ଖର୍ସେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜମନକିରା ବ୍ଲକ ଜୋନ-୧ ଯାଦବ କଲ୍ୟାଣ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ହେମନ୍ତ ବଗର୍ତ୍ତା, ଉପସଭାପତି ରାମଜୀ ଖର୍ସେଲ, କ୍ଷୀରୋଦିନୀ ଭଇଁଷା, ସମ୍ପାଦକ ଅଶୋକ ବଗର୍ତ୍ତା, ସହସମ୍ପାଦକ ସୁହାସିନୀ ବଗାର, କୋଷାଧ୍ୟକ୍ଷ ଠୁନୁ ପୋଢ଼ଙ୍କ ସମେତ ୧୯ ଜଣ ସଭ୍ୟାସଭ୍ୟ ରହିଛନ୍ତି। ଶେଷରେ ବିନୋଦ ବିହାରୀ ଖର୍ସେଲ ଧନ୍ୟବାଦ ଅର୍ପଣ କରିଥିଲେ।



ଯାଦବ କଲ୍ୟାଣ କମିଟି ସାଙ୍ଗଠନିକ ସମାବେଶ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଅଜିତପୁର, ଯବାନ୍-ଏ-ହିନ୍ଦ୍ ବିଜୟୀ

**ସମ୍ବଲପୁର,୩୧।୩ (ବ୍ୟୁରୋ)**

### ଆନ୍ତଃ ଜିଲା ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ

ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃ ଜିଲା ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟର ରବିବାର ମ୍ୟାଚ୍‌ରେ ଅଜିତପୁର କ୍ରୀଡ଼ା ସଂଘ ଓ ଯବାନ-ଏ-ହିନ୍ଦ୍ କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ମ୍ୟାଚ୍ ଅଜିତପୁର କ୍ରୀଡ଼ା ସଂଘ ଓ ରେଡ୍ ଷ୍ଟାର କ୍ଲବ ମଧ୍ୟରେ ଖେଳାଯାଇଥିଲା। ରେଡ୍ ଷ୍ଟାର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୩୦ ରନ୍ ସଂଗ୍ରହ କରିଥିଲା। ରାହୁଲ ପାଲ ୧୮ ବଲରେ ୩୪, ଅମନ ୧୩ ବଲରେ ୨୭, ଲିଟୁ ୧୪ ବଲରେ ୨୦, ମିକେଶ ୧୩ ବଲରେ ୧୪ ରନ ସଂଗ୍ରହ କରିଥିଲେ। ଅଜିତପୁର ବୋଲର କ୍ଷୀରୋଦ ୪ ଓଭରରେ ୨୩ ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ୧୩୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଅଜିତପୁର ଦଳ ବ୍ୟାଟ୍ସମ୍ୟାନ୍ ଆରମ୍ଭରୁ ଆକ୍ରମାଣାତ୍ମକ ବ୍ୟାଟିଂ କରି ୧୬.୪ ଓଭରରେ ୩ ଉଇକେଟ ହରାଇ ୧୩୫ ରନ୍ ସଂଗ୍ରହ କରିନେଇଥିଲେ। ପ୍ରଶାନ୍ତ ଦାଶ ୩୧ ବଲରେ ୪୭, ଜେ.ଏସ୍. ମୁନକୁ ୨୫ ବଲରେ ୪୨, ଅଭିନବ ସାମନ୍ତ ୧୧ ବଲରେ ୧୮ ରନ କରିଥିଲେ। ରେଡ୍ ଷ୍ଟାରର ରାହୁଲ ପାଲ ୪ ଓଭରରେ ୧୯ ରନ୍ ଦେଇ ୩ ଉଇକେଟ ହାସଲ କରିଥିଲେ। ଗୁରୁଦୀପ ସିଂ, ବିକାଶ ହୋତା ମ୍ୟାଚ୍ ପରିଚାଳନା କରିଥିଲେ। ନବୀନ ରାଉଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଦ୍ୱିତୀୟ ମ୍ୟାଚ୍ ଯବାନ୍-ଏ-ହିନ୍ଦ୍ ଓ ଆଦିବାସୀ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଆଦିବାସୀ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୦୨ ରନ ସଂଗ୍ରହ କରିଥିଲା। ଅଶୋକ ସୋନି ୨୮ ବଲରେ ୪୦ ଓ ବିକାଶ ଶର୍ମା ୧୧ ବଲରେ ୧୦ ରନ କରିଥିଲେ। ଯବାନ୍-ଏ-ହିନ୍ଦ୍ କ୍ଲବର ଅବିନାଶ ରାଉତ ୪ ଓ ଶେଖ ନଦିମ୍ ଗୋଟିଏ ଉଇକେଟ ହାସଲ କରିଥିଲେ। ଯବାନ୍-ଏ-ହିନ୍ଦ୍ କ୍ଲବ ୧୦୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ମାତ୍ର ୭.୫ ଓଭରରେ କୌଣସି ଉଇକେଟ ନ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ନିଖିଲେଶ ପ୍ରସାଦ ୨୦ ବଲରେ ୩୬ ଓ ମୁସ୍ତାଫା ରାଜା ୨୭ ବଲରେ ୫୩ ରନ କରିଥିଲେ।

## ବୁଧିଆପାଲି କ୍ରିକେଟ: ତଲାବିରା ଚାମ୍ପିୟନ

**ରେଙ୍ଗାଲି,୩୧।୩ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ବୁଧିଆପାଲିଠାରେ ମୁଣ୍ଡାପଡ଼ା ୟୁଥ କ୍ଲବ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ତଲାବିରା ଏବଂ ରେଙ୍ଗାଲି ସୁରଜମଲ କଲେଜ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ତଲାବିରା ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳକୁ ୩ହଜାର ୫ଶହ ଟଙ୍କା ଏବଂ ଟ୍ରଫି ଓ ରନର୍ସଅପ୍ ଦଳକୁ ୨ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୁଗଳ କିଶୋର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ତିରୋଜ ହେଡେଞ୍ଜା, ସରୋଜ ମେହେର, ଶେଖର ରାଉତ, ବିଶିକେଶନ ପଣ୍ଡା ଯୋଗଦେଇଥିଲେ। ୟୁଥ କ୍ଲବ ସଭାପତି ବିନୋଦ ମୁଣ୍ଡା, ବାବୁଲ ମୁଣ୍ଡା, ଅଶୋକ ମୁଣ୍ଡା, ପ୍ରକାଶ ମୁଣ୍ଡା ଏବଂ ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।



ଟୁର୍ନାମେଣ୍ଟ ଉଦ୍‌ଯାପନୀ ଅବସରରେ ଅତିଥିଙ୍କ ସହ ଖେଳାଳି ଓ ଆୟୋଜକ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



**ସଂକ୍ଷେପରେ**

## 'ଆଚରଣବିଧି ଉଲ୍ଲଂଘନ କରିଛନ୍ତି କେନ୍ଦ୍ରମନ୍ତ୍ରୀ'

**ଭୁବନେଶ୍ୱର,୩୧।୩(ବ୍ୟୁରୋ)** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ଆଣିଛି ବିଜେଡି। କେନ୍ଦ୍ରମନ୍ତ୍ରୀଙ୍କ ସଭାରେ ଲାଗୁଛି 'ସ୍କିଲ୍ ଇଣ୍ଡିଆ' ଲୋଗୋ। ୱାର୍କଶପ୍ ଜରିଆରେ କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମକୁ ଲୋକପ୍ରିୟ କରିବାକୁ ଉଦ୍ୟମ କରାଯାଇଛି। ଭୁବନେଶ୍ୱରର ଇଡକଲ୍ ଅଡ଼ିଟୋରିୟମ୍‌ଠାରେ ରବିବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମର ଫଟୋଚିତ୍ର ଧରି ବିଜେଡି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ପାଖରେ ଫେରାଦ ହୋଇଛି। ଏଥିସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

# ବ୍ୟାଟେରି ଚୋରି ର୍ୟାକେଟ ଠାବ, ୪ ଗିରଫ

**ସମ୍ବଲପୁର/ରେଙ୍ଗାଲି,୩୧।୩ (ବ୍ୟୁରୋ/ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଶାସନ ଥାନା ପୋଲିସ ଏକ ବ୍ୟାଟେରି ଚୋରି ର୍ୟାକେଟ ଠାବ କରିଛି। ୪ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଛି। ସେମାନେ ହେଲେ ଠେଲକୋଲି ଥାନା ଲପଙ୍ଗା ଗ୍ରାମର ଭୀଷ୍ମଦେବ ମରାଇ, ଅର୍ଜୁନ ବେହେରା, ସୁନ୍ଦରଗଡ଼ ଜିଲା ସାହାଜବାହାଲ ଗ୍ରାମର ହୃଷୀକେଶ ଜଗତ ଓ ରେଙ୍ଗାଲି ଥାନା ଗୁରୁପାଲି ଗ୍ରାମର ମହମ୍ମଦ ରୁସ୍ତମ। ଏ ନେଇ ପୋଲିସ ଏକ ମାମଲା (ନଂ. ୬୫/୧୯) ରୁଜୁ କରିଛି। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ମୋବାଇଲ ଟାୱାରରେ ବ୍ୟବହୃତ ୨୪ ବ୍ୟାଟେରି, ୫ ଟ୍ରକ୍ ବ୍ୟାଟେରି, ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ମୋବାଇଲ ଫୋନ ଓ ସେମାନେ ବ୍ୟବହାର କରୁଥିବା ଗୋଟିଏ କାର୍ (ନଂ. ଓଆର୍୧୫-କେ୭୮୭୨) ଜବତ କରିଛି। ସୂଚନାଯୋଗ୍ୟ, ଟାମ୍ପରକେଲା ଗ୍ରାମରେ ଥିବା ଏକ ମୋବାଇଲ ଟାୱାରରୁ ଗତ ୨୫ ତାରିଖ ବ୍ୟାଟେରି ଚୋରି ହୋଇଥିଲା। ଏ ନେଇ କମ୍ପାନୀ ଅଧିକାରୀ ରାଜୀବ କୁମାର ଚୌଧୁରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଜବତ କାର୍‌କୁ ସନ୍ଦେହରେ ଯାଞ୍ଚ କରିବା ବେଳେ ସେଥିରୁ ବ୍ୟାଟେରିଗୁଡ଼ିକୁ ଜବତ କରିଥିଲା।





ବ୍ୟାଟେରି ଚୋରି ଅଭିଯୋଗରେ ଶାସନ ପୋଲିସ ଗିରଫ କରିଥିବା ଅଭିଯୁକ୍ତ (ବାମ)। ଜବତ କାର୍।

# 'ନବୀନଙ୍କ ଆଦର୍ଶରେ ରହି ସେବା ଜାରି ରଖିବି'

**ସମ୍ବଲପୁର,୩୧।୩(ବ୍ୟୁରୋ)** ଆଗମୀ ନିର୍ବାଚନରେ ରେଢ଼ାଖୋଲ ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ହେବାକୁ ଆଶାୟୀ ଥିଲି। ହେଲେ ଦଳ ନିର୍ବାଚନ ଲଢ଼ିବାକୁ ସୁଯୋଗ ଦେଲାନାହିଁ। ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେଇଥିବା ଏହି ନିଷ୍ପତ୍ତିକୁ ସ୍ୱାଗତ କରୁଛି। ପ୍ରତ୍ୟକ୍ଷ ରାଜନୀତିରେ ଖୁବ୍‌ଶୀଘ୍ର ଯୋଗଦେଇ ବିଜେଡି ପାଇଁ ପ୍ରଚାର କରିବି। ବିଭିନ୍ନ ମହଲରେ ସ୍ୱାଧୀନ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ଚାଲିଛି। ହେଲେ ଦଳବିରୋଧୀ କାର୍ଯ୍ୟ କରିବି ନାହିଁ। ନବୀନଙ୍କ ଆଦର୍ଶକୁ ନେଇ ଲୋକମାନଙ୍କ ପାଖରେ ପହଞ୍ଚିବି ବୋଲି ସାମାଜିକ ଅନୁଷ୍ଠାନ ପ୍ରୟାସରେ ପରିବର୍ତ୍ତନ ମୁଖ୍ୟ ଡା. ଲଲାଟେନ୍ଦୁ ନାୟକ ରବିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେ ଆହୁରି କହିଥିଲେ, ବହୁ ବର୍ଷରୁ ବିଜେଡିକୁ ପରୋକ୍ଷ ସମର୍ଥନ କରି ଆସୁଛି। ହେଲେ ସକ୍ରିୟ ରାଜନୀତି କେବେ ରହିନାହିଁ। ସାମାଜିକ ଅନୁଷ୍ଠାନ ପ୍ରୟାସରେ ପରିବର୍ତ୍ତନ କରି ଗ୍ରାମାଞ୍ଚଳ ଲୋକଙ୍କୁ ସୁବିଧା ଯୋଗାଇ ଦେଉଛି। ଏହି ଅନୁଷ୍ଠାନରେ ୧୫ଶହ ଯୁବତୀ ଯୁବକ ନିୟୋଜିତ ହୋଇଛନ୍ତି। ୪୦ ପିଲାଙ୍କ ପାଠପଢ଼ା ପାଇଁ ସହାୟତା ଯୋଗାଇ ଦିଆଯାଉଛି। ସେବା ଦିଗରେ ଗୁରୁତ୍ୱ ଦେଇ ଅନେକ କାମ କରାଯିବ। ପାନୀୟ ଜଳ ସମସ୍ୟା ଦୂର ହେବ। ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଡା. ନାୟକ କହିଥିଲେ।



ଖବରଦାତା ସମ୍ମିଳନୀରେ ଡା. ଲଲାଟେନ୍ଦୁ ନାୟକ ସୂଚନା ଦେଉଛନ୍ତି।

# ଚାନ୍ଦମୁଣ୍ଡାରେ ବିଜେଡି ବୈଠକ



ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାନ୍ଦମୁଣ୍ଡା ଗ୍ରାମରେ ଅନୁଷ୍ଠିତ ବିଜେଡି ବୈଠକରେ ନବ ଦାସଙ୍କ ସହ ମହିଳାମାନେ ଆଲୋଚନା କରୁଛନ୍ତି।

**ସମ୍ବଲପୁର,୩୧।୩(ବ୍ୟୁରୋ)** ଭାଜପା ଓ କଂଗେସଠାରୁ ଦୂରେଇ ରୁହ। ୨୦୧୪ ନିର୍ବାଚନ ପୂର୍ବରୁ ଭାଜପା ଦେଇଥିବା ପ୍ରତିଶ୍ରୁତି ପାଳନ ନ କରି ଲୋକଙ୍କୁ ଠକିଛି। ବିଗତ ୫ ବର୍ଷ ମଧ୍ୟରେ ଲୋକଙ୍କ ସମସ୍ୟା ଦୂର ହେବା ପରିବର୍ତ୍ତେ ବଢ଼ିଯାଇଛି। ତେଣୁ ଆଗାମୀ ନିର୍ବାଚନରେ ବିଜେଡିର ଏମ୍‌ପି ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଏବଂ ରୀନା ତନ୍ତୀଙ୍କୁ ଭୋଟ ନେବା ପାଇଁ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାନ୍ଦମୁଣ୍ଡା ଗ୍ରାମରେ ଅନୁଷ୍ଠିତ ବିଜେଡି ବୈଠକରେ ଯୋଗଦେଇ ପୂର୍ବତନ ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ଲୋକଙ୍କୁ ଅନୁରୋଧ କରିଛନ୍ତି। ବିଜେଡି ସକରାର ସମୟରେ ସମସ୍ତ ଗ୍ରାମରେ ରାସ୍ତା, ପାଣି, ବିଜୁଳି, ଶିକ୍ଷା ପହଞ୍ଚି ପାରିଛି। ମୋଟାମୋଟି ବିଜେଡି ସରକାର ରାଜ୍ୟର ବିକାଶ କରିଛି। ତେଣୁ ପୁଣି ଥରେ ସୁଯୋଗ ଦେଲେ ବିକାଶଧାରା ବଜାୟ ରହିବ ବୋଲି ଦାସ କହିଥିଲେ। ହେଲ ସେଠାରେ ଉପସ୍ଥିତ ମହିଳାମାନେ ଭତ୍ତା, ଘର, ଜମିପଟ୍ଟା, ବନ୍ଧ କଟା ସମସ୍ୟା ଉପରେ ଦାସଙ୍କୁ ଘେରିଯାଇଥିଲେ। ୨ ବର୍ଷ ଭିତରେ କମ୍ପାନୀ ସିଏସ୍‌ଆର୍ ଅନୁଦାନ ପାଣ୍ଠି ଓ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରେ ସବୁ ସମସ୍ୟା ଦୂର ହୋଇଯିବ ବୋଲି ଦାସ କହିଥିଲେ। ଏହି କାର୍ଯ୍ୟକ୍ରମରେ ମହାନଗର ନିଗମ ୪୦ନଂ ୱାର୍ଡ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଶତାଧିକ ମହିଳା ପୁରୁଷ ତଥା ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ। ଯତୀନ୍ଦ୍ର ପୂଜାରୀ, ଶାନ୍ତି ସାହୁ, ଫ୍ରାନସିସ ଫୁଲକରନ, କୈଳାସ ମିର୍ଦ୍ଧା, ସନତ ବାହାଦୁର, ପ୍ରମୋଦ ବିଶ୍ୱାଳ, ପ୍ରକାଶ ନାଏକ, କୁନା ଖରସେଲ, ଜି. ରାବଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅବସର ନେଲେ ବିଧାନସଭା ସଚିବ ଅମିୟ ଷଡ଼ଙ୍ଗୀ

**ଭୁବନେଶ୍ୱର,୩୧।୩ (ବ୍ୟୁରୋ)**

ବିଧାନସଭା ସଚିବ ପଦରୁ ଅମିୟ କୁମାର ଷଡ଼ଙ୍ଗୀ ରବିବାର ଅବସର ନେଇଛନ୍ତି। ତାଙ୍କ ସ୍ଥାନରେ ବିଧାନସଭା ଉପସଚିବ ଶିଶିର କାନ୍ତ ସ୍ୱାଇଁ ଅସ୍ଥାୟୀଭାବେ ଦାୟିତ୍ୱ ପାଇଛନ୍ତି। ଏହା ପୂର୍ବରୁ ୪ଥର ଅମିୟଙ୍କ କାର୍ଯ୍ୟକାଳକୁ ସରକାର ବୃଦ୍ଧି କରିଥିଲେ। ପଞ୍ଚମ ଥର ପାଇଁ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ଲାଗି ରାଜ୍ୟ ସରକାର ସୁପାରିସ କରିଥିଲେ। ମାତ୍ର କିଛିଦିନ ତଳେ ଏହାକୁ ନେଇ ରାଜ୍ୟପାଳ ଗଣେଶୀ ଲାଲ୍ ପ୍ରଶ୍ନ ଉଠାଇଥିଲେ। ଜଣଙ୍କ ଅବସର ସମୟ ପରେ ବାରମ୍ବାର କାର୍ଯ୍ୟକାଳ ବୃଦ୍ଧି କରିବା ଦ୍ୱାରା ଅନେକ ଅଧିକାରୀ ପଦୋନ୍ନତିରୁ ବଞ୍ଚିତ ହେଉଥିବା ରାଜ୍ୟପାଳ ପ୍ରଶ୍ନ ଉଠାଇଲେ। ଯେଉଁଥିପାଇଁ ଚାରିଆଡୁ ଅମିୟଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଥିଲା। ଫଳରେ ଅମିୟଙ୍କ ଅବସର ନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୧୩ ଏପ୍ରିଲ୧ରୁ ୨୦୧୯ ମାର୍ଚ୍ଚ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଅମିୟଙ୍କ କାର୍ଯ୍ୟକାଳ ୪ଥର ବୃଦ୍ଧି କରାଯାଇଛି। ଅନ୍ୟପଟେ ଅମିୟଙ୍କ କାର୍ଯ୍ୟକାଳ ବଢାଇବା ପାଇଁ ବିଧାନସଭା ଚାକିରି ନିୟମରେ ପରିବର୍ତ୍ତନ କରାଯାଇଥିଲା। ବିଧାନସଭାର ଯୁଗ୍ମ ସଚିବ, ଉପ ଶାସନ ସଚିବ ଏବଂ ଅତିରିକ୍ତ ସଚିବ ଭଳି ୫ଟି ପଦବୀକୁ ଜାଣିଶୁଣି ପୂରଣ କରାଯାଇ ନ ଥିବା ଅଭିଯୋଗ ମଧ କରାଯାଇଥିଲା। ଏତେସବୁ ପରେ ମଧ ତାଙ୍କ କାର୍ଯ୍ୟକାଳ ବଢାଇବାକୁ ସୁପାରିସ କରାଯିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିବା ସାଧାରଣରେ ପ୍ରଶ୍ନ ଉଠିଛି।

# ଗାନ୍ଧିଜୀଙ୍କ ସତ୍ୟାଗ୍ରହ ଶୀର୍ଷକ ବକ୍ତୃତାମାଳା




ସମ୍ବଲପୁର ଜିଏମ୍‌ୟୁ ପ୍ରେକ୍ଷାଳୟରେ ଆୟୋଜିତ ବକ୍ତୃତାମାଳାରେ ମଞ୍ଚାସୀନ ଅତିଥି, ବକ୍ତା ଓ କର୍ମକର୍ତ୍ତା।

**ସମ୍ବଲପୁର,୩୧।୩(ବ୍ୟୁରୋ)** ଗାନ୍ଧୀ ସତ୍ୟ ଓ ଅହିଂସାର ପଥିକ ଥିଲେ। ସେ ଦୈନନ୍ଦିନ ଜୀବନରେ ସତ୍ୟ, ଅହିଂସା, ନିର୍ଭୀକତା ଓ ସଂଯମର ପ୍ରୟୋଗ କରିଥିଲେ। ସତ୍ୟାଗ୍ରହକୁ ଗାନ୍ଧୀ ଧର୍ମଯୁଦ୍ଧ ଭାବେ ଦେଖୁଥିଲେ। ଯେଉଁଠି ଅସତ୍ୟ, ହିଂସା ଓ ଅସହିଷ୍ଣୁତାର ସ୍ଥାନ ନ ଥିଲା। ତେଣୁ ତାଙ୍କ ତ୍ୟାଗ୍ରହରେ ହାର୍-ଜିତ୍ ନାହିଁ। ବିଜୟରେ ଆତ୍ମନିର୍ଭର ନ ଥାଏ କିମ୍ବା ପରାଜୟରେ ଆତ୍ମଗ୍ଲାନି ନ ଥାଏ ବୋଲି ପୂର୍ବତନ ରାଜ୍ୟ ସୂଚନା କମିଶନର ତଥା ସାମାଜିକ କର୍ମୀ ଜଗଦାନନ୍ଦ ମତପ୍ରକାଶ କରିଛନ୍ତି। ସେତୁ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ସେତୁ ଉପସଭାପତି ଡ. ମିନକେତନ ପାଠୀଙ୍କ ଅଧ୍ୟକ୍ଷତାରେ ରବିବାର ଜିଏମ୍‌ୟୁ ପ୍ରେକ୍ଷାଳୟରେ ସତ୍ୟାଗ୍ରହ-ଗାନ୍ଧିଜୀଙ୍କ ବିଚାରଧାରା ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ଜିଏମ୍‌ୟୁ କୁଳପତି ପ୍ରଫେସର ଅତନୁ କୁମାର ପତି ଏବଂ ଓଏସ୍‌ଓୟୁ କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ଯୋଗଦେଇ ଏହି ପ୍ରସଙ୍ଗରେ ନିଜସ୍ୱ ମତାମତ ପ୍ରଦାନ କରିଥିଲେ। ସେତୁ ସମ୍ପାଦକ ଡ. ସନ୍ତୋଷ କୁମାର ଦାଶ ପ୍ରାରମ୍ଭିକ ସୂଚନା, ଅତିଥି ପରିଚୟ ଏବଂ ଓଏସ୍‌ଓୟୁ କୁଳସଚିବ ଡ. ଜୟନ୍ତ କରଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପରେ ଜିଏମ୍‌ୟୁର କୁଳସଙ୍ଗୀତ ବିଶ୍ୱ ଦେଖ ମଧୁମୟ ଗାନ କରାଯାଇଥିଲା। ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

# କଳାପରିଷଦରେ ଦଳଗତ ଓଡ଼ିଶୀ ନୃତ୍ୟ

**ସମ୍ବଲପୁର,୩୧।୩(ବ୍ୟୁରୋ)** ସମ୍ବଲପୁର କଳାପରିଷଦରେ ପ୍ରଶିକ୍ଷଣ ନେଉଥିବା ଓଡ଼ିଶୀ ନୃତ୍ୟ ପ୍ରଶିକ୍ଷାର୍ଥୀମାନେ ରବିବାର ଦଳଗତ ନୃତ୍ୟ ପରିବେଷଣ କରିଛନ୍ତି। କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ହୋତା ଓ ଓଡ଼ିଶୀ ପ୍ରଶିକ୍ଷକ ଗୁରୁ ଗୌତମ ରାୟଙ୍କ ତତ୍ତ୍ୱାବଧାନରେ ଗତ ୧୫ ଦିନ ହେବ ୬୦ ପ୍ରଶିକ୍ଷାର୍ଥୀ ଓଡ଼ିଶୀ ନୃତ୍ୟ ପ୍ରଶିକ୍ଷଣ ନେଉଥିଲେ। ପ୍ରଶିକ୍ଷଣ ସରିବା ପରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ଘୋଷଣା କରାଯାଇଥିଲା। ପରେ ସେମାନେ ନୃତ୍ୟ ପରିବେଷଣ କରିଥିଲେ। ସମ୍ପାଦକ ସୁଶାନ୍ତ କୁମାର ମିଶ୍ର, ସଞ୍ଜୀବ ମିଶ୍ର, ଲଳିତ ଜେନା, ସୁନୀଲ ତ୍ରିପାଠୀ, ସୂର୍ଯ୍ୟପ୍ରକାଶ ଗୁରୁ, ମନୋରଞ୍ଜନ ପାଢ଼ୀ, ଅପର୍ଣ୍ଣା ପାଢ଼ୀ ଓ ଡ. ବିଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଫକୀରମୋହନ ଓଡ଼ିଆ ସାହିତ୍ୟର ସେନାପତି

**ସମ୍ବଲପୁର,୩୧।୩(ବ୍ୟୁରୋ)** ଫକୀରମୋହନ ଓଡ଼ିଆ ସାହିତ୍ୟର ସେନାପତି ଥିଲେ। ଭାଷା ଓ ସାହିତ୍ୟର ସୁରକ୍ଷା ଓ ସଂସ୍କାର କାର୍ଯ୍ୟରେ ସେ ବ୍ରତୀ ଥିଲେ। ତେଣୁ ତାଙ୍କୁ ଆଧୁନିକ ସାହିତ୍ୟର କର୍ଣ୍ଣଧାର କୁହାଯାଏ। ନାରୀ ଶିକ୍ଷାର ପ୍ରଚାରପ୍ରସାର ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ସେ। ତେଣୁ ନାରୀ ଶିକ୍ଷା ବିପକ୍ଷବାଦୀଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଯାଇ ସେ ରେବତୀ ଗଳ୍ପର ପରିକଳ୍ପନା କରିଥିଲେ। ରବିବାର ସମ୍ବଲପୁର ଭୀମ ଭୋଇ ସାହିତ୍ୟ ସଂସଦ ସଭାକକ୍ଷରେ ଆୟୋଜିତ ଆଲୋଚନାଚକ୍ରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଡ. ଦୀନବନ୍ଧୁ ବେହେରା ଏହା କହିଛନ୍ତି। ସଂସଦ ସଭାପତି ଡ. ନୌବିହାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଫକୀରମୋହନ ସେନାପତିଙ୍କ ଗଳ୍ପ ସାହିତ୍ୟରେ ସଂସ୍କାର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ଲମ୍ବୋଦର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ସରୋଜ କୁମାର ପଟ୍ଟନାୟକ ସୂଚନା ପ୍ରଦାନ କରିଥିଲେ। ସହସମ୍ପାଦକ ସରୋଜ କୁମାର ଦାଶ, କୋଷାଧ୍ୟକ୍ଷ ଦିଲୀପ କୁମାର ବୋଷ, ପାଠାଗାର ତତ୍ତ୍ୱାବଧାରକ ବିନୋଦ ବିହାରୀ ନନ୍ଦ, ପ୍ରେଜେକ୍ଟ ଲିଡର୍ ଅଜୟ କୁମାର ତରେଇ, କାର୍ଯ୍ୟକାରୀ ସଦସ୍ୟ ଲମ୍ବୋଦର ମିଶ୍ର, ଦିଲୀପ କୁମାର ପଣ୍ଡା, ହିମାଂଶୁ ମିଶ୍ର, ସନ୍ତୋଷ କୁମାର ବିଶ୍ୱାଳ, ବାଲ୍ମିକା ଦାଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।



ଭୀମ ଭୋଇ ସାହିତ୍ୟ ସଂସଦ ଆୟୋଜିତ ଆଲୋଚନାଚକ୍ରରେ କର୍ମକର୍ତ୍ତା ଓ ବକ୍ତା।

# ଗାୟତ୍ରୀ ଫାର୍ମାସୀ କଲେଜରେ କର୍ମନିଯୁକ୍ତି ଶିବିର

**ସମ୍ବଲପୁର,୩୧।୩(ବ୍ୟୁରୋ)** ଗାୟତ୍ରୀ ଫାର୍ମାସୀ କଲେଜରେ ରବିବାର କର୍ମନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଛି। ଟ୍ରୋଲେକୋ ଫାର୍ମାସ୍ୟୁଟିକାଲ୍ ସେଲ୍ସ ମ୍ୟାନେଜର ସୌରଭ ବ୍ୟାସ, ଏରିଆ ମ୍ୟାନେଜର ପ୍ରଜ୍ଞାଦିତ୍ୟ ନନ୍ଦ ଏଥିରେ ଯୋଗଦେଇଥିଲେ। କଲେଜ ପ୍ରତିଷ୍ଠାତା ସମ୍ପାଦକ ଶିବନାରାୟଣ ଶତପଥୀ, ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଶତପଥୀ, ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ମହାପାତ୍ର, ଉନ୍ନୟନ ଓ ନିଯୁକ୍ତି ଅଧିକାରୀ ଅତିଶ ଶତପଥୀ ଶିବିରରେ ଉପସ୍ଥିତ ଥିଲେ। ଓଡ଼ିଶାର ବିଭିନ୍ନ ଫାର୍ମାସୀ କଲେଜର ବି-ଫାର୍ମ ଛାତ୍ରୀଛାତ୍ର କର୍ମନିଯୁକ୍ତି ଶିବିରରେ ସାମିଲ ହୋଇଥିଲେ।




ଗାୟତ୍ରୀ ଫାର୍ମାସୀ କଲେଜରେ କର୍ମନିଯୁକ୍ତି ଶିବିର।

## କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ବାର୍ଷିକ ଉତ୍ସବ

**ରିଆମାଳ, ୩୧।୩ (ଡି.ଏନ୍.ଏ.)** ରିଆମାଳ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଦ୍ୱାଦଶ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରିଆମାଳ ଥାନା ଅଧିକାରୀ ପ୍ରଦୀପ କୁମାର କେରକେଟା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମାକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ରିଆମାଳ ସରପଞ୍ଚ ତରଣୀସେନ ପ୍ରଧାନ, ଶିକ୍ଷୟିତ୍ରୀ ବୀଣାପାଣି ପ୍ରଧାନ, ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡଃ ଝସକେତନ ପ୍ରଧାନ, ସିଆରସିସି କୁମରମଣି ସାହୁ, ଶିକ୍ଷକ ସୁରେଶ କୁମର ପ୍ରଧାନ ଯୋଗଦେଇଥିଲେ। କଠିନ ପରିଶ୍ରମ କରିଲେ ସଫଳତା ମିଳିଥାଏ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଆମନ୍ତ୍ରିତ ଅତିଥିମାନେ ପୁରସ୍କୃତ କରିଥିଲେ। ଚଳିତବର୍ଷ ଉତ୍ତମ ଛାତ୍ରୀ ଭାବେ ଅଷ୍ଟମ ଶ୍ରେଣୀର ତପସ୍ୱିନୀ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଛି। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ମନୋରଞ୍ଜନ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବେଶ ଆକୃଷ୍ଟ କରିଥିଲା। ଶିକ୍ଷକ ନାରାୟଣ ବିଶ୍ୱାଳ ସଂଯୋଜନା କରିଥିବାବେଳେ ସୁରେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କସ୍ତୁରବା ଗାନ୍ଧୀ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ବିଏସ୍‌ପି ଖୋଲିବ ରାଜ୍ୟ, କେନ୍ଦ୍ରର ଦୁର୍ନୀତି ପେଡ଼ି

**ସମ୍ବଲପୁର,୩୧।୩(ବ୍ୟୁରୋ)** ବହୁଜନ ସମାଜ ପାର୍ଟି (ବିଏସ୍‌ପି) ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୁର୍ନୀତିର ପେଡ଼ି ଖୋଲିବ। ସମ୍ବଲପୁର ଲୋକ ସଭା ଓ ବିଧାନସଭା କ୍ଷେତ୍ରରେ ଦଳୀୟ ପ୍ରାର୍ଥୀମାନେ ଜନସାଧାରଣଙ୍କୁ ଦୁର୍ନୀତି ବିଷୟରେ କହିବେ। ଏ ନେଇ ଉପରୁ ତଳ ସ୍ତର ବିଏସ୍‌ପି କର୍ମୀ ଓ ନେତାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରବିବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଜିଲା ସଭାପତି ନିହାଲ ସିଂ ଏହି ସୂଚନା ଦେଇଛନ୍ତି। ସେ କହିଥିଲେ ଯେ ରଙ୍ଗବତୀ ଗାୟକ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ଦରଠରେ ସ୍ୱାଗତ କରୁଛୁ। ଦଳରେ ଯୋଗଦେବା ପରେ ତାଙ୍କୁ ବିଏସ୍‌ପି ଟିକେଟରୁ ପ୍ରାର୍ଥୀ କରିବାରେ କୌଣସି ଅସୁବିଧା ନାହିଁ। ଦେଶ ବିଦେଶରେ ସେ ସୁନାମ ଅର୍ଜନ କରିଛନ୍ତି। ସେ ଜଣେ ନିର୍ବିବାଦୀୟ ବ୍ୟକ୍ତି। ତେଣୁ କଳାକାରମାନଙ୍କୁ ଆମ ଦଳ ସବୁବେଳେ ପ୍ରାଧାନ୍ୟ ଦେଇ ଆସୁଛି ଓ ଭବିଷ୍ୟତରେ ମଧ ଦେବ ବୋଲି ସିଂ କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଲୋକ ସଭା ପ୍ରଭାରୀ ମହମ୍ମଦ ଫାରୁକ, ରେଢ଼ାଖୋଲ ବିଧାନସଭା ପ୍ରଭାରୀ ସଙ୍କେତ ବହିଦାର, ସହର ସଭାପତି ମହମ୍ମଦ ଜାବେଦ ହୁସେନ, ଉପସଭାପତି ମହମ୍ମଦ ଅମିନ, ସାଧାରଣ ସମ୍ପାଦକ କୁନ୍ଦନ ନାଗ, ପୂର୍ବତନ ଲୋକସଭା ପ୍ରଭାରୀ ଅମିତ ରେହେମାନ୍, କ୍ଷେତ୍ର ପ୍ରଭାରୀ ବିପିନ ବିହାରୀ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ସମ୍ବଲପୁର ବିଏସ୍‌ପି ଜିଲା ସଭାପତି ନିହାଲ ସିଂ ସୂଚନା ଦେଉଛନ୍ତି।



ସଂସାର ପ୍ରତି ତିଳେ ହେଲେ ଆସକ୍ତି ଥିଲେ ଭଗବାନଙ୍କୁ ଲାଭ କରିହେବ ନାହିଁ, ଯେପରି ସୂତାରେ ଟିକିଏ ଆଂଶୁ ଥିଲେ ଛୁଞ୍ଚିରେ ଗଳେନାହିଁ।

- ଶ୍ରୀ ରାମକୃଷ୍ଣ ପରମହଂସ



**ସଂକ୍ଷେପରେ**

## ତାତି ସହ ବିଦ୍ୟୁତ କାଟ, ଜନଜୀବନ ଅସ୍ତବ୍ୟସ୍ତ

**ଅତାବିରା, ୩୧।୩ (ଡି.ଏନ.ଏ):** ବଢୁଛି ଦିନକୁ ଦିନ ତାପମାତ୍ରା ବଢ଼ିବାରେ ଲାଗିଛି । ତାତି ସାଙ୍ଗକୁ ବିଦ୍ୟୁତ କାଟ ଯୋଗୁ ସାଧାରଣ ଜୀବନଯାପନ ଅସ୍ତବ୍ୟସ୍ତ ହୋଇପଡୁଛି । ଅସହ୍ୟ ତାତି ଯୋଗୁ ଦିନ ୧୧ଟାରୁ ଘରୁ ବାହାରି ହେଉନି । ରାସ୍ତାଘାଟ ଶୂନଶାନ ହୋଇଯାଉଛି । ଚାଷୀମାନେ ଧାନ ଫସଲରେ ଲଟା, ଔଷଧ ସେଚନ କରିବାରେ ତାତି ବାଧକ ସାଜିଛି । ଗାଈ ଗୋରୁଙ୍କୁ ଚାରଣ ଭୂମିକୁ ନେଲେ ୧୧ଟା ପୂର୍ବରୁ ଘରକୁ ଆଣିବାକୁ ପଡୁଛି । ସ୍କୁଲ, କଲେଜକୁ ପଢ଼ିବାକୁ ଯାଉଥିବା ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ସେହିପରି ବିଦ୍ୟୁତ କାଟ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।

## ମୁଗ ଫସଲରେ ରୋଗ ପୋକ

**ଅତାବିରା, ୩୧।୩ (ଡି.ଏନ.ଏ):** ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତର ଉଦେପୁର ଗ୍ରାମର ଅଣଜଳସେଚିତ ଜମିରେ ଚାଷୀମାନେ ମୁଗ ଚାଷ କରିଥିଲେ । ହେଲେ ବର୍ତ୍ତମାନ ମୁଗ ଚାଷରେ ରୋଗ ପୋକ ଯୋଗୁ ଗଛ ଗୁଡିକ ଝାଉଁଳିଯିବା ସହିତ ପତ୍ର ଗୁଡିକ ହଳଦିଆ ହୋଇଯାଇଛି । ମୁଗ ଗଛରେ ଯେତିକି ଫଳ ଆସିବା କଥା ତାଠାରୁ ଢ଼େର କମ୍ ଆସୁଥିବାରୁ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି । ଚାଷୀମାନେ କୀଟନାଶକ ଔଷଧ ପ୍ରୟୋଗ କରୁଥିଲେ ମଧ କାମକୁ ଆସୁନି । ମୁଗ ଫସଲ ଉଜୁଡି ଗଲାଣି ବୋଲି ଚାଷୀ ଗଦାଧର ଦନ୍ତା, ସଦାନନ୍ଦ ଦନ୍ତା, ଭରତ ମହାପାତ୍ର, ବୁଲୁ ଦନ୍ତା କହିଛନ୍ତି ।

## ୧୬୩ ଜଣଙ୍କ ଚକ୍ଷୁ ପରୀକ୍ଷା

**ଭଟଲି, ୩୧।୩(ଡି.ଏନ.ଏ):** ଭଟଲି ରାଜୀବ ଭବନ ପରିସରରେ ବିନ୍ଦାସ ଗ୍ରୁପ ଓ ସମ୍ବଲପୁରସ୍ଥିତ ତ୍ରିଲୋଚନ ନେତ୍ରାଳୟର ମିଳିତ ଆନୁକୂଲ୍ୟରେ ରବିବାର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୬୩ ଜଣ ଆଖି ପରୀକ୍ଷା କରାଇଥିଲେ । ସେମାନଙ୍କ ମଧ୍ୟରୁ ୫୩ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ସମ୍ବଲପୁର ପଠାଯାଇଥିଲା । ଅବଶିଷ୍ଟ ୧୧୦ ଜଣ ରୋଗୀଙ୍କୁ ଔଷଧ ବିତରଣ କରାଯାଇଥିଲା। ନେତ୍ରାଳୟର କ୍ୟାମ୍ପ ମ୍ୟାନେଜର ସୁଧାଂଶୁ ଖଣ୍ଡୱାଲ, ନିକିତା ରାଜ, ମାନସ ବେହେରା, ସୁଶାନ୍ତ କୁମାର ମହାରଣା, ପ୍ରଶାନ୍ତ ମେହେର ସହଯୋଗ କରିଥିଲେ ।

## ଭଟଲି ଭାଜପାରେ ମିଶ୍ରଣ ପର୍ବ

**ଭଟଲି,୩୧।୩(ଡି.ଏନ.ଏ):** ଭଟଲି ଭାଜପାରେ ରବିବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଭାଜପା କାର୍ଯ୍ୟାଳୟରେ ଦଳୀୟ ବିଧାୟକ ପ୍ରାର୍ଥୀ ଇରାସିସ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ପଧାନ, କିରଟୀ ଚନ୍ଦ୍ର ଠାକୁର, ପୂର୍ବତନ ଭଟଲି ବ୍ଲକ ବିଜେଡି ସଭାପତି ବିରୂପାକ୍ଷ ପଧାନଙ୍କ ନେତୃତ୍ୱରେ ସୁକୁଡା ଓ ଡୁମ୍ବାଲପାଲି ଗ୍ରାମପଞ୍ଚାୟତର ଶତାଧିକ ସମର୍ଥକ ଭାଜପାରେ ଯୋଗଦାନ କରିଥିଲେ । ଏକ ବାଇକ ରାଲିରେ ସମସ୍ତ ସମର୍ଥକ ଆସି ପ୍ରଥମେ ଦଧିବାମନ ମହାପ୍ରଭୁଙ୍କୁ ଦର୍ଶନ କରି ଇରାସିସଙ୍କ ଘରକୁ ଯାଇଥିଲେ। ପରେ ଇରାସିସ ସମସ୍ତଙ୍କ ଗହଣରେ ଆସି ଭାଜପା କାର୍ଯ୍ୟାଳୟରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ।

## ମାଣ୍ଡିଆଢ଼ିପା ଧନୁଯାତ୍ରା ଉଦ୍ଯାପିତ

**ପାଇକମାଳ,୩୧।୩(ଡି.ଏନ.ଏ):** ପାଇକମାଳ ବ୍ଲକ ମାଣ୍ଡିଆଢ଼ିପାଠାରେ ୫ଦିନ ଧରି ଚାଲିଥିବା ଧନୁଯାତ୍ରା ମହୋତ୍ସବ କଂସ ବଧ ସହ ଉଦ୍ଯାପିତ ହୋଇଯାଇଛି । କୃଷ୍ଣ ବଳରାମଙ୍କ ମଥୁରା ଗମନ, କୁବଳୟା ହସ୍ତୀ ବଧ, କୁବୁଜା ଉଦ୍ଧାର, ଶିବ ଧନୁ ଭଗ୍ନ, କୃଷ୍ଣ ବଳରାମଙ୍କ ଦ୍ୱାରା କଂସ ବଧ, ଉଗ୍ରସେନଙ୍କ ରାଜାଭିଷେକ ପ୍ରମୁଖ ନାଟ୍ୟାଭିନୟ ହୋଇଥିଲା। ବିଭିନ୍ନ ଭୂମିକାରେ କଂସ ଗୋପବନ୍ଧୁ ସାହୁ, ମହାମନ୍ତ୍ରୀ ଚିନ୍ତାମଣି କୁମ୍ଭାର, ଅକ୍ରୁର କୁବେର ଗିରି ସାହୁ, କୃଷ୍ଣ ଚନ୍ଦନ ଥପା, ବଳରାମ ସଜୀବ ଚନ୍ଦନ, ସେନାପତି ପୁରୁଷୋତ୍ତମ ସାହୁ, ହିରାଲାଲ ବରିହା, ସରୋଜ ପୁରୋହିତ, ଚାଣ୍ଡୁର ପଙ୍କଜ କର୍ଣ୍ଣ ପ୍ରମୁଖ ଅଭିନୟ କରିଥିଲେ । ଉଦ୍ଯାପନୀ ଉତ୍ସବରେ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ପଣ୍ଡିତ ଡିଗ୍ରୀଧର ଦେବତା, ରାଜ କିଶୋର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।



ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଥିବା ଭାଜପା ନେତୃବୃନ୍ଦ ।



ଅଭିଯୋଗ ନେଇ ଅତିରିକ୍ତ ଜିଲାପାଳଙ୍କୁ ଭାଜପା ନେତାମାନେ ଭେଟୁଛନ୍ତି ।

# ସାଧାରଣ ନିର୍ବାଚନରେ ଜିଲା ପରିଷଦ ତାତି

**ବରଗଡ଼ ଅଫିସ୍,୩୧।୩**

ସାଧାରଣ ନିର୍ବାଚନ ପାଇଁ ଦେଶବ୍ୟାପୀ ରାଜନୈତିକ ବାତାବରଣ ଉଷ୍ମ ହୋଇଛି। ମାତ୍ର ବରଗଡ଼ ଜିଲାରେ ଏବେ ସାଧାରଣ ନିର୍ବାଚନଠାରୁ ଜିଲା ପରିଷଦ ତାତି ବଢ଼ି ଯାଇଛି । ଭାଜପାର ୯ଜଣ ଜିଲା ପରିଷଦ ସଭ୍ୟ ଦଳରୁ ଇସ୍ତଫା ଦେବା ସହିତ ବିଜେଡ଼ିରେ ସାମିଲ ହେବା ଘୋଷଣା କରିବା ପରେ ଏହାକୁ ନେଇ ଛକାପଞ୍ଝା ଲାଗି ରହିଛି । ଏଭଳି ସ୍ଥିତିରେ ଦୀର୍ଘବର୍ଷ ବ୍ୟବଧାନ ପରେ ନିଜ କବ୍‌ଜାକୁ ଆଣିଥିବା ଜିଲା ପରିଷଦ ଭାଜପା ହାତରୁ ଖସିଯିବା ଆଶଙ୍କା ରହିଛି । ଏହି ଘଟଣା ପରେ ବିଜେଡ଼ି ବିରୋଧରେ ଭାଜପା ନିର୍ବାଚନ ଆଚରଣ ବିଧି ଉଲଂଘନ ଅଭିଯୋଗ ଆଣିଛି ।

ଚଳିତ ସାଧାରଣ ନିର୍ବାଚନରେ ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡ଼ି ପ୍ରାର୍ଥୀ ସୁଶାନ୍ତ ସିଂ ଏବଂ ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡ଼ି ପ୍ରାର୍ଥୀ ବିଜୟ ରଞ୍ଜନ ସିଂ ବରିହା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଭାଜପା ଅଭିଯୋଗ କରିଛି। ଏଭଳି ଅଭିଯୋଗ ନେଇ ଭାଜପାର ବରଗଡ଼ ଲୋକସଭା ପ୍ରାର୍ଥୀ ସୁରେଶ ପୂଜାରୀଙ୍କ ନିର୍ବାଚନ ଏଜେଣ୍ଟ ସୁରେଶ୍ୱର ଶତପଥୀ ରବିବାର ନିର୍ବାଚନ ଅଧିକାରୀ ତଥା ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କଠାରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି। ଜିଲାପାଳ ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝୀ ଅଭିଯୋଗପତ୍ର ଗ୍ରହଣ କରିଥିଲେ ।

ଅଭିଯୋଗ ଅନୁସାରେ, ମନ୍ତ୍ରୀ ସିଂ ଓ ପୂର୍ବତନ ମନ୍ତ୍ରୀ ସିଂ ବରିହା ଭାଜପାର ଜିଲା ପରିଷଦ ସଭ୍ୟଙ୍କୁ ଆର୍ଥିକ ଲୋଭ ଦେଖାଇ ଦଳରୁ ଇସ୍ତଫା ଦେବା ସହିତ ବିଜେଡ଼ିରେ ସାମିଲ ହେବାକୁ ବାଧ କରିଛନ୍ତି । ମନ୍ତ୍ରୀ ସିଂଙ୍କ ଘରେ ସମ୍ପୃକ୍ତ ଜିଲା ପରିଷଦ ସଭ୍ୟଙ୍କୁ ରଖି ସେଥିପାଇଁ ଜଣ ପିଛା ୬ଲକ୍ଷ ଟଙ୍କା ଲେଖାଏଁ ପ୍ରଲୋଭନ ଦେଖାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି । ତେବେ ୨ଜିଲା ପରିଷଦ ସଭ୍ୟା ସୁଷମା ଭୁଏ ଏବଂ ସସ୍ମିତା ଡନସନା ସେମାନଙ୍କ କବ୍‌ଜାରୁ ଖସି ଆସି ଗଣମାଧ୍ୟମ ସମ୍ମୁଖରେ ଘଟଣା ସମ୍ପର୍କରେ କହିବାରୁ ତାହା ସାମ୍ନାକୁ ଆସିଛି। ସେହିପରି ଅନ୍ୟ ଜଣେ ଜିଲା ପରିଷଦ ସଭ୍ୟା ପାର୍ବତୀ ଭୁଏ ଏପର୍ଯ୍ୟନ୍ତ ବିଜେଡ଼ି ନେତାଙ୍କ କବ୍‌ଜାରେ ଥିବାବେଳେ ତାଙ୍କ ସ୍ୱାମୀ ଅନୁରୂପ ଅଭିଯୋଗ ଆଣିଛନ୍ତି । ବିଜେପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଗତ ୨୫ତାରିଖରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡ଼ି ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିବା ପରଠାରୁ ଭାଜପା ନେତା, କର୍ମୀଙ୍କୁ ନିୟମିତ ଧମକ ଦିଆଯାଉଛି । ଜିଲା ପରିଷଦ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଜିଲା ପରିଷଦ ସଭ୍ୟଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦେବା ସହିତ ବିଜେଡ଼ି ନେତାଙ୍କ କବ୍‌ଜାରେ ଥିବା ଭାଜପା ଜିଲା ପରିଷଦ ସଭ୍ୟାଙ୍କୁ ଉଦ୍ଧାର କରିବା ପାଇଁ ସ୍ମାରକପତ୍ରରେ ଦାବି କରାଯାଇଛି। ଭାଜପାର ବରଗଡ଼ ଲୋକସଭା ପ୍ରାର୍ଥୀ ସୁରେଶ ପୂଜାରୀ, ତାଙ୍କ ନିର୍ବାଚନ ଏଜେଣ୍ଟ ସୁରେଶ୍ୱର ଶତପଥୀ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଜିଲା ପରିଷଦ ସଭ୍ୟା ସୁଷମା ଭୁଏ ପ୍ରମୁଖ ଅଭିଯୋଗପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ । ଅଭିଯୋଗପତ୍ରର ନକଲ ମୁଖ୍ୟ ନିର୍ବାଚନ କମିଶନର ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କ ପାଖକୁ ପଠାଯାଇଛି ବୋଲି ଅଭିଯୋଗକାରୀ ଶତପଥୀ କହିଛନ୍ତି। ଅନ୍ୟପକ୍ଷେ ଭାଜପାର ଏଭଳି ଅଭିଯୋଗକୁ ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ଖଣ୍ଡନ କରିଛନ୍ତି । ଅଭିଯୋଗ ସମ୍ପୂର୍ଣ୍ଣ ଅମୂଳକ, ଅଯୌକ୍ତିକ ଏବଂ ସେଥିରେ କିଛି ସତ୍ୟତା ନ ଥିବା ସେ କହିଛନ୍ତି। ପ୍ରକାଶଥାଉକି, ୩୪ ଜିଲା ପରିଷଦ ଆସନ ବିଶିଷ୍ଟ ବରଗଡ଼ ଜିଲାରେ ଗତ ତ୍ରିସ୍ତରୀୟ ନିର୍ବାଚନରେ ଭାଜପା ସର୍ବାଧିକ ୨୫ଆସନ ଦଖଲ କରି ଜିଲା ପରିଷଦ ଗଠନ କରିଥିବାବେଳେ ବିଜେଡ଼ିକୁ ମାତ୍ର ୯ଟି ଆସନରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ଏବେ ଭାଜପାରୁ ନିର୍ବାଚିତ ଜିଲା ପରିଷଦ ସଭ୍ୟ ଦଳରୁ ଇସ୍ତଫା ଦେଇ ବିଜେଡ଼ିରେ ସାମିଲ୍ ହେଉଥିବାରୁ ଭାଜପା ହାତରୁ ଜିଲା ପରିଷଦ ଖସିଯିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି ।

**ବରଗଡ଼ ଜିଲା**

- ବିଜେଡି ବିରୋଧରେ ଅଭିଯୋଗ ଆଣିଲା ଭାଜପା
- କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ବାଚନ ଅଧିକାରୀଙ୍କୁ ଫେରାଦ
- ଅଭିଯୋଗ ଅମୂଳକ, ଅଯୌକ୍ତିକ କହିଲା ବିଜେଡି

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ

**ପଦ୍ମପୁର, ୩୧।୩ (ଡି.ଏନ.ଏ)**

ପଦ୍ମପୁରର ସଚେତନ ହେମା ଅନୁଷ୍ଠାନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ୨୦୧୯ ରବିବାର ଉଦ୍‌ଘାଟିତ ହୋଇଛି । ପ୍ରଦୀପ ପୁରୋହିତ ଓ ଗ୍ରାମର ବୟୋଜ୍ୟେଷ୍ଠମାନଙ୍କୁ ନେଇ ପୂଜାର୍ଚ୍ଚନା ସରିବା ପରେ ଗାଁର କଳାକାରମାନେ ନାଟ୍ୟ ଜଗତର ଦୁଇ ଜଣ ମାଇଲଖୁଣ୍ଟ କେଶରଞ୍ଜନ ପଧାନ ଓ ଅଶୋକ ବହିଦାରଙ୍କୁ ନାଟ୍ୟ ତପସ୍ୱୀ ଉପାଧିରେ ବୃନ୍ଦ ଭୂଷିତ କରିଥିଲେ। ଲାଲ ସାହେବ ସାହୁଙ୍କୁ ସଙ୍ଗୀତ ତପସ୍ୱୀ ଓ ରାଜେଶ ବହିଦାରଙ୍କୁ କଳା ଓ ସଂସ୍କୃତ ପାଇଁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମହୋତ୍ସବର ପ୍ରଥମ ନାଟକ ବାବାବଧ ନାଟକକୁ ବୀଣାପାଣି ନାଟ୍ୟ ସଂସଦ, ସୋନପୁର କଳାକାରମାନେ ପରିବେଷଣ କରିଥିଲେ । ନାଟକକୁ ସୁମନ୍ତ ଭୋଇ ରଚନା ଓ ନିର୍ଦ୍ଦେଶନା କରିଥିବା ବେଳେ ଭଣ୍ଡ ବାବାଙ୍କ କାରନାମାକୁ ନେଇ ଏହା ଗତିଶୀଳ ହୋଇଥିଲା । ସେହିପରି ଦ୍ୱିତୀୟ ନାଟକକୁ 'ଲୁ' ପଦ୍ମପୁର କଳାକାରମାନେ ନାଟକ 'ଇସ୍ତଫା' ପରିବେଷଣ କରିଥିଲେ। ଏହାକୁ କେଶରଞ୍ଜନ ପଧାନ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ଜଗନ୍ନାଥ ସେଠ । ସାହେବମାନଙ୍କ ଗୋଲାମଗିରି ପ୍ରଥା ଉପରେ ଏହା ଜୋର ଦେଇଛି । ତୃତୀୟ ନାଟକ 'ମୋର କାଏଁ ଦୋଷ'କୁ ସଚେତନ ହେମା ତୋଳବନ୍ଧର କଳାକାରମାନେ ପରିବେଷଣ କରିଥିଲେ। ନାଟକକୁ ରାଜକୁମାର ସାହୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ । ଅନୁଷ୍ଠାନର ସଭ୍ୟ ଟିକେଲାଲ ସ୍ୱାଇଁ, ବିଜୟ ସ୍ୱାଇଁ, ଘନଶ୍ୟାମ ଭୋଇ, ଧର୍ମେନ୍ଦ୍ର ଲାହୁ, କୁଳମଣି ପଶାୟତ, ବସୁଦେବ ସାହୁ, ରୁକ୍ମଣ ସ୍ୱାଇଁ, ଜୟନ୍ତ ସାହୁ, ଘନଶ୍ୟାମ ସାହୁ, ସରୋଜ ସାହୁ ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ରାଜକୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୫ ବର୍ଷ ପରେ ନିର୍ବାଚନ ଲଢ଼ିବେ ରିପୁନାଥ

**ବରପାଲି, ୩୧।୩ (ଡି.ଏନ.ଏ)**

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠଙ୍କୁ ଏଥର ମିଳିଛି ବିଜେପୁର ବିଧାନସଭା ଟିକେଟ । ଏଥିପାଇଁ ଦଳର କର୍ମୀ ଉତ୍ସାହିତ ଓ ରିପୁନାଥ ସକ୍ରିୟ ହୋଇ ନିର୍ବାଚନ ମଇଦାନକୁ ଓହ୍ଲାଇ ଗାଁ ଗଣ୍ଡାରେ ଜୋରଦାର ପ୍ରଚାର ଚଳାଇଛନ୍ତି । ଦୀର୍ଘ ୧୫ ବର୍ଷ ପରେ ରିପୁ ନିର୍ବାଚନ ଲଢୁଛନ୍ତି। ୧୯୯୦ରେ ବିଜେପୁର ଆସନରୁ ରିପୁନାଥ କଂଗ୍ରେସ ପ୍ରାର୍ଥୀ ହୋଇ ସ୍ୱର୍ଗତ ନିକୁଞ୍ଜ ସିଂଙ୍କଠାରୁ ପରାସ୍ତ ହୋଇଥିଲେ। ୧୯୯୫ରେ ପୁଣି ବିଜେପୁର ଆସନରୁ ନିର୍ବାଚନ ଜିଣି ସେ ମନ୍ତ୍ରୀ ହୋଇଥିଲେ। ୨୦୦୦ରେ ପୁଣି ସେହି ଆସନରୁ ରିପୁ ପ୍ରାର୍ଥୀ ହୋଇ ବିଜେଡିରୁ ଅଶୋକ ପାଣିଗ୍ରାହୀଙ୍କଠାରୁ ପରାଜିତ ହୋଇଥିଲେ। ସେହିପରି ୨୦୦୪ରେ ଭଟଲି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଟିକେଟ ପାଇ ଅଳ୍ପ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିଲେ ରିପୁନାଥ । ଏହାପରେ ସେ ଦଳରେ ଥାଇ ମଧ୍ୟ ସାଙ୍ଗଠନିକ କାର୍ଯ୍ୟରୁ ନିଜକୁ ଦୂରେଇ ରଖିଥିଲେ । ୨୦୧୯ ନିର୍ବାଚନରେ କଂଗ୍ରେସ ରିପୁନାଥଙ୍କୁ ପୁଣି ଥରେ ସୁଯୋଗ ଦେଇଥିବାରୁ ଏହା ତାଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି । ସୂଚନାଯୋଗ୍ୟ, ବିଜେପୁର ବିଧାନସଭା ଆସନ ପାଇଁ କଂଗ୍ରେସରେ ଅଧ ଡଜନରୁ ଅଧିକ ଟିକେଟ ଆଶାୟୀ ଥିଲେ । ଏହି ତାଲିକାରେ ରାଜ୍ୟ ସରକାରଙ୍କ ଜଣେ ପ୍ରଶାସନିକ ସଚିବ, ବରିଷ୍ଠ ଆଇନଜୀବୀଙ୍କ ସମେତ ଭାଜପାରୁ ଯାଇ ନିକଟରେ କଂଗ୍ରେସରେ ସାମିଲ ହୋଇଥିବା ପ୍ରମୁଖ ନେତା ଟିକେଟ ପାଇଁ ଆବେଦନ କରିଥିଲେ । ସେମାନଙ୍କ ମଧ୍ୟରୁ ଦଳ ପ୍ରଥମ ପସନ୍ଦ ଭାବେ ରିପୁନାଥଙ୍କୁ ଭରସା କରି ଟିକେଟ ଦେଇଛି। ବିଜେପୁରରେ ସେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମୁକାବିଲା କରିବେ । ଏହାକୁ ନେଇ ନିର୍ବାଚନ ବାତାବରଣ ସରଗରମ ହୋଇପଡିଛି । ତେବେ ବିଜେପୁର ବାଜି କିଏ ମାରିବ ତାହା ଦେଖିବାକୁ ରହିଲା ।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକୋତ୍ସବ

## ସାମାଜିକ ପରିବର୍ତ୍ତନରେ ସୁମଣିଷଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବିଜେପୁର, ୩୧।୩ (ଡି.ଏନ.ଏ)**

ବିଜେପୁର ମାତୃତୀର୍ଥ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଊନବିଂଶତମ ବାର୍ଷିକୋତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ମ୍ୟାନେଜିଂ କମିଟି କୋଷାଧକ୍ଷ ମହେନ୍ଦ୍ର ଆଚାର୍ଯ୍ୟଙ୍କ ଅଧକ୍ଷତାରେ ସଭା ହୋଇଥିଲା । ପଞ୍ଚାନନ ସେଠ, ସଞ୍ଜୀବ ପଟେଲ, ଅଧକ୍ଷ ବଳରାମ ସାହା ପ୍ରମୁଖ ମଞ୍ଚାସୀନ ଥିଲେ । ସାଂପ୍ରତିକ କାଳରେ ଶୈକ୍ଷିକ ବାତାବରଣ କ୍ରମଶଃ ଅଭିବୃଦ୍ଧି ହେଉଛି । ତେଣୁ ଉଚ୍ଚ ଶିକ୍ଷିତ ଯୁବଗୋଷ୍ଠୀଙ୍କ ସଂଖ୍ୟା ପୂର୍ବାପେକ୍ଷା ବୃଦ୍ଧି ଘଟିଛି । ହେଲେ ସେମାନଙ୍କ ଦ୍ୱାରା ସମାଜରେ ଦୁର୍ନୀତି ଭ୍ରଷ୍ଟାଚାର ବଢ଼ିବାରେ ଲାଗିଛି । ତେଣୁ ସାମାଜିକ ପରିବର୍ତ୍ତନରେ ସୁମଣିଷଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସୁତରାଂ ଉଚ୍ଚଶିକ୍ଷିତ ଅପେକ୍ଷା ସୁମଣିଷ ନିର୍ମାଣ ଦିଗରେ ମାତାପିତା, ଗୁରୁଜନ ବ୍ରତୀ ହେବାର ଆବଶ୍ୟକତା ରହିଛି। ଶ୍ରୀଅରବିନ୍ଦ ପାଠଚକ୍ରର ବ୍ଲକ ସଂଯୋଜିକା ସୁଶ୍ରୀ ପ୍ରତିମା ଗୁରୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହା କହିଥିଲେ । ନିକିତା, ସୁରେୟା, ଜ୍ୟୋତି, ନିମା, ଆକାଂକ୍ଷା, ଚୁମକି, ସୌମ୍ୟା ପ୍ରମୁଖ ଛାତ୍ରୀଗଣ ମାତୃସଂଗୀତ ପରିବେଷଣ କରିଥିଲେ । ଛାତ୍ରୀ ନିକିତା ପଧାନ ଦୁର୍ଗାସ୍ତୋତ୍ର ପଠନ କରିଥିଲେ । ସମ୍ପାଦକ ରାଜେଶ ସେଠ ବାର୍ଷିକ ବିବରଣୀ, ସଭାପତି ସଞ୍ଜୀବ ପଟେଲ ଉଦ୍ଦେଶ୍ୟ ଜ୍ଞାପନ, ପ୍ରକାଶ ଚନ୍ଦ୍ର ଗୁରୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅଧକ୍ଷ ବଳରାମ ସାହା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମ୍ବଲପୁରୀ ନାଟକ 'କିରିଆ' ପରିବେଷଣ କରିଥିଲେ । ଏହି ନାଟକକୁ ନାଟ୍ୟକାର ରାଜେଶ କୁମାର କାରିଆ ରଚନା କରିଥିବା ବେଳେ ଚିତ୍ରସେନ ମେହେର ଓ ପ୍ରକାଶ ଚନ୍ଦ୍ର ଗୁରୁ ନିର୍ଦ୍ଦେଶନା ଦେଇଥିଲେ। ମନୋଜ ପାଣ୍ଡେ ଓ ସନ୍ଧ୍ୟାରାଣୀ ଛତର ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ।



ବାର୍ଷିକୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

## ସୁଶାନ୍ତ ସିଂଙ୍କୁ ସରପଞ୍ଚ ସଂଘର ସମ୍ବର୍ଦ୍ଧନା

**ସୋହେଲା,୩୧।୩(ଡି.ଏନ.ଏ)**

ଚଳିତ ସାଧାରଣ ନିର୍ବାଚନରେ ବରଗଡ ଜିଲା ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ତୃତୀୟ ଥର ପାଇଁ ମନ୍ତ୍ରୀ ସୁଶାନ୍ତ ସିଂହଙ୍କୁ ବିଜେଡି ତରଫରୁ ପ୍ରାର୍ଥୀ କରାଯାଇଛି । ଏହି ପରିପ୍ରେକ୍ଷୀରେ ରବିବାର ସ୍ଥାନୀୟ ଅଗ୍ରସେନ ଭବନଠାରେ ସୋହେଲା ବ୍ଲକ ସରପଞ୍ଚ ସଂଘ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ସଂଘ ସଭାପତି କୃପାସିନ୍ଧୁ ପାତ୍ର ସଭାପତିତ୍ୱ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ଉପସ୍ଥିତ ଥିଲେ । ଦିଲୀପ ପଧାନ ସ୍ୱାଗତ ଭାଷଣ ଓ କୁଚିପାଲି ସରପଞ୍ଚ ସବ୍ୟସାଚୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ଗାଇସିଲେଟ, ୩୧।୩(ଡି.ଏନ.ଏ)**

ଗାଇସିଲେଟ ସ୍ଥିତ ପହେଚାନ ଇଂଲିଶ ମାଧ୍ୟମ ନର୍ସରୀ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ପରିଚାଳନା ନିର୍ଦ୍ଦେଶକ ଲାଲବିହାରୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ଆଦିତ୍ୟ କୁମାର ପଣ୍ଡା ମୁଖ୍ୟ ଅତିଥି, ପଦ୍ମଶ୍ରୀ କୋଶଳୀ କବି ହଳଧର ନାଦ ମୁଖ୍ୟବକ୍ତା ଏବଂ ଅବସରପ୍ରାପ୍ତ ପଧାନ ଶିକ୍ଷକ ଆର୍ତ୍ତତ୍ରାଣ ଯୋଷୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ଅନୁଷ୍ଠାନର ପ୍ରଥମ ଶ୍ରେଣୀ ଶିଶୁମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା । ପଦ୍ମଶ୍ରୀ ନାଗ ମନୁଷ୍ୟକୁ ମାତୃଭାଷା ସହିତ ଇଂଲିଶ ଓ ହିନ୍ଦୀ ଭାଷା ଜାଣିବା ନିହାତି ଜରୁରୀ ବୋଲି କହିଥିଲେ। ସ୍କୁଲର ପ୍ରିନ୍ସପାଲ ଗୋକୁଳାନନ୍ଦ ସାହୁ ମଞ୍ଚ ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଶେଷରେ ନିର୍ଦ୍ଦେଶକ ସରୋଜ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

### ଅତାବିରା ନିର୍ବାଚନ ମଣ୍ଡଳୀ

## ପ୍ରଚାରରେ ବାହାରିଲେ ପ୍ରାର୍ଥୀ

**ଭେଡ଼େନ, ୩୧।୩ (ଡ଼ି.ଏନ.ଏ)**

ଅତାବିରା ବିଧାନସଭା କ୍ଷେତ୍ର ପାଇଁ ଲଢ଼େଇ ଆରମ୍ଭ ହୋଇଛି । ନିର୍ବାଚନ ମଇଦାନରେ ୫ ଜଣ ପ୍ରାର୍ଥୀ ଅଛନ୍ତି । ସେମାନେ ହେଲେ କଂଗ୍ରେସର ନିହାର ରଞ୍ଜନ ମହାନନ୍ଦ, ଭାଜପାର ମିଳନ ସେଠ, ବହୁଜନ ସମାଜ ପାର୍ଟିର ରବୀନ୍ଦ୍ର ମେଘ, ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ଏବଂ ପଶ୍ଚିମାଞ୍ଚଳ ବିକାଶ ପାର୍ଟିର ଲକ୍ଷ୍ମଣ କୁମାର ଭୋଇ । ପ୍ରାର୍ଥୀମାନେ ନିର୍ବାଚନୀ ପ୍ରଚାର ମଧ୍ୟ ଆରମ୍ଭ କରିଦେଇଛନ୍ତି । ବିଜେଡ଼ି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ନିଜ ବାସଭବନରେ ଭେଡ଼େନ ବ୍ଲକର ସମସ୍ତ ବିଜେଡ଼ି ସରପଞ୍ଚ ଓ ସମିତିସଭ୍ୟ ତଥା ସମସ୍ତ ପଞ୍ଚାୟତର ସକ୍ରିୟ କର୍ମୀମାନଙ୍କୁ ନେଇ ରୋଡ଼ମ୍ୟାପ ପ୍ରସ୍ତୁତ କରିଛନ୍ତି । ସେ ସୋମବାର ପୂର୍ବାହ୍ନରେ ବୁର୍ଦ୍ଧା ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ବିଧିବଦ୍ଧ ଭାବେ ନିର୍ବାଚନୀ ପ୍ରଚାରରେ ବାହାରିବେ ବୋଲି ଜଣାପଡ଼ିଛି । ଅପରପକ୍ଷରେ କଂଗ୍ରେସ ପ୍ରାର୍ଥୀ ନିହାର ରଞ୍ଜନ ମହାନନ୍ଦ ଭେଡ଼େନ ବ୍ଲକର ଅଏଁଲାପାଲି, ରେଶମ, ମାନପୁର ଆଦି ଗ୍ରାମପଞ୍ଚାୟତକୁ ଯାଇ ଜନସମ୍ପର୍କ ରକ୍ଷା କରିବା ସହ ଦଳର ଗ୍ୟାରେଣ୍ଟି କାର୍ଡ଼ ଭୋଟର ମାନଙ୍କୁ ପ୍ରଦାନ କରିଛନ୍ତି । ଭାଜପା ପ୍ରାର୍ଥୀ ମିଳନ ସେଠ ଥୁଆପାଲିରେ କର୍ମୀ ସମ୍ମିଳନୀ କରିବା ପରେ ରବିବାର ପପଙ୍ଗା ପାହାଡ଼ ପାଦ ଦେଶରେ ବରଗଡ଼ ଏମ୍‌ପି ପ୍ରାର୍ଥୀ ସୁରେଶ ପୂଜାରୀଙ୍କ ସହ ମିଶି କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ । ଅପରପକ୍ଷରେ ବିଏସପି ପ୍ରାର୍ଥୀ ରବୀନ୍ଦ୍ର ମେଘ ମଧ୍ୟ ବିଭିନ୍ନ ଗ୍ରାମକୁ ଯାଇ ଘର ଘର ବୁଲି ପ୍ରଚାର ଆରମ୍ଭ କରିଥିବା ଦେଖିବାକୁ ମିଳିଛି ।



ଭାଜପାର ବରଗଡ଼ ଏମ୍‌ପି ପ୍ରାର୍ଥୀ ସୁରେଶ ପୂଜାରୀ ପପଙ୍ଗା ପାହାଡ ପାଦଦେଶରେ ଥିବା ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧ ଏପ୍ରିଲ, ୨୦୧୯



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଥାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ



# ବିଜେଡି ଶାସନରେ ବିକାଶ ହୋଇନାହିଁ: ଖାରବେଳ

**ବୌଦ୍ଧ,୩୧।୩ (ସ୍ୱ.ପ୍ର.)**

ଗତ ୧୯ବର୍ଷ ହେଲା ବିଜେଡି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କ୍ଷମତାରେ ରହିଛି। କିନ୍ତୁ ବିଜେଡି ଶାସନରେ ରାଜ୍ୟର ଯାହା ବିକାଶ ହେବା କଥା ତାହା ହୋଇ ପାରିନାହିଁ । ବୌଦ୍ଧ ଓ କନ୍ଧମାଳ ଭଳି ଅଞ୍ଚଳ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ବିକାଶ ଠାରୁ ବହୁ ଦୂରରେ ରହିଛି ବୋଲି ବୌଦ୍ଧକୁ ପ୍ରଚାର କାର୍ଯ୍ୟରେ ଆସି ଭାଜପାର ଏମ୍‌ପି ପ୍ରାର୍ଥୀ ଏୀର ଖାରବେଳ ସ୍ୱାଇଁ ଏକ କର୍ମୀ ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ନିଜର ବିଫଳତାକୁ ଲଚାଇବାକୁ ସବୁ କଥାରେ କେନ୍ଦ୍ର ସରକାର ଉପରେ ଦୋଷ ଲଦୁଥିବା ଖାରବେଳ ଅଭିଯୋଗ କରିଥିଲେ । କେନ୍ଦ୍ର ସରକାରଙ୍କ ନିଟକରେ ବିଜେଡି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରୁଥିବାବେଳେ ଦେଶରେ କେଉଁ କେଉଁ ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ କରାଯାଇଛି ତାହା ସମୀକ୍ଷା କରାଯିବା ଉଚିତ ବୋଲି ସେ ପ୍ରକାଶ କରିଥିଲେ । ଏହି କର୍ମୀ ସମ୍ମିଳନୀରେ ଭାଜପାର ବୌଦ୍ଧ ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ପ୍ରଧାନ ବିଜେଡି ଶାସନରେ ବୌଦ୍ଧ ଜିଲାର କୌଣସି ଆଖିଦୃଶିଆ ବିକାଶ ହୋଇ ନ ଥିବା କହିବା ସହିତ ଜିଲାର ଚାଷୀ ପାଣି ଅଭାବରୁ ପ୍ରତିବର୍ଷ ମରୁଡ଼ିର ଶିକାର ହେଉଥିବା ଅଭିଯୋଗ କରିଥିଲେ । ଜିଲାରେ ବେକାରୀ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବାବେଳେ ଲୋକମାନେ କାମଧନ୍ଦା ଅନ୍ୱେଷଣରେ ଦାଦନ ଖଟିଯିବାକୁ ବାଧ୍ୟ ହେଉଛନ୍ତି । ଆଜି ପାନୀୟଜଳ ଏକ ମୁଖ୍ୟ ସମସ୍ୟା । ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବୌଦ୍ଧ ଜିଲା ପଛୁଆ ରହିବା ସହିତ ଗୋଟିଏ ମଧ୍ୟ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ନ ମିଳିବା ଦୁର୍ଭାଗ୍ୟଜନକ ବୋଲି ପ୍ରଧାନ ଅଭିଯୋଗ କରିଥିଲେ । ତେଣୁ ଆଗାମୀ ନିର୍ବାଚନରେ ବୌଦ୍ଧବାସୀ ଏହାର ଉଚିତ ଜବାବ ଦେବାକୁ ସେ ଆହ୍ୱାନ ଜଣାଇଥିଲେ। ଏହି କର୍ମୀ ସମ୍ମିଳନୀରେ ପୂର୍ବତନ ବିଧାୟକ ସଚ୍ଚିଦାନନ୍ଦ ଦଲାଲ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁ, ଜିଲା ଭାଜପା ସଭାପତି ସୌମିତ୍ରୀ କୁମାର ନାୟକ, କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ସୂର୍ଯ୍ୟନାରାୟଣ ମହାପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ମନୋରଞ୍ଜନ ଦାଶ, ଜିଲା ସାଧାରଣ ସମ୍ପାଦକ ବିପ୍ରଚରଣ ମହାନ୍ତି, ମହିଳା ମୋର୍ଚ୍ଚା ସଭାନେତ୍ରୀ ନମିତାରାଣୀ ଦାଶ ଓ କନ୍ଧମାଳ ଲୋକସଭା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ବୌଦ୍ଧରେ ଅନୁଷ୍ଠିତ ଭାଜପାର କର୍ମୀ ସମ୍ମିଳନୀରେ ଏମ୍‌ପି ପ୍ରାର୍ଥୀ ଖାରବେଳ ସ୍ୱାଇଁ ଭାଷଣ ଦେଉଛନ୍ତି ।

## ସଂକ୍ଷେପରେ

### ଅକ୍ଷୟ ବାଘ ତରଭା ଓକିଲ ସଂଘ ସଭାପତି

**ତରଭା, ୩୧।୩ (ଡି.ଏନ.ଏ.)-** ରାଜ୍ୟ ବାର କାଉନସିଲ ଦ୍ୱାରା ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ ୨୦୧୯-୨୦ ବର୍ଷ ପାଇଁ ତରଭା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ତରଭା ବାର କାଉନସିଲଠାରେ ବରିଷ୍ଠ ଆଇନଜୀବୀ ଗୌରୀଶ୍ୟାମ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସଂଘ ସଭାପତି ଭାବେ ଅକ୍ଷୟ କୁମାର ବାଘ ମନୋନୀତ ହୋଇଛନ୍ତି। ଉପସଭାପତି ଭାବେ ସୁରେଶ ଚନ୍ଦ୍ର ମହଲା, ସମ୍ପାଦକ ସଞ୍ଜିବ କୁମାର ସାହୁ,ସହସମ୍ପାଦକ ମହାବୀର ନାଏକ, କୋଷାଧକ୍ଷ ଶ୍ରବଣ କୁମାର ବିଶ୍ୱାଳ ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି । କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଓକିଲ ସୁବିଞ୍ଜ ଦରୁଆନ, କାହ୍ନୁଚରଣ ଦାସ, ଅଚ୍ୟୁତାନନ୍ଦ ବିଶ୍ୱାଳ, ରାଜେନ୍ଦ୍ର ବିଜୟ ସାହୁ ଏବଂ ଭବାନୀ ଶଙ୍କର ମିଶ୍ରଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ବରିଷ୍ଠ ଆଇନଜୀବୀ ଆଦିକନ୍ଦ ପାଣିଗ୍ରାହୀ, ସାନନ୍ଦ ବିହାରୀ ମହାପାତ୍ର, ଦଶରଥ ମହାଣା, ସରକାରୀ ଓକିଲ ଉମେଶ ନାଏକ ଓ ବିଶ୍ୱରଞ୍ଜନ ମିଶ୍ର, ସତ୍ୟନାରାୟଣ ନାଏକ, ହନୁମାନ ପ୍ରସାଦ ମିଶ୍ରଙ୍କ ସହିତ ଓକିଲ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

### ଅମରିପଡ଼ାରେ ରାମାୟଣ ପାରାୟଣ

**ଡୁଙ୍ଗୁରିପାଲି, ୩୧।୩ (ଡି.ଏନ.ଏ.)-** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗ୍ରାମ ଅମରିପଡାରେ ନବାହ ରାମାୟଣ ପାରାୟଣ ଚାଲିଛି। ପଣ୍ଡିତ ଚୈତନ୍ୟ ମିଶ୍ର ବ୍ୟାସ, କର୍ତ୍ତା ଭାବେ ଟୁନା ପାଣ୍ଡେ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଗତ ସୋମବାର କପିଳେଶ୍ୱର ମନ୍ଦିର ନିକଟସ୍ଥ ପୋଖରୀରୁ ମହିଳାମାନେ ପୂର୍ଣ୍ଣ କଳସ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପରେ ରାଧାକୃଷ୍ଣ ମନ୍ଦିରରୁ ବିଗ୍ରହଙ୍କୁ ଅଣାଯାଇ ସ୍ଥାପନ କରାଯାଇଥିଲା। ପ୍ରତ୍ୟହ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରାମାୟଣ ପାରାୟଣ ହେଉଛି। ଗିରିଧାରୀ ମିଶ୍ର, ସାଧୁ ଗୋବିନ୍ଦଜୀ ମହାରାଜ ଓ ଧିରେନ ବଡ଼େଇଙ୍କ ଦ୍ୱାରା ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କମିଟି ସଭାପତି ଚିତ୍ତରଞ୍ଜନ ମିଶ୍ର, ସମ୍ପାଦକ ନିରଞ୍ଜନ ପଣ୍ଡା, ଗୋପାଳ ବିଶ୍ୱାଳ, କୃଷ୍ଣଚନ୍ଦ୍ର ସାହୁ, ପ୍ରଦେଶୀ ସେଠ ପ୍ରମୁଖ ବିଭିନ୍ନ ଦାୟିତ୍ୱ ସଂପାଦନ କରିବା ସହିତ ସହଯୋଗ କରିଥିଲେ । ଆସନ୍ତା ୩ ତାରିଖ ପୂର୍ଣ୍ଣାହୂତି ସହ ଉକ୍ତ କାର୍ଯ୍ୟକ୍ରମର ସମ୍ପନ୍ନ ହେବ ।

### ଓକିଲ ସଂଘର ନୂଆ କର୍ମକର୍ତ୍ତା

**ବୌଦ୍ଧ,୩୧।୩(ସ୍ୱ.ପ୍ର.)-** ରାଜ୍ୟ ବାର କାଉନସିଲର ନିର୍ଦ୍ଦେଶ କ୍ରମେ ବୌଦ୍ଧର ଦୁଇ ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଭାବେ ଜିଲା ଓକିଲ ସଂଘର ବରିଷ୍ଠ ସଦସ୍ୟ ନାରାୟଣ ପ୍ରସାଦ ପରିଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିର୍ବାଚନରେ ବରିଷ୍ଠ ଆଇନଜୀବୀ ତାରେଣି ମହାପାତ୍ର ସଭାପତି ଓ ଅଶୋକ କୁମାର ମିଶ୍ର ସଂପାଦକ ଭାବେ ସର୍ବସମ୍ମତିକ୍ରମେ ମନୋନିତ ହୋଇଥିଲେ । ସେହିପରି ସିଭିଲ ଓ କ୍ରିମିନାଲ ଓକିଲ ସଂଘର ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଆଇନଜୀବୀ ସଚ୍ଚିଦାନନ୍ଦ ଦଲାଲ ସଭାପତି ଓ ଶାନ୍ତନୁ କୁମାର ମହାପାତ୍ର ସମ୍ପାଦକ ଭାବେ ମନୋନିତ ହୋଇଥିଲେ ।

### ମଦ ଜବତ, ଅଭିଯୁକ୍ତ କୋର୍ଟଚାଲାଣ

**ବିନିକା, ୩୧।୩(ଡି.ଏନ୍.ଏ.)** ସୁବର୍ଣ୍ଣପୁର ଜିଲା ବିନିକା ପୋଲିସ ରବିବାର ସକାଳେ ବାଇକରେ ମଦ ଚାଲାଣ କରୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଝାରଖଣ୍ଡ ବାରବାଡି ଗାଁର ରୋସନ କୁମାର(୨୨) । ପୋଲିସ ବାଇକ ସହ ୩୬ଲିଟର ବିଦେଶୀ ମଦ ଜବତ କରିଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ଅଣସଂକ୍ରାମକ ରୋଗର ଚିକିତ୍ସା ଶିବିର

**ବିନିକା, ୩୧।୩(ଡି.ଏନ୍.ଏ.)** ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ବାଙ୍କିଘିର୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଣସଂକ୍ରାମକ ରୋଗର ଏକ ଚିକିତ୍ସା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଏକହଜାର ରୋଗୀ ପଞ୍ଜୀକୃତ ହୋଇଥିଲେ । ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରଣୀ ଶ୍ୱେତାଲିନୀ ପାଢ଼ୀ, ବାଙ୍କିଘିର୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସସ୍ମିତା ପଣ୍ଡା ରୋଗୀଙ୍କ ଚିକିତ୍ସା କରିଥିଲେ ।

# କଂଗ୍ରେସର ନିର୍ବାଚନ ସଭା

**ମନମୁଣ୍ଡା, ୩୧।୩ (ଡି.ଏନ.ଏ)**

କନ୍ଧମାଳ ନିର୍ବାଚନ ମଣ୍ଡଳୀର ଧାନଖଣ୍ଡିଠାରେ କଂଗ୍ରେସର ନିର୍ବାଚନ ସଭା ରବିବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଓବିସି ସେଲ ସଭାପତି କେଶବ କ୍ଷେତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସାହୁଙ୍କ ସମେତ ଜିଲା କଂଗ୍ରେସ ସଭାପତି ସୁଧୀର ମହାକୁଡ, ଶ୍ରମିକ ନେତା ସରୋଜ ପ୍ରଧାନ, ଜିଲା ସମ୍ପାଦକ ବିପ୍ର ଚରଣ ବେହେରା, ପ୍ରଦୀପ ମେଣ୍ଡିଲି, ଫକୀର ମଲିକ ପ୍ରମୁଖ ଦୁଙ୍ଗନେତାମାନେ ଉପସ୍ଥିତ ଥିଲେ । କଂଗ୍ରେସ ସରକାର ଗଢ଼ିଲେ କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ବୈପ୍ଳବିକ ପରିବର୍ତ୍ତନ ହେବ ଏବଂ ବିକାଶ ଜୋରଦାର ହେବ ସେମାନେ କହିଥିଲେ। ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସାହୁ କଂଗ୍ରେସ ସରକାର ହେଲେ କୃଷିଋଣ ସମ୍ପୂର୍ଣ୍ଣ ଛାଡ କରାଯିବ ଓ ଧାନର ସହାୟକ ମୂଲ୍ୟ ୨୬୦୦ ଟଙ୍କା କରାଯିବ ବୋଲି କହିବା ସହ କନ୍ଧମାଳର ଉନ୍ନତି ପାଇଁ ସେ ଯଥାସାଧ ଦେଇ କାମ କରିବେ ଓ ଜନସାଧାରଣଙ୍କ ସୁଖଦୁଃଖରେ ରହିବେ ବୋଲି କହିଥିଲେ । ଏହି ସଭାରେ କନ୍ଧମାଳ, ଗୁଣ୍ଡିମହୁଲ, ଦପଲା, ଲମ୍ବସରୀ, ସିମିଳିପଦର, ରେଙ୍ଗାଲି, ଖଲିଆପାଲି, ପଲସାଗୋରା ୮ଟି ପଞ୍ଚାୟତର ଶତାଧିକ ଲୋକ ଯୋଗ ଦେଇଥିଲେ ।


ଧାନଖଣ୍ଡିଠାରେ କଂଗ୍ରେସର ନିର୍ବାଚନ ସଭା ଚାଲିଛି ।

## ଖବରଦାତା ସମ୍ମିଳନୀରେ କଂଗ୍ରେସ ପ୍ରାର୍ଥୀଙ୍କ ଆରୋପ

# ଚାଷୀ ସମସ୍ୟାକୁ ଅଣଦେଖା କରାଯାଉଛି

**ବୀରମହାରାଜପୁର, ୩୧।୩ (ଡି.ଏନ.ଏ.)**

କୃଷି ଓ କୃଷକଙ୍କ ବାସ୍ତବ ସମସ୍ୟାକୁ ବର୍ତ୍ତମାନର ରାଜ୍ୟ ତଥା କେନ୍ଦ୍ର ସରକାର ଅଣଦେଖା କରିଛନ୍ତି। ଫଳରେ ସବୁଠି ଚାଷୀମାନଙ୍କ ମଧ୍ୟରେ ଅଶାନ୍ତି ଓ ଅସନ୍ତୋଷ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି କଂଗ୍ରେସର ନିର୍ବାଚନ ଇସ୍ତାହାରରେ ଦଳ କ୍ଷମତାକୁ ଆସିଲେ କୃଷିଋଣ ଛାଡ କରିବା ସହ ଧାନର ଏମଏସପି ୨୬୦୦ ଟଙ୍କାକୁ ବୃଦ୍ଧି କରିବା, ତତ୍‌ସହିତ ଗରିବଙ୍କୁ ମାସକୁ ୬ ହଜାର ହିସାବରେ ବାର୍ଷିକ ୭୨ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯିବ । ସେହିଭଳି ଅବହେଳିତ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରେ ଚାଷୀଙ୍କ ମୌଳିକ ଆବଶ୍ୟକତା ଜଳସେଚନ ପ୍ରତି ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ସ୍ଥାନୀୟ ସାମ୍ବାଦିକ ଭବନଠାରେ କଂଗ୍ରେସ ପକ୍ଷରୁ ଆହୂତ ଖବରଦାତା ସମ୍ମିଳନୀରେ ଦଳୀୟ ପ୍ରାର୍ଥୀ ତଥା ପୂର୍ବତନ ସୋନପୁର ବିଧାୟକ ବିନୋଦ ପାତ୍ର କହିଛନ୍ତି। ବୀରମହାରାଜପୁର ଉପଖଣ୍ଡରେ ରହିଥିବା ହରିହର ଯୋର ସେଚ ପ୍ରକଳ୍ପର ତଳିଆ ଅଞ୍ଚଳର ଚାଷୀ ବର୍ଷ ବର୍ଷ ଧରି ଜଳସେଚନରୁ ବଧିତ ହୋଇ ସୁଦ୍ଧା ଜଳକର ପାଇଁ ମାଲି ମକଦ୍ଦମାର ସମ୍ମୁଖୀନ ହେବା ପରିତାପର ବିଷୟ। ପୁନଶ୍ଚ ସାରା ନିର୍ବାଚନ ମଣ୍ଡଳୀରେ ଜଳଉତ୍ସ ଥିବା ସତ୍ତ୍ୱେ ଚାଷ ଜମି ମରୁଡ଼ିର ସମ୍ମୁଖୀନ ହେଉଛି। ଏଣୁ ଠେଙ୍ଗୋ ସେଚ ପ୍ରକଳ୍ପର ବାମ, ପାର୍ଶ୍ୱ କେନାଲ ଖନନ, ସୁରୁବାଲି ଯୋରରେ ଆନିକଟ ନିର୍ମାଣ ସହ ବିଭିନ୍ନ ଯୋର, ନାଳମାନଙ୍କରେ ଚେକ ଡ୍ୟାମ ନିର୍ମାଣ ମାଧ୍ୟମରେ ସମସ୍ୟାର ସମାଧାନ କରାଯିବ। ପୁନଶ୍ଚ ସୌରଶକ୍ତି ଚାଳିତ ଉଠା ଜଳ ସେଚନ ପଏଣ୍ଟ ସ୍ଥାପନ ପ୍ରତି ଅଗ୍ରାଧିକାର ଦିଆଯିବ ବୋଲି ପାତ୍ର ପ୍ରକାଶ କରିଛନ୍ତି। ବିଜେଡି ସରକାର ନିର୍ବାଚନୀ ମାହୋଲ ସୃଷ୍ଟି ପାଇଁ କାଳିଆ ଯୋଜନାର ମାତ୍ରାଧିକ ପ୍ରଚର ଦିଗରେ ପର୍ଯ୍ୟାପ୍ତ ଖର୍ଚ୍ଚ କରିଛନ୍ତି। ତେବେ ପ୍ରକୃତ ଚାଷୀ ଚିହ୍ନଟ କରା ନ ଯାଇ ସହାୟତା ରାଶି ବିତରଣ କରାଯିବା ଫଳରେ ଅଧିକାଂଶ ଚାଷୀ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଘନୀଭୂତ ହୋଇଥିବାରୁ ଆଗାମୀ ନିର୍ବାଚନରେ ଶାସକ ଦଳ ନିମନ୍ତେ ତାହା ବୁମେରାଂ ହେବ ବୋଲି କଂଗ୍ରେସ ପ୍ରାର୍ଥ କଟାକ୍ଷ କରିଛନ୍ତି । ଏହି ନିର୍ବାଚନୀ ମଣ୍ଡଳୀର କୋଟସମଲାଇ ସ୍ଥିତ ଐତିହ୍ୟ ସମ୍ପନ୍ନ ପାତାଳୀ ଶ୍ରୀକ୍ଷେତ୍ରକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବାକୁ କଂଗ୍ରେସ କ୍ଷମତାଶୀନ ହେଲେ ସରକାର ଠୋସ ପଦକ୍ଷେପ ନେବେ ବୋଲି ଖପରଦାତା ସମ୍ମିଳନୀରେ କୁହାଯାଇଥିଲା। ଏହିସମ୍ମିଳନୀରେ ଜିଲାପରିଷଦ ଜୋନ-୧ ସଭାପତି ଧର୍ମେନ୍ଦ୍ର ମେହେର, କଂଗ୍ରେସ ଜିଲା କୋଷାଧକ୍ଷ ରାଜେଶ କୁମାର ମିଶ୍ର ଓ ବରିଷ୍ଠ ନେତା ସୁଦର୍ଶନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ବୀରମହାରାଜପୁର ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ପ୍ରାର୍ଥୀ ବିନୋଦ ପାତ୍ର ମତ ରଖୁଛନ୍ତି।

# ମହାମାୟା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ପାଇକମାଳ,୩୧।୩ (ଡି.ଏନ.ଏ)**

ପାଇକମାଳ ବ୍ଲକ ଲାଉଡମାଲ ସ୍ଥିତ ମହାମାୟା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୋତିର୍ମୟୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସତ୍ୟଭୁଷଣ ସାହୁ ମୁଖ୍ୟଅତିଥି, ମହାଦେବ ବେହେରା ମୁଖ୍ୟବକ୍ତା, ଟଙ୍କଧର ସାହୁ, ବଡ ସତପଥୀ, ସୁରଥ ସାହୁ, ଧନପତି ସାହୁ, ଦଣ୍ଡଧର ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ବିକାଶ ହେଲେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ମତପ୍ରକାଶ କରିଥିଲେ । ପ୍ରିନ୍ସପାଲ ଏମ୍‌ଡି ଅସରଫ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଦୀପିକା ସାହୁ ମଞ୍ଚ ପରିଚାଳନା କରିଥିଲେ। ତେଜସ୍ୱିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ।

# ୪ଦିନ ପରେ ବି ନିଖୋଜ ସ୍କୁଲ ଛାତ୍ରଙ୍କ ପତ୍ତା ମିଳୁନି

**ବୀରମହାରାଜପୁର, ୩୧।୩ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ହାଇସ୍କୁଲରେ ପଢୁଥିବା ସିକୁନ ଜଗଦଲା (୧୩) ନାମକ ନବମ ଶ୍ରେଣୀ ଛାତ୍ର ନିଖୋଜ ହେବାର ୪ଦିନ ପରେ ମଧ ପତ୍ତା ମିଳିନାହିଁ । ନିକଟବର୍ତ୍ତି ହିଲୁଙ୍ଗ ଗ୍ରାମର ଜୀବର୍ଦ୍ଧନ ଜଗଦଲାଙ୍କ ପୁଅ ସିକୁନ ଗତ ୨୮ ତାରିଖ ଅପରାହ୍ନଠାରୁ ସ୍କୁଲ ପୋଷାକରେ ଫେରାର ହୋଇ ଯାଇଥିବା ନେଇ ଜୀବର୍ଦ୍ଧନ ଥାନାରେ ରିପୋର୍ଟ କରିଛନ୍ତି। ପୋଲିସ ତନାଘନା ଜାରି ରଖିଥିଲେ ସୁଦ୍ଧା ସୁରାକ ପାଇ ପାରି ନଥିବା ଜଣାଯାଇଛି ।

# ବିପଦ୍ ଅବସ୍ତାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ଡୁଙ୍ଗୁରିପାଲି, ୩୧।୩ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି କଲେଜ ରାସ୍ତା ତରେ ଥିବାର ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦ୍ ଅବସ୍ତାରେ ଅଛେ। ବାଡ଼ା ନାଇଁଥିବାର ଲାଗି ଟ୍ରାନ୍ସଫର୍ମରଟା ପୁରା ଖୁଲାରେ ପଡ଼ିଛେ। ଜାତୀୟ ରାଜ୍‌ପଥରୁ କଲେଜ ରାସ୍ତାରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ପଛ୍‌ଫାଲେ ରାସ୍ତା ଥିବାର ଲାଗି ଛାତ୍ରୀଛାତ୍ର ସେବାଟେ ସବୁବେଲେ ଯାଆସ କରୁଛନ୍। ସେନ୍ତା ବ୍ଲକ କାର୍ଯ୍ୟାଳୟ, ଡାକ୍ତରଖାନାକେ ଲୋକ ଇ ବାଟ୍ ଦେଇ ଯାଆସ କରୁଛନ୍। ଟ୍ରାନ୍ସଫର୍ମରର ଚାରହିକୁତି ଘାସଲଟା ଭରତି ହେଇଥିବାର ଲାଗି ବୁଲା ଗାଇଗୋରୁ ବି ସେଠାନ୍‌କେ ଚରି ଯାଉଛନ୍। ଏନ୍ତାଥି କେତେବେଲେ କାହାର ଜୀବନ୍ ଯିବା କିଛି କହି ନାଇଁହୁଏ। କଲେଜ ରାସ୍ତା ତିଆର ହେଲା ଉତାରୁ ଟ୍ରାନ୍ସଫର୍ମର ବସିଥିବାର ଠାନ୍‌ଟା ରାସ୍ତାକେ ଲାଗି କରି ରହିଛେ। ବିଭାଗୀୟ ଉଚ୍ଚ କତ୍ତୃପକ୍ଷ ଇ ଦିଗେ ଦୁରୁଷ୍ଟି ବାଡ଼ା ତିଆର କରବାକେ ସାଧାରନରେ ଦାବି ହେଉଛେ।


ରାସ୍ତା ତରେ ବିପଦ୍ ଅବସ୍ତାରେ ଥିବାର ଟ୍ରାନ୍ସଫର୍ମର।

# ମନମୁଣ୍ଡା ବାଇପାସ୍ ପାଇଁ ଘର ଭଙ୍ଗା ଆରମ୍ଭ

**ମନମୁଣ୍ଡା, ୩୧।୩ (ଡି.ଏନ.ଏ)**

କନ୍ଧମାଳ ବ୍ଲକ ମନମୁଣ୍ଡା ବାଇପାସ ନିର୍ମାଣ ପାଇଁ ଘରଭଙ୍ଗା ଅଭିଯାନ ଆରମ୍ଭ ହୋଇଛି । ମନମୁଣ୍ଡା ବସ୍ତି ଦେଇ ଯାଇଥିବା ଏନଏଚ-୫୭ ଅଣ ଓସାରିଆ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଏହାକୁ ଦୂର କରିବା ପାଇଁ ୨କିମି ମନମୁଣ୍ଡା ବାଇପାସ ରାସ୍ତାକାମ ଚାଲିଛି । ପ୍ରାୟ ୪କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧୀନ ଏହି ବାଇପାସ ଜମି ଅଧିଗ୍ରହଣ ଅସମ୍ପୂର୍ଣ୍ଣ ଥିବାରୁ ବର୍ଷେ ହେବ କାମ ଅଧାପନ୍ତରିଆ ଭାବେ ପଡି ରହିଥିଲା। ଇତି ମଧ୍ୟରେ ମନମୁଣ୍ଡା-ଗାନ୍ଧୀ ଛକଠାରେ ଥିବା ରାଜେନ୍ଦ୍ର ମେହେରଙ୍କ ହୋଟେଲ, କାହ୍ନୁ ମେହେର, ବିଦ୍ୟାଧର ସେନାପତିଙ୍କ ଘର ଅଧିଗ୍ରହଣ ସରିଯାଇଥିବା ବେଳେ ବିଭାଗ ତରଫରୁ ଉକ୍ତ ଘର ଗୁଡିକ ଭାଙ୍ଗିବା କାମ ଆରମ୍ଭ ହୋଇଛି । ତେବେ ନବୀନ ମେହେର, ବୀରବଲ ମେହେର, ସୁଜିତ ମେହେର, ମୀନା ଅଗ୍ରୱାଲ, ଘନଶ୍ୟାମ ମେହେର, ମେହେମୁଦ ଖାଁ, ନରସିଂହ ଅଗ୍ରୱାଲ ପ୍ରମୁଖଙ୍କ ଘରବାରି ଓ ଜମି ଅଧିଗ୍ରହଣ ବାକି ରହିଛି । ଏସବୁ କାମ ପର୍ଯ୍ୟାୟକ୍ରମେ ହେବ ବୋଲି ଜଣାପଡିଛି ।



ବାଇପାସ୍ ରାସ୍ତା ପାଇଁ ପ୍ରଶାସନ ପକ୍ଷରୁ ଘରଭଙ୍ଗା କାମ ଚାଲିଛି ।

# ନିର୍ବାଚନବେଳେ ଚେଇଁଲା ଅବକାରୀ ବିଭାଗ

**ବରଗଡ଼ ଅଫିସ୍,୩୧।୩**

ବରଗଡ଼ ଜିଲାରେ ଚୋରାମଦ କାରବାର ସାଧାରଣରେ ପରିଣତ ହୋଇଛି । ଗାଁଠାରୁ ସହର ପର୍ଯ୍ୟନ୍ତ ଗଳିକନ୍ଦିରେ ଖୋଲାଖୋଲି ଭାବେ ମଦ ବିକ୍ରି ଚାଲିଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏଥିପ୍ରତି ଅବକାରୀ କିମ୍ବା ପୋଲିସ ବିଭାଗର ଦୃଷ୍ଟି ପଡ଼େ ନାହିଁ । କେବଳ ମାସିକ ଟାର୍ଗେଟ୍ ପୂରଣ ପାଇଁ ଅଳ୍ପ କେଇଟା ମାମଲା ପରେ ଅବକାରୀ ଓ ପୋଲିସ ବିଭାଗ ହାତ ବାନ୍ଧି ବସିଥାନ୍ତି । ଫଳରେ ଚୋରାମଦ ରୋକିବାରେ ଉଭୟ ବିଭାଗର ଅପାରଗତାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଥାଏ ଏବଂ ଶେଷରେ ମହିଳାମାନେ ମଦ ବିରୋଧୀ ଅଭିଯାନକୁ ଓହ୍ଲାଇଥାନ୍ତି। ବରଗଡ଼ ଜିଲାରେ କେବଳ ଗୋଟିଏ କିମ୍ବା ଦୁଇଟି ନୁହେଁ, ଏଭଳି ଅନେକ ଦୃଷ୍ଟାନ୍ତ ରହିଛି । ଏବେ ସାଧାରଣ ନିର୍ବାଚନର ଅବ୍ୟହିତ ପୂର୍ବରୁ ଦୀର୍ଘଦିନ ଧରି ଏଥିପ୍ରତି ଚେଇଁ ଶୋଇ ରହିଥିବା ଅବକାରୀ ଓ ପୋଲିସ ବିଭାଗର ଆକସ୍ମିକ ତତ୍ପରତା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି ।

ଗତ କିଛିଦିନ ହେଲା ଅବକାରୀ ଏବଂ ପୋଲିସ ବିଭାଗ ଚୋରାମଦ ଧରପଗଡ଼ରେ ସକ୍ରିୟ ହୋଇ ପଡ଼ିଛନ୍ତି । ତଥାପି ତାହା ଧର୍ମକୁ ଆଖିଠାର କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । କାରଣ ଚୋରାମଦ କାରବାର ଯେଭଳି ଖୋଲାଖୋଲି ଚାଲୁଛି, ତାହା ଦୃଷ୍ଟିରେ ପଡୁଥିଲେ ମଧ ସେଠାରେ ଚଢ଼ାଉ କରା ନ ଯାଇ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ବିଭାଗୀୟ କର୍ତ୍ତୃପକ୍ଷ ଚଢ଼ାଉ କରୁଥିବା ଅଭିଯୋଗ ହେଉଛି । କେତେକ ଲାଇସେନ୍ସପ୍ରାପ୍ତ ମଦ ବ୍ୟବସାୟୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗାଁ ଓ ସହରର ବିଭିନ୍ନ ଛକ ସ୍ଥାନରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି । ମାତ୍ର ସେଥିପ୍ରତି ଆଖିବୁଜି ଦେଇ ଲୋକ ଦେଖାଣିଆଁ ଭାବେ କେବଳ କିଛି ଉପାନ୍ତ ଅଞ୍ଚଳରେ ଅବକାରୀ ଚଢ଼ାଉ କରାଯାଉଛି । ବରଗଡ଼ ସହରର ବିଭିନ୍ନ ଛକ ସମେତ ଜିଲାର ଗ୍ରାମାଞ୍ଚଳରେ ଚୋରାମଦ କାରବାର ନୂଆ ନୁହେଁ । ଏହା ନିତିଦିନିଆଁ ଘଟଣାରେ ପରିଣତ ହୋଇଗଲାଣି । ସ୍ଥାନୀୟ ଲୋକେ ତଥା ଅଞ୍ଚଳର ମହିଳାମାନେ ପୋଲିସଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ଫେରାଦ ହେଉଛନ୍ତି । କିନ୍ତୁ ଲୋକଙ୍କ ଅଭିଯୋଗ ଅନୁଯାୟୀ ଚଢ଼ାଉ ହେଉ ନ ଥିବା ଅଭିଯୋଗ ହେଉଛି । ଏଥିରୁ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ନେଇ ସାଧାରଣରେ ନାନା ସନ୍ଦେହ ଉପୁଜିଛି । ଅନ୍ୟପଟେ ଅବକାରୀ, ପୋଲିସ ବିଭାଗ ଚୋରାମଦ କାରବାର ଉପରେ ଚଢ଼ାଉ ଜାରି ରଖିଥିବା ନେଇ ଏବେ ପ୍ରେସ ବିବୃତି ଦେବାରେ ମଧ୍ୟ ଆଗଭର ହୋଇ ପଡ଼ିଛି । ଗତ ସପ୍ତାହକ ମଧ୍ୟରେ ଉଭୟ ଅବକାରୀ ଓ ପୋଲିସ ବିଭାଗ ବିଭିନ୍ନ ସ୍ଥାନରେ ଧରପଗଡ଼ କରି ମଦ, ପୋଚ ଆଦି ଜବତ କରିବା ସହିତ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିବା ନେଇ ସୂଚନା ଦେଇଛି । ଗତ ୧୨ତାରିଖରୁ ଏପର୍ଯ୍ୟନ୍ତ ବରଗଡ଼, ବରପାଲି, ରକ୍ସା, ଭଟଲି, ଅମ୍ବାଭୋନା, ଲାଣ୍ଡିଜୁରୀ, ତିଲେଇମାଲ, ପଦ୍ମପୁର, ଛିନ୍ଦ୍ରପାଲି, ମଲମଣ୍ଡା, ଶନିମାଲ, ବୋଡ଼ାସମ୍ବର ଆଦି ଅଞ୍ଚଳରେ ଚଢ଼ାଉ ହୋଇ ୩୦ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ସୂଚନା ଦେଇଛି । ସେମାନଙ୍କ ପାଖରୁ ୧୬୨୯ ଲିଟର ରନ୍ଧାମଦ, ୫୪ଲିଟର ବିଦେଶୀ ମଦ, ୫ଲିଟର ବିୟର, ୧୬୦୦କେଜି ମହୁଲି ପୋଚ ଆଦି ଜବତ ହୋଇଛି ବୋଲି ଅବକାରୀ ବିଭାଗ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛି । ତେବେ ପୂର୍ବରୁ ଶୋଇଥିବା ଅବକାରୀ ବିଭାଗ ଏବେ କିଭଳି ତତ୍ପର ହୋଇ ପଡ଼ିଲା ଏବଂ ଆଗରୁ କଣ ଜିଲାରେ ଏଭଳି ଚୋରାମଦ ବେପାର ଚାଲୁ ନ ଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି ।



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ।
ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଅଙ୍ଗନୱାଡି କେନ୍ଦ୍ର ଉପରେ ବିଦ୍ୟୁତ୍ ତାର

**ଲୋଇସିଂହା,୩୧।୩ (ଡି.ଏନ.ଏ.)**- ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବବଜା ଗ୍ରାମର ଅଙ୍ଗନୱାଡି କେନ୍ଦ୍ର-୧ ଉପର ଦେଇ ବିଦ୍ୟୁତ ତାର ଯାଇଛି । କେନ୍ଦ୍ରର ଶିଶୁମାନଙ୍କ ପ୍ରତି ବିପଦ ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ତାର ହଟାଇବା ଦିଗରେ ପଦକ୍ଷେପ ନେଉ ନ ଥିବାରୁ କୌଣସି ସମୟରେ ଅଘଟଣ ଘଟି ପାରେ ବୋଲି ଗ୍ରାମାବସୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏଠାରେ ୨୦ରୁ ଅଧିକ ଶିଶୁ ପ୍ରାକ୍ ଶିକ୍ଷା ଗ୍ରହଣ କରୁଛନ୍ତି। ସେହିପରି କେନ୍ଦ୍ର -୨କୁ ସ୍ଥାୟୀ ରାସ୍ତାଟିଏ ନାହିଁ।

### ଟିକ୍ରାପଡ଼ାରେ ବର୍ଷା ସହ କରକାପାତ

**ଟିକ୍ରାପଡ଼ା,୩୧।୩ (ଡି.ଏନ.ଏ.)**- ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡା, ଝିଙ୍କିଡୁଙ୍ଗୁରୀ, ଯୁରାବନ୍ଧ, କରମତଲା ପଞ୍ଚାୟତ ଅଞ୍ଚଳରେ ରବିବାର ଅପରାହ୍ନରେ ପବନ ସହ ବର୍ଷା ଓ କରକାପାତ ହୋଇଛି । କରକାପାତ ଫଳରେ କେନ୍ଦୁପତ୍ର ଉତ୍ପାଦନ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି। ମହୁଲ ଫୁଲ, ଟୋଲ, କାଜୁ, ଆମ୍ବ, ଜାମୁ, କୁସୁମ ଉତ୍ପାଦନ ପ୍ରଭାବିତ ହୋଇଛି । ଏସବୁ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀ ମହଲରେ ଭାଳେଣି ପଡିଯାଇଛି । ଆମ୍ବ ଓ କାଜୁ ଗଛର ବଉଳ ସବୁ ଝଡିଯିବା ଫଳରେ ଗଛରେ ଆମ୍ବ ଓ କାଜୁ ଆସିବା ପ୍ରକ୍ରିୟା ବ୍ୟାହତ ହୋଇଛି । ଅଞ୍ଚଳର ଅଧିକାଂଶ ଲୋକେ କେନ୍ଦୁପତ୍ର ତୋଳି, ମହୁଲ ଫୁଲ ସଂଗ୍ରହ ଓ ବିକ୍ରୟ କରି ପରିବାରର ଗୁଜୁରାଣ ମେଣ୍ଟାଇଥାନ୍ତି। କରକାପାତ, ବର୍ଷା ଓ ପବନ ଫଳରେ ସେମାନଙ୍କର ଆୟର ଏକ ପ୍ରମୁଖ ସ୍ରୋତ ବିପନ୍ନ ହୋଇଛି ।

### ବଲାଙ୍ଗୀର ସିଭିଲ୍ ସୋସାଇଟିର ସାଧାରଣ ସଭା

**ବଲାଙ୍ଗୀର ଅଫିସ,୩୧।୩:** ବଲାଙ୍ଗୀର ସିଭିଲ ସୋସାଇଟିର ଏକ ସାଧାରଣ ସଭା ସ୍ଥାନୀୟ ଆଇନ ମହାବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଛି । ସଭାରେ ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର ସଭାପତିତ୍ୱ କରିଥିଲେ । ସମ୍ପାଦକ ମନୋରଞ୍ଜନ ମିଶ୍ର ଗତ ସାଧାରଣ ସଭାର ବିବରଣୀ ପାଠ କରିଥିଲେ । ଏହି ସଭାରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରାଯାଇଥିଲା । ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରାଯାଇଥିଲେ ମଧ ଏହା ଅଧିନରେ ଜିଲା ତଥା ଜିଲା ବାହାରର କେଉଁ କଲେଜ ରହିଲା ତାହାର ଆଦେଶନାମା ଏ ପର୍ଯ୍ୟନ୍ତ ଘୋଷଣା କରାଯାଇ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଏହାକୁ ଶୀଘ୍ର ଘୋଷଣା କରିବା ପାଇଁ ସରକାରଙ୍କୁ ଅନୁରୋଧ କରିବାକୁ ସଭାରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ବିଗତ ସଭାରେ ଉପସ୍ଥାପିତ ବିଷୟ ତଥା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ, କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଆରଡିସି ଏବଂ ଡିଆଇଜି ପୋଲିସ ଅଫିସ ଖୋଲାଯିବା, ବାଏପାସ ରାସ୍ତା ନିର୍ମାଣ ଶୀଘ୍ର କରାଯିବାକୁ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉପସଭାପତି ପ୍ରଭାକର ମିଶ୍ର ଓ ମନୋରଞ୍ଜନ ସାହୁ, ସହସମ୍ପାଦକ ନିରଞ୍ଜନ ରଥ ଓ ମଲିଆ ଗଡୁଆ, ଡାକ୍ତର ପ୍ରମୋଦ ମିଶ୍ର, କପିଳେଶ୍ୱର ଖମାରୀ, ସୁଶୀଳ ବିଶ୍ୱାଳ, ଅଶୋକ ଚାନ୍ଦ, ମଳୟ ଦିଶ୍ରୀ, ବିନୋଦ ବିହାରି ସିଂ ଓ ଅନ୍ୟମାନେ ଭାଗ ନେଇଥିଲେ । ଶେଷରେ କୋଷାଧକ୍ଷ ବିରଞ୍ଚି ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେଡି, କଂଗ୍ରେସ ମୁହାଁମୁହିଁ

**ବଲାଙ୍ଗୀର ଅଫିସ, ୩୧।୩**



ବିଜେଡି ନେତା ଗିରିଧାରୀ ପତି ଖବରଦାତା ସମ୍ମିଳନୀରେ ଫଟୋ ଦେଖାଉଛନ୍ତି।





କଂଗ୍ରେସ ନେତା ଅସୀମ ପଟ୍ଟନାୟକ ଖବରଦାତା ସମ୍ମିଳନୀରେ ଫଟୋ ଦେଖାଉଛନ୍ତି।

- ପୁଇଁତଲା ବିଡିଓଙ୍କୁ ଅପହରଣ ଘଟଣାରେ କଂଗ୍ରେସକୁ ବିଜେଡିର ଟାର୍ଗେଟ
- ଦିବ୍ୟଜ୍ୟୋତି ପାଣିଗ୍ରାହୀ, ଅଭିମନ୍ୟୁ ସାହୁ ହତ୍ୟା ମାମଲା ଉଠାଇଲା କଂଗ୍ରେସ

୨୦୧୯ ନିର୍ବାଚନୀ ଉଷ୍ମତା ଧୀରେ ଧୀରେ ବଢୁଥିବାବେଳେ ଗତ ୨୯ ତାରିଖ ପୁଇଁତଲା ବିଡିଓ ଅପହରଣ ଘଟଣା ବଲାଙ୍ଗୀରର ନିର୍ବାଚନୀ ଉଷ୍ମତାକୁ ଆହୁରି ସରଗରମ କରି ଦେଇଛି । ବିଡିଓ ଅପହରଣ ଘଟଣା ପରେ ଉଭୟ ବିଜେଡି ଓ କଂଗ୍ରେସ ପରସ୍ପର ଦୋଷାରୋପ କରିବାରେ ମାତିଛନ୍ତି । ଶନିବାର ବିଜେଡି ପକ୍ଷରୁ ଉପସଭାପତି ଗିରିଧାରୀ ପତି ସ୍ଥାନୀୟ ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ କରି ବିଡିଓ ଅପହରଣ ଘଟଣାରେ କଂଗ୍ରେସ ନେତା ତଥା ବ୍ଲକ୍ ଉପାଧ୍ୟକ୍ଷ ସନ୍ତୋଷ ଗୁରାଣ୍ଡି ମୁଖ୍ୟ ଅଭିଯୁକ୍ତ ଥିବା ଜଣାପଡିବା ପରେ କଂଗ୍ରେସ ଦଳ ଓ ଏହାର ବଡବଡିଆ ନେତାଙ୍କୁ ସମାଲୋଚନା କରିଛନ୍ତି। ଅଭିଯୁକ୍ତ ଗୁରାଣ୍ଡିଙ୍କ ସହ ବିରୋଧୀଦଳ ନେତା ନରସିଂହ ମିଶ୍ରଙ୍କ କିଛି ଫଟୋ ଦେଖାଇ ଏଭଳି ଅଭିଯୁକ୍ତମାନଙ୍କୁ କିଏ ପ୍ରଶ୍ରୟ ଦେଉଛନ୍ତି ଏଥିରୁ ସ୍ପଷ୍ଟ ହେଉଛି ବୋଲି ଅଭିଯୋଗ କରିଥିଲେ । କଂଗ୍ରେସ୍ ଉପରେ ବର୍ଷି ଅପରାଧ ଓ ଅପରାଧୀଙ୍କୁ ସମର୍ଥନ କରୁଥିବାରୁ ଏଠାରେ ଅପରାଧିକ ଘଟଣା ବୃଦ୍ଧି ପାଉଥିବା ଅଭିଯୋଗ କରିଛନ୍ତି। ବିଡିଓ ଅପହରଣ ଘଟଣା ପରେ ତରବରିଆ ଭାବେ କଂଗ୍ରେସ ପକ୍ଷରୁ ବ୍ଲକ୍ ଉପାଧ୍ୟକ୍ଷ ତଥା ମୁଖ୍ୟ ଅଭିଯୁକ୍ତ ଗୁରାଣ୍ଡିଙ୍କୁ ଦଳରୁ ବହିଷ୍କାର କରାଯାଇଥିଲେ ମଧ ଲୋକେ ଏହାକୁ ଗ୍ରହଣ କରିବେ ନାହିଁ ବୋଲି କହିଥିଲେ । ଶନିବାର ବିଜେଡି ପକ୍ଷରୁ ଏଭଳି ଖବରଦାତା ସମ୍ମିଳନୀ ପରେ ରବିବାର କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ବିଜେଡିର ଶୀର୍ଷ ସ୍ଥାନୀୟ ନେତାଙ୍କୁ କଡା ସମାଲୋଚନା କରାଯାଇଛି। ଗୋଟିଏ ଦିନ ପୂର୍ବରୁ ଦଳରେ ଯୋଗ ଦେଇଥିବା ଉପସଭାପତି ପତିଙ୍କ ଖବରଦାତା ସମ୍ମିଳନୀକୁ ପ୍ରାୟୋଜିତ ବୋଲି କଂଗ୍ରେସ ଅଭିଯୋଗ କରିଛି। ଜିଲା କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ଅସୀମ ପଟ୍ଟନାୟକ ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀ ଡାକି ବିଜେଡିକୁ କଡା ସମାଲୋଚନା କରିବା ସହ ଦିବ୍ୟଜ୍ୟୋତି ପାଣିଗ୍ରାହୀ ହତ୍ୟା ଓ ଅଭିମନ୍ୟୁ ସାହୁ ହତ୍ୟା ମାମଲାରେ ବିଜେଡି ନେତା ଓ ରାଜପରିବାରର ସମ୍ପୃକ୍ତି ଥିବା ଅଭିଯୋଗ କରିଥିଲେ। ଦିବ୍ୟଜ୍ୟୋତି ହତ୍ୟା ମାମଲାରେ ବିଜେଡି ଉପସଭାପତି ପତିଙ୍କ ଭାଇ ତଥା ତତ୍କାଳୀନ ବିଜେଡି ବ୍ଲକ୍ ଉପାଧ୍ୟକ୍ଷ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଜେଲଦଣ୍ଡ ଭୋଗୁଥିଲେ ମଧ୍ୟ ଅପରାଧ ଘଟଣାକୁ ନେଇ କଂଗ୍ରେସକୁ ଦୋଷାରୋପ କରିବା ହାସ୍ୟାସ୍ପଦ ବୋଲି ପଟ୍ଟନାୟକ କହିଥିଲେ। ଟିଟିଲାଗଡର ଯୁବନେତା ଅଭିମନ୍ୟୁ ସାହୁ ହତ୍ୟା ମାମଲାରେ ବିଜେଡିର ବରିଷ୍ଠ ନେତାଙ୍କ ସମ୍ପୃକ୍ତ ଥିବା ଅଭିଯୋଗ କରି ସିବିଆଇ ତଦନ୍ତ କରାଗଲେ ଏହି ହତ୍ୟା ମାମଲାର ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆସିବ ବୋଲି ସେ କହିଥିଲେ । ବେଆଇନ୍ କିଡ୍‌ନି କିଣା, ଓ ବେଆଇନ୍ ସିଲିଂ ବର୍ହିଭୂତ ୭୦୦ ଏକର ଜମି ଚଞ୍ଚକତା ପ୍ରସଙ୍ଗ ଉଠାଇ ରାଜପରିବାରଙ୍କୁ ଟାର୍ଗେଟ କରିଥିଲେ । ବଲାଙ୍ଗୀରରେ ନିଶା କାରବାର ବ୍ୟାପକ କରିବାରେ ସେମାନଙ୍କ ଭୂମିକା ରହିଥିବା ଦର୍ଶାଇ କିଛି ନିଶାଖୋର ବ୍ୟକ୍ତିଙ୍କ ସହ ବିଜେଡି ନେତା ଅନଙ୍ଗ, କଲିକେଶ ଓ ଅର୍କେଶଙ୍କ କିଛି ଫଟୋକୁ ସମ୍ମିଳନୀରେ ଦେଖାଇଥିଲେ। ବଲାଙ୍ଗୀରରେ ଅପରାଧ ବୃଦ୍ଧିରେ ବିଜେଡି ନେତାଙ୍କ ଭୂମିକା ରହିଥିବା ଅଭିଯୋଗ କରିଥିଲେ। ଧୀରେ ଧୀରେ ନିର୍ବାଚନ ପ୍ରଚାର ଅଭିଯାନ ଜୋରଦାର ହେଉଥିବାବେଳେ ବିଜେଡି ଓ କଂଗ୍ରେସ ନେତାମାନଙ୍କ ଏଭଳି ପରସ୍ପର ଅଭିଯୋଗ, ପ୍ରତ୍ୟାଭିଯୋଗ ଓ ଦୋଷାରୋପ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି ।

## ଭାଜପା ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର



ଲୋକ ସଭା ପ୍ରାର୍ଥିନୀ ସଙ୍ଗୀତା ସିଂଦେଓ ଏବଂ ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ବାଗ ନିର୍ବାଚନ ପ୍ରଚାର କରୁଛନ୍ତି।

**କଣ୍ଟାବାଞ୍ଜି,୩୧।୩ (ଡି.ଏନ.ଏ.)**

କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ବଙ୍ଗୋମୁଣ୍ଡା ବ୍ଲକର ୧୯ଟି ପଞ୍ଚାୟତରେ ଭାଜପାର ବଲାଙ୍ଗୀର ଲୋକସଭା (ଏମ୍‌ପି) ପ୍ରାର୍ଥିନୀ ସଙ୍ଗୀତା କୁମାରୀ ସିଂଦେଓ ଓ ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ବାଗ ରବିବାର ପ୍ରଚାର କରିଛନ୍ତି। ଜଳସେଚନର ବିକାଶ, ଦାଦନ ସମସ୍ୟାର ସମାଧାନ, ବେରୋଜଗାର ରୋକିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ହିଁ ସମ୍ଭବ ହେବ। କେନ୍ଦ୍ର ଓ ଓଡିଶାରେ ଭାଜପା ସରକାର ଗଠନ ହେଲେ ହିଁ ଦେଶର ବିକାଶ ହୋଇ ପାରିବ ବୋଲି ଏ ଦୁହେଁ କହିଛନ୍ତି। ଅଲଣ୍ଡା, କଂସିଲ, ଭୁଷଲାଡ, ଦେଢଗାଁ, ବଙ୍ଗୋମୁଣ୍ଡା, ଗଁରେଇ, ଝଲପ, ସିନ୍ଧେକେଲା ପ୍ରଭୃତି ପଞ୍ଚାୟତରେ ଭାଜପା ଭୋଟ ଭିକ୍ଷା କରିଛି । ଏହି ନିର୍ବାଚନୀ ପ୍ରଚାରରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି, ଅଶୋକ ଦାସ, ହୁତାଶନ ବଗର୍ତି, କିଶୋର ଜୈନ, ଜିଲା ପରିଷଦ ସଭ୍ୟା ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ଅକ୍ଷୟ ବାଘ ତରଭା ଓକିଲ ସଂଘ ସଭାପତି

**ତରଭା, ୩୧।୩ (ଡି.ଏନ.ଏ.)**

ତରଭା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଗୌରୀଶ୍ୟାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଘ ସଭାପତି ଭାବେ ଅକ୍ଷୟ କୁମାର ବାଘ ମନୋନୀତ ହୋଇଛନ୍ତି। ଉପସଭାପତି ଭାବେ ସୁରେଶ ଚନ୍ଦ୍ର ମହଲା, ସମ୍ପାଦକ ସଞ୍ଜିବ କୁମାର ସାହୁ,ସହସମ୍ପାଦକ ମହାବୀର ନାଏକ, କୋଷାଧ୍ୟକ୍ଷ ଶ୍ରବଣ କୁମାର ବିଶ୍ୱାଳ ପ୍ରମୁଖ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଓକିଲ ସୁବିଞ୍ଚ ଦରୁଆନ, କାହ୍ନୁଚରଣ ଦାସ, ଅଚ୍ୟୁତାନନ୍ଦ ବିଶ୍ୱାଳ, ରାଜେନ୍ଦ୍ର ବିଜୟ ସାହୁ ଏବଂ ଭବାନୀ ଶଙ୍କର ମିଶ୍ରଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ବରିଷ୍ଠ ଆଇନଜୀବୀ ଆଦିକନ୍ଦ ପାଣିଗ୍ରାହୀ, ସାନନ୍ଦ ବିହାରୀ ମହାପାତ୍ର, ଦଶରଥ ମହାଣା, ସରକାରୀ ଓକିଲ ଉମେଶ ନାଏକ ଓ ବିଶ୍ୱରଞ୍ଜନ ମିଶ୍ର, ସତ୍ୟନାରାୟଣ ନାଏକ, ହନୁମାନ ପ୍ରସାଦ ମିଶ୍ରଙ୍କ ସହିତ ଓକିଲ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

## ଅଦିନିଆ ଝଡ଼ ତୋଫାନରେ ବ୍ୟାପକ କ୍ଷୟକ୍ଷତି

**ଦେଓଗାଁ, ୩୧।୩ (ଡି.ଏନ.ଏ.)**



ସିକୁଆଁରେ ଜଣେ ବ୍ୟକ୍ତିଙ୍କ ଘର ଉପରେ ଗଛ ପଡିଯିବାରୁ ଘର ଭାଙ୍ଗିଯାଇଛି ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ରବିବାର ସନ୍ଧ୍ୟାରେ ଅଦିନିଆ ଝଡ଼ ତୋଫାନ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏହି ବ୍ଲକ ଅନ୍ତର୍ଗତ ସିକୁଆଁ ପଞ୍ଚାୟତ ସିକୁଆଁରେ ଅନାଟନ ପଧାନଙ୍କ ଘର ଉପରେ ଏକ ଗଛ ପଡିଯିବାରୁ ଘର ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯାଇଛି। ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଲେକୁ ସାମଲ ଓ ପବନ ଗଡତ୍ୟାଙ୍କ ଘର ଉପରେ ମଧ ଗଛପଡି ଯିବାରୁ ଘର ଭାଙ୍ଗି ନଷ୍ଟ ହୋଇଯାଇଛି। ଫସଲ ମଧ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି । ଏଥିସହ ଅନେକ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିବାରୁ ସିକୁଆଁ ଅଞ୍ଚଳ ଅନ୍ଧାରରେ ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବଡବନ୍ଧ, ସିକୁଆଁ, ଫଟାମୁଣ୍ଡା, ରେଙ୍ଗାଲି, ଜରାସିଂହା, ସାଲେପାଲି ଆଦି ଅଞ୍ଚଳରେ ଝଡ ତୋଫାନ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏ ସମ୍ପର୍କରେ ତହସିଲଦାର ସୋନାଲି ପାତ୍ରଙ୍କୁ ଯୋଗାଯୋଗ କରିବାରୁ ସୋମବାର ସଂପୃକ୍ତ ଅଞ୍ଚଳର ଆରଆଇମାନଙ୍କୁ ପଠାଇ ଅନୁଧ୍ୟାନ କଲା ପରେ ସରକାରୀ ସହାୟତା ପାଇଁ ରିପୋର୍ଟ ପଠାଇବେ ବୋଲି କହିଥିଲେ।

## ମରାମତି ହେଉନି ସ୍କୁଲ ନଳକୂପ

**ଲୋଇସିଂହା,୩୧।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ପଣ୍ଡରାଣି ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନଳକୂପ ଗତ ଏକ ବର୍ଷ ହେଲା ଅଚଳ ହୋଇ ପଡିଛି । ସ୍କୁଲ ପରିଚାଳନା କମିଟି ଶିକ୍ଷା ବିଭାଗ ଓ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ । ଫଳରେ ସ୍କୁଲର ଛାତ୍ରୀଛାତ୍ରମାନେ ପାଣି ପାଇଁ ହଟହଟା ହେଉଛନ୍ତି। ବିଶେଷ କରି ଚଳିତ ଗ୍ରୀଷ୍ମଋତୁରେ ଏହା ସଙ୍ଗୀନ ପରିସ୍ଥିତି ସୃଷ୍ଟି କରିବା ଆଶଙ୍କା ପ୍ରକାଶ ପାଇଛି। କୁଟେନପାଲି ପଞ୍ଚାୟତ ଅଧୀନ ପଣ୍ଡରାଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୨ଶହ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟ ପରିସରରେ ଥିବା ନଳକୂପ ଗତ ଏକବର୍ଷ ହେଲା ଅଚଳ ହୋଇ ପଡିଛି । ଏହାର ପାଇଁ ମରାମତି ପାଇଁ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଅଭିଯୋଗ ହୋଇ ଆସୁଥିଲେ ମଧ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆ ଯାଉ ନ ଥିବା ପରିଚାଳନା କମିଟି ସମିତି ସଭାପତି ଇନ୍ଦ୍ରମଣୀ ବେହେରା ପ୍ରକାଶା କରିଛନ୍ତି। ଏଥିପ୍ରତି ଜିଲାପଳ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଓକିଲ ସଂଘର ନୂଆ କର୍ମକର୍ତ୍ତା

**ବୌଦ୍ଧ,୩୧।୩(ସ୍ୱ.ପ୍ର.)**

ରାଜ୍ୟ ବାର କାଉନସିଲର ନିର୍ଦ୍ଦେଶ କ୍ରମେ ବୌଦ୍ଧର ଦୁଇ ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନାରାୟଣ ପ୍ରସାଦ ପରିଜା ନିର୍ବାଚନ ଅଧିକାରୀ ଦାୟିତ୍ୱ ନିର୍ବାହ କରିଥିଲେ। ତାରେଣି ମହାପାତ୍ର ସଭାପତି ଓ ଅଶୋକ କୁମାର ମିଶ୍ର ସଂପାଦକ ଭାବେ ମନୋନିତ ହୋଇଥିଲେ । ସେହିପରି ସିଭିଲ ଓ କ୍ରିମିନାଲ ଓକିଲ ସଂଘର କୃଷ୍ଣଚନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ସଚ୍ଚିଦାନନ୍ଦ ଦଲାଲ ସଭାପତି ଓ ଶାନ୍ତନୁ କୁମାର ମହାପାତ୍ର ସମ୍ପାଦକ ମନୋନିତ ହୋଇଛନ୍ତି।

### ଜେପିସିଟି କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ଖପ୍ରାଖୋଲକୁ ହରାଇଲା ବଲାଙ୍ଗୀର

**ଖପ୍ରାଖୋଲ,୩୧।୩ (ଡି.ଏନ.ଏ.)**



ଅତିଥିଙ୍କଠାରୁ ଚାମ୍ପିୟନ ବଲାଙ୍ଗୀର ଦଳ ଟ୍ରଫି ଗ୍ରହଣ କରୁଛନ୍ତି।

ସ୍ଥାନୀୟ ହାଇସ୍କୁଲ ଖେଳପଡିଆଠାରେ ଜ୍ୟୋତିପ୍ରକାଶ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଜେପିସିଟି କପ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ବଲାଙ୍ଗୀର ଓ ଖପ୍ରାଖୋଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ବଲାଙ୍ଗୀର ଦଳ ୨୫ ଓଭରରେ ୧୮୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଖପ୍ରାଖୋଲ ଦଳ ୧୭୪ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ପ୍ରଶାନ୍ତ ମିଶ୍ର ଓ ଶିବରାଜ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ଭାବେ ଆଶିଷ ଦୀପ କାର୍ଯ୍ୟ ସଂପାଦନ କରିଥିଲେ । ଠଣସୁନ୍ଦର ସାହୁ ଖେଳର ଧାରାବିବରଣି ପ୍ରଦାନ କରିଥିଲେ। ଜେପିସିଟି ଚେୟାରମ୍ୟାନ ରମାକାନ୍ତ ଭୋଇ, ପାଟଣାଗଡ ଏନଏସିର ପୂର୍ବତନ ଉପାଧ୍ୟକ୍ଷ ପ୍ରବୋଧାନନ୍ଦ ପାଣିଗ୍ରାହୀ ସତ୍ୟାନନ୍ଦ ସେନ୍ଦ୍ରିଆ ଏବଂ ଯୁବରାଜ ବେହେରା ପ୍ରମୁଖ ପୁରସ୍କାର ବିତରଣ ସଭାରେ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ବଲାଙ୍ଗୀର ଦଳକୁ ଟ୍ରଫି ସହ ନଗଦ ୧୫ହଜାର ଟଙ୍କା ଏବଂ ରନର୍ସ ଅପ୍ ଖପ୍ରାଖୋଲ ଦଳର ଖେଳାଳିଙ୍କୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ପିଣ୍ଟୁ ଶତପଥୀ, ଶେଖ ୱାସିକ ରାଜା, ବିନୋଦ ଦଣ୍ଡସେନା, ଅଭିଲାଷ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ବବଜା ଗ୍ରାମବାସୀଙ୍କ ଭୋଟ ବର୍ଜନ ଚେତାବନୀ

**ଲୋଇସିଂହା,୩୧।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାନିପାଲି ପଞ୍ଚାୟତ ବବଜା ଗ୍ରାମବାସୀ ୨୦୧୯ ସାଧାରଣ ନିର୍ବାଚନ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଗାଁରେ ବୁଥ୍ କରାଯାଇ ନ ଥିବାରୁ ଗ୍ରାମବାସୀ ଏଭଳି ପଦକ୍ଷେପ ନେଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ପ୍ରଶାସନକୁ ଲିଖିତ ଭାବେ ଅବଗତ କରିଥିବା ଗ୍ରାମବାସୀ କହିଛନ୍ତି। ୨୦୧୪ ନିର୍ବାଚନ ବେଳେ ଲୋଇସିଂହା ବ୍ଲକରେ ୧୮ ପଞ୍ଚାୟତ ଥିଲା। ୨୦୧୭ ପଞ୍ଚାୟତ ନିର୍ବାଚନ ବେଳେ ୧୮ରୁ ୨୦ ପଞ୍ଚାୟତକୁ ବୃଦ୍ଧି କରାଯାଇଥିଲା। ସେତେବେଳେ ବାନିପାଲି ନୂତନ ପଞ୍ଚାୟତ ଗଠିତ ହୋଇଥିଲା । ପୂର୍ବରୁ ରତାଖଣ୍ଡି ପଞ୍ଚାୟତ ଅଧୀନରେ ଥିବା ବବଜା ଗାଁ ବାନିପାଲି ପଞ୍ଚାୟତରେ ମିଶିଛି । ପଞ୍ଚାୟତ ସଦର ମହକୁମାଠାରୁ ବବଜା ଗାଁ ୩ କି.ମି. ଦୂର । ଗାଁର ୱାର୍ଡ ସଂଖ୍ୟା ୩, ମୋଟ ଜନସଂଖ୍ୟା ୨ ହଜାରରୁ ଉର୍ଦ୍ଧ୍ୱ ଥିବାବେଳେ ୭ ଶହ ଭୋଟର ରହିଛନ୍ତି। ଗାଁରେ ହାଇସ୍କୁଲ,ଏମ୍‌ଇ ସ୍କୁଲ ସମେତ ୨ଟି ଅଙ୍ଗନୱାଡି କେନ୍ଦ୍ର ରହିଛି । ରତାଖଣ୍ଡି ପଞ୍ଚାୟତ ଅଧୀନରେ ଥିବା ସମୟରେ ୨୦୧୪ ନିର୍ବାଚନ ସମୟରେ ଗାଁରେ ୨ଟି ବୁଥ୍ କରାଯାଇଥିଲା । ଚଳିତ ୨୦୧୯ ନିର୍ବାଚନ ପାଇଁ ଗାଁରେ ବୁଥ୍ କରାଯାଇ ନାହିଁ । ଗାଁ ଠାରୁ ୩ କି.ମି. ଦୂର ପଞ୍ଚାୟତ ସଦର ମହକୁମା ତଥା ବାନିପାଲିରେ ବବଜା ଗ୍ରାମର ବୁଥ୍ କରାଯାଇଛି । ଏହି ଖବର ଗ୍ରାମବାସୀଙ୍କ ହସ୍ତଗତ ହେବାପରେ ଗ୍ରାମରେ ତୀବ୍ର ପ୍ରତିକ୍ରିୟା ଓ ଅସନ୍ତୋଷ ପ୍ରକାଶ ପାଇଥିଲା । ପୂର୍ବ ନିର୍ବାଚନରେ ଗାଁରେ କୌଣସି ଅପ୍ରୀତିକର ଘଟଣା ଘଟି ନ ଥିବାରୁ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଗାଁରେ ବୁଥ ନ ହେଲେ ଭୋଟ ବର୍ଜନ କରିବେ ବୋଲି ୨ ମାସ ପୂର୍ବରୁ ଜିଲା ପ୍ରଶାସନକୁ ଲିଖିତ ଭାବେ ଜଣାଇଛନ୍ତି। ହେଲେ ଅଦ୍ୟାବଧି ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇ ନ ଥିବା ୱାର୍ଡସଭ୍ୟ ପ୍ରଶାନ୍ତ ଗଡତ୍ୟା, କଲ୍ୟାଣି ଛତ୍ରିଆ, ସୁମିତ୍ରା ପଧାନ ପ୍ରମୁଖ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ପଚାରିବାରୁ ତାଙ୍କ ନିକଟରେ କୌଣସି ଖବର ନାହିଁ ବୋଲି ପ୍ରକାଶ କରିଛନ୍ତି।

## ବିଜେଡି ଶାସନରେ ବିକାଶ ହୋଇନାହିଁ

**ବୌଦ୍ଧ,୩୧।୩ (ସ୍ୱ.ପ୍ର.)**





ଭାଜପା କର୍ମୀ ସମ୍ମିଳନୀରେ ଏମ୍‌ପି ପ୍ରାର୍ଥୀ ଖାରବେଳ ସ୍ୱାଇଁ ଭାଷଣ ଦେଉଛନ୍ତି ।

ଗତ ୧୯ବର୍ଷ ହେଲା ବିଜେଡି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କ୍ଷମତାରେ ରହିଛି। କିନ୍ତୁ ବିଜେଡି ଶାସନରେ ରାଜ୍ୟର ଯାହା ବିକାଶ ହେବା କଥା ତାହା ହୋଇ ପାରିନାହିଁ । ବୌଦ୍ଧ ଓ କନ୍ଧମାଳ ଭଳି ଅଞ୍ଚଳ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ବିକାଶ ଠାରୁ ବହୁ ଦୂରରେ ରହିଛି ବୋଲି ବୌଦ୍ଧକୁ ପ୍ରଚାର କାର୍ଯ୍ୟରେ ଆସି ଭାଜପାର ଏମ୍‌ପି ପ୍ରାର୍ଥୀ ଖୀର ଖାରବେଳ ସ୍ୱାଇଁ ଏକ କର୍ମୀ ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ନିଜର ବିଫଳତାକୁ ଲଚାଇବାକୁ ସବୁ କଥାରେ କେନ୍ଦ୍ର ସରକାର ଉପରେ ଦୋଷ ଲଦୁଥିବା ଖାରବେଳ ଅଭିଯୋଗ କରିଥିଲେ। କେନ୍ଦ୍ର ସରକାରଙ୍କ ନିଟକରେ ବିଜେଡି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରୁଥିବାବେଳେ ଦେଶରେ କେଉଁ କେଉଁ ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ କରାଯାଇଛି ତାହା ସମୀକ୍ଷା କରାଯିବା ଉଚିତ ବୋଲି ସେ ପ୍ରକାଶ କରିଥିଲେ । ଏହି କର୍ମୀ ସମ୍ମିଳନୀରେ ଭାଜପାର ବୌଦ୍ଧ ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ପ୍ରଧାନ ବିଜେଡି ଶାସନରେ ବୌଦ୍ଧ ଜିଲାର କୌଣସି ଆଖିଦୃଶିଆ ବିକାଶ ହୋଇ ନ ଥିବା କହିବା ସହିତ ଜିଲାର ଚାଷୀ ପାଣି ଅଭାବରୁ ପ୍ରତିବର୍ଷ ମରୁଡିର ଶିକାର ହେଉଥିବା ଅଭିଯୋଗ କରିଥିଲେ । ଜିଲାରେ ବେକାରୀ ସମସ୍ୟା ଉକ୍ରଟ ରୂପ ଧାରଣ କରିଥିବାବେଳେ ଲୋକମାନେ କାମଧନ୍ଦା ଅନ୍ୱେଷଣରେ ଦାଦନ ଖଟିଯିବାକୁ ବାଧ୍ୟ ହେଉଛନ୍ତି । ଆଜି ପାନୀୟଜଳ ଏକ ମୁଖ୍ୟ ସମସ୍ୟା । ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବୌଦ୍ଧ ଜିଲା ପଛୁଆ ରହିବା ସହିତ ଗୋଟିଏ ମଧ୍ୟ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ନ ମିଳିବା ଦୁର୍ଭାଗ୍ୟଜନକ ବୋଲି ପ୍ରଧାନ ଅଭିଯୋଗ କରିଥିଲେ । ତେଣୁ ଆଗାମୀ ନିର୍ବାଚନରେ ବୌଦ୍ଧବାସୀ ଏହାର ଉଚିତ ଜବାବ ଦେବାକୁ ସେ ଆହ୍ୱାନ ଜଣାଇଥିଲେ।

## ସଂକ୍ଷେପରେ

### ଟ୍ରକ୍ ଚାପାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ନୂଆପଡା ଅଫିସ/କୋମନା, ୩୧।୩ ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ଉଦ୍ୟାନବନ୍ଧ ନିକଟରେ କୋମନା ଅଭିମୁଖେ ଯାଉଥିବା ଏକ ବାଇକ୍ ଉପରେ ଏକମାଲବାହୀ ଟ୍ରକ୍ ଚଢ଼ିଯିବା ଫଳରେ ଘଟଣାସ୍ଥଳରେ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ସ୍ଥାନୀୟ ଜଡାମୁଣ୍ଡା ଗାଁର ବିଜୟ କୁମାର ନାଏକ (୧୯) ବୋଲି ଜଣାପଡିଛି। କୋମନା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ କୋମନା ଥାନାରେ ଅଟକ ରଖାଯାଇଛି। ବିଜୟ କୌଣସି କାମରେ କୋମନାକୁ ପୂର୍ବାହ୍ନରେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି ।

### ଲଙ୍ଗଳ ଦଉଡିରେ ଲାଗି ଚାଷୀ ଗୁରୁତର

ରିଷିଡା,୩୧।୩(ଡି.ଏନ.ଏ.) କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସାନଡୁଙ୍ଗୁରୀ ଗୁଡା ଗ୍ରାମ ଅବଧୁତ ପଧାନ ନିଜ ଜମିରେ ଦେଶୀ ଲଙ୍ଗଳରେ ହଳ କରୁଥିବା ବେଳେ କୌଣସି କାରଣରୁ ଲଙ୍ଗଳ ଦଉଡିରେ ଲାଗିଯାଇଥିଲେ । ୨ଟି ବଳଦ ତାଙ୍କୁ ଘୋଷାରି ଘୋଷାରି ପ୍ରାୟ ୧ କି.ମି. ରାସ୍ତା ନେଇଯାଇଥିବାରୁ ଏହି ଚାଷୀ ଜଣକ ଗୁରୁତର ଆହତ ହୋଇଥିଲେ । ଗୁରୁତର ଚାଷୀଙ୍କୁ ବଲାଙ୍ଗୀର ମେଡିକାଲରେ ଭର୍ତ୍ତି କରାଯାଇଛି।

### ସମସ୍ୟା ଘେରରେ ନୂଆପଡା ନିର୍ବାଚନମଣ୍ଡଳୀ

# ନିର୍ବାଚନ ଆସିଲେ ନେତାଙ୍କୁ ମନେପଡେ

ଘନଶ୍ୟାମ ଭୋଇ, ନୂଆପଡା ଅଫିସ,୩୧।୩

ଦେଶ ସ୍ୱାଧୀନ ହେବାର ସତୁରୀ ବର୍ଷ ଗଡଗଲାଣି। ଇତିମଧ୍ୟରେ ୧୭ଟି ସାଧାରଣ ନିର୍ବାଚନରେ ନୂଆପଡାବାସୀ ମତଦାନ କରିସାରିଛନ୍ତି । ଏହିଭଳି ଜିଲା ଗଠନ ହେବାର ପଚିଶ ବର୍ଷ ହେବ । ହେଲେ ସାଧାରଣ ଲୋକଟିଏ ମଧ୍ୟ ପଚାରିଲେ କହନ୍ତି ବିଶେଷ ପରିବର୍ତ୍ତନ ହୋଇନାହିଁ । ନିର୍ବାଚନ ପରେ ନିର୍ବାଚନ ଆସୁଛି ନେତାମାନେ ପ୍ରତିଶ୍ରୁତି ଦେଇ ଭୋଟ ଭିକ୍ଷା କରୁଛନ୍ତି । ନିର୍ବାଚନ ସରିବା ପରେ ବିଭିନ୍ନ ସମୟରେ ନୂତନ ସରକାର ଗଠନ ହୋଇ ଆସୁଛନ୍ତି । ହେଲେ ଅବସ୍ଥା ଯଥାପୂର୍ବଂ ତଥା ପରଂ ହେଉଛି ।

ରାଜ୍ୟ ରାଜଧାନୀରୁ ୬ ଶହ କି.ମି. ଦୂରରେ ତଥା ଛତିଶଗଡ ରାଜ୍ୟ ସୀମାନ୍ତରେ ରହିଛି ନୂଆପଡା ଜିଲା । ଜିଲାର କୋମନା ଏବଂ ନୂଆପଡା ଦୁଇଟି ବ୍ଲକକୁ ନେଇ ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀ । ଏଠାରେ ମୋଟ ୩୦୧ଟି ବୁଥରେ ୨ ଲକ୍ଷ ୨୪ ହଜାର ମତଦାତା ରହିଛନ୍ତି। ଏଠିକାର ଅର୍ଦ୍ଧାଧିକ ଅଞ୍ଚଳ ବଣ ଜଙ୍ଗଲରେ ପରିବେଷ୍ଟିତ ରହିଥିବାବେଳେ ବନବାସୀ ଆଦିବାସୀଙ୍କ ସଂଖ୍ୟା ଢେର ବେଶୀ ।

### କାମ ଦେଉନି ଭୋଟବର୍ଜନ ଚେତାବନୀ

ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ମୌଳିକ ସୁବିଧା ଲୋକଙ୍କୁ ମିଳିପାରୁନାହିଁ । ଶିକ୍ଷା କଥା ବିଚାରକୁ ନିଆଗଲେ ଅର୍ଦ୍ଧାଧିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ଅନୁପାତରେ ଶିକ୍ଷକ ନାହାନ୍ତି । ବିଦ୍ୟାଳୟ ରହିଛି ହେଲେ ଶ୍ରେଣୀ କୋଠରି ଅଭାବ ରହିଛି। ଉଦାହରଣ ଦେଖାଗଲେ ସୁନାବେଡା ଅଭୟାରଣ୍ୟର ଗଡଗଡା ଗାଁରେ ଶିକ୍ଷକ, ପିଲା ରହିଥିବା ବେଳେ ବିଦ୍ୟାଳୟ ଗୃହ ଦେଖା ନାହିଁ । ନୂଆପଡା ବ୍ଲକର ସିରିଗିଡି ବିଦ୍ୟାଳୟରେ ୩ଟି କୋଠରିରେ ୮ଟି ଶ୍ରେଣୀର ପିଲା ବିପଦ ସଙ୍କୁଳ ଅବସ୍ଥାରେ ପାଠ ପଢୁଛନ୍ତି । ସରକାର ସମସ୍ତଙ୍କୁ ବିଜୁଳି ଆଲୁଅ ଯୋଗାଇଦେବା କଥା କହୁଛନ୍ତି। ହେଲେ ସୁନାବେଡା ଏବଂ ସୋସେଙ୍ଗ ଦୁଇଗୋଟି ଗ୍ରାମପଞ୍ଚାୟତର ୫୦ଟି ଛୋଟବଡ ଜନବସତିକୁ ବିଜୁଳି ସଂଯୋଗ ହୋଇପାରୁନାହିଁ । ଗମନାଗମନ ବ୍ୟବସ୍ଥା ବହୁ ସାଂଘାତିକ । ସରକାର ବାର୍ଷିକ ହଜାର ହଜାର କିମି ରାଜରାସ୍ତା ନିର୍ମାଣ କରୁଥିବା ନେଇ ବାହାବା ନେଉଛନ୍ତି । ହେଲେ ନୂଆପଡା-ଖଡିଆଳ ଜାତୀୟ ରାଜପଥ ନିର୍ମାଣ ଆଜକୁ ୭ ବର୍ଷ ହେବ ସମ୍ପୂର୍ଣ୍ଣ ହୋଇପାରୁନାହିଁ । ଏଥିରେ ୫୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟି ବହୁ ଜୀବନହାନି ହୋଇଛି । ସ୍ୱାସ୍ଥ୍ୟ ସମସ୍ୟା କଥା ନ ହିବା ଭଲ । କୋଟି କୋଟି ଟଙ୍କାର ହସ୍ପିଟାଲ ବିଲଡିଂ ରହିଥିବା ବେଳେ ଡାକ୍ତର ନାହାନ୍ତି । ୭୨ ପରିବର୍ତ୍ତେ ରହିଛନ୍ତି ମାତ୍ର ୩୫ଜଣ ଡାକ୍ତର । ବେସରକାରୀ କ୍ୱାକ ଭରସାରେ ଚାଲିଛି ରୋଗୀ ସେବା । ଅନୁନ୍ନତ ଅଞ୍ଚଳ ହେତୁ ବାର୍ଷିକ କୋଟି କୋଟି ଟଙ୍କାର ଯୋଜନା ଆସୁଛି । ଏଠାରେ ନେତା ଅଧିକାରୀ ମାଲାମାଲ ହେଉଛନ୍ତି, ହେଲେ ଆଖି ଦୃଶିଆ ବିକାଶ ହେଉନାହିଁ । ବର୍ତ୍ତମାନ ସାଧାରଣ ନିର୍ବାଚନ ସମୟ ଆସିଛି । ଲୋକେ ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଉଛନ୍ତି । ହେଲେ ତାହା କାମକୁ ଆସୁ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଉଦାହରଣ ଭାବେ ପେଣ୍ଡ୍ରାବନ୍ଧ ଗ୍ରାମବାସୀଙ୍କ ବିଜୁଳି ସମସ୍ୟା, ବୁଢୀପାଲିବାସୀଙ୍କ ରବି ଚାଷକୁ ପାଣି ଦାବି, ସୁନାବେଡାରେ ବିଜୁଳି, ରାସ୍ତା ପାଇଁ ଦାବି କରି ଭୋଟ ବର୍ଜନ କରିବେବୋଲି ପ୍ରଶାସନକୁ ଚେତାବନୀ ଦେଇଥିଲେ । ହେଲେ ପ୍ରତିକ୍ରିୟା ଶୂନ । ଏହା ଉପରେ ନା ନେତା ନା ପ୍ରଶାସନ ଦୃଷ୍ଟି ଦେଉଛି । ବର୍ତ୍ତମାନ ଗାଁକୁ ଗାଁ ଆମ ପ୍ରତିନିଧି ବୁଲି ସାଧାରଣ ମତଦାତାଙ୍କ ସହ ଆଲୋଚନା କଲେ କହୁଛନ୍ତି, ନେତାମାନେ ଖାଲି ଭୋଟ ବେଳେ ଦେଖା ଦେଉଛନ୍ତି, ସମସ୍ୟା ସମାଧାନ କରିବାରେ ଅସଫଳ ।

### ସେମାନେ ଯାହା କୁହନ୍ତି...



"ନିର୍ବାଚନ ପରେ ସାଢେ ୪ ବର୍ଷ ନେତା ଉଭାନ ହୋଇଯାଆନ୍ତି। ହେଲେ ନିର୍ବାଚନକୁ ଠିକ ୫ ମାସ ଥିବ ନେତା ମାଳମାଳ ସମସ୍ୟା ନେଇ ଧାରଣାରେ ବସିଯାଆନ୍ତି । ବାକି ସମୟରେ ନେତାମାନେ ଲୋକଙ୍କ କଥା କମ ନିଜ କଥା ବେଶୀ ଚିନ୍ତା କରିଥାନ୍ତି ।

-ବଣ୍ଟି ପଟେଲ, ଆଇନଜୀବୀ



"ପଛୁଆ ଜିଲା ଭାବେ ବାର୍ଷିକ ରାଜ୍ୟ ଏବଂ କେନ୍ଦ୍ରୀୟ ଯୋଜନାରେ କୋଟି କୋଟି ଟଙ୍କା ଆସୁଛି । ହେଲେ ଏଠାରେ ନେତା, ଅଧିକାରୀ ସବୁ ଭାଗ ବଣ୍ଟୁରା କରି ସାରି ଦେଉଛନ୍ତି । ଏଠିକାର ସମସ୍ୟା ପୂର୍ବବତ ଅସମାହିତ ହୋଇ ରହିଯାଉଛି ।

- ଭାଗିରଥୀ ଭୋଇ, ସାମାଜିକ କର୍ମୀ



"ନିର୍ବାଚନ ସମୟରେ ନେତା, ଦଳୀୟ କର୍ମୀମାନେ ଆସୁଛନ୍ତି । ଭୋଟ ସରିଗଲେ ଦେଖାଦେଉନାହାନ୍ତି ।

-ସବିତା ପଟେଲ, ଛାତ୍ରୀ



"ଏଠାରେ ଗଣତନ୍ତ୍ରମାନେ କିଛି ରହୁନାହିଁ। ଏହା ଲୋକମାନଙ୍କ ଶାସନ ହୋଇରହୁନାହିଁ । ଏଠିକାର ସମସ୍ୟାକୁ ଦୃଷ୍ଟି ଦେଲେ ହିଁ ନେତୃତ୍ୱ ନେବାର ମୂଲ୍ୟ ରହିବ ।

-ରାଜବାଈ ସତନାମୀ, ଗୃହିଣୀ ।



### ଜଳୁଛି ସିଙ୍ଗାରୀ ସଂରକ୍ଷିତ ଜଙ୍ଗଲ

ଭବାନୀପାଟଣା,୩୧।୩(ଡି.ଏନ.ଏ.)

କଳାହାଣ୍ଡିଜିଲା ସିଙ୍ଗାରୀ ସଂରକ୍ଷିତ ଜଙ୍ଗଲରେ ଲାଗୁଛି ନିଆଁ । ଦିନ ତମାମ ଜଙ୍ଗଲରେ ଧୂଆଁ ଛାଇ ରହୁଥିବା ବେଳେ ରାତିରେ ନିଆ ଜଳୁଛି । କଲମପୁର ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀକୁ ଟପି ସାରିଥିବା ସିଙ୍ଗାରୀ, ଦେବଗିରୀ ସଂରକ୍ଷିତ ଜଙ୍ଗଲ ପୋଡିର ପ୍ରଭାବରେ ବାୟୁ ମଣ୍ଡଳ ପ୍ରଭାବିତ ହୋଇ ଜନ ଜୀବନ ଅସ୍ତବ୍ୟସ୍ତ ହେଉଛି । ଜଙ୍ଗଲ ପୋଡି ଦ୍ୱାରା ଶାଳ, ପିଆଶାଳ, ଶାଗୁଆନ ଆଦି ମୂଲ୍ୟବାନ ଗଛ ସମେତ ହରିଡା, ବାହାଡା, ଅଁଳା ଆଦି ମୂଲ୍ୟବାନ ଔଷଧିୟ ବୃକ୍ଷ ସବୁ ପୋଡି ପାଉଁଶ ହୋଇଯାଉଛି । କେବଳ ଗଛ ନୁହେଁ ଏହି ନିଆଁର ପ୍ରଭାବରେ ବହୁ ମୂଲ୍ୟବାନ ଗଛର ମଞ୍ଜି ପୋଡି ନଷ୍ଟ ହେବାରୁ ଆଗାମୀ ଦିନରେ ଜଙ୍ଗଲ ସୃଷ୍ଟି ହେବାରେ ପ୍ରତିବନ୍ଧକ ସୃଷ୍ଟି କରୁଛି । ଏହି ଜଙ୍ଗଲ ପୋଡିରେ ଜଙ୍ଗଲରେ ରହୁଥିବା ବାର୍‌ହା, ସମ୍ବର, କୁଟୁରା, ଠେକୁଆ ସମେତ ମୟୁର ଭଳି ଅନେକ ପଶୁ ପକ୍ଷୀ ପ୍ରଭାବିତ ହେଉଛନ୍ତି । ଜଙ୍ଗଲ ପୋଡି ଓ ଜଙ୍ଗଲରେ ପାଣି ନ ପାଇ ଜୀବଜନ୍ତୁ ଜନବସତି ମୁହାଁ ହୋଇ ଶିକାରୀଙ୍କ ହାବୁଡରେ ପଡୁଛନ୍ତି ।

## ଆଟିଗାଁ ଜୋନରେ ଦିବ୍ୟ ଶଙ୍କରଙ୍କ ମାରାଥନ୍ ପ୍ରଚାର

ଜୁନାଗଡ,୩୧।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ ଜୋନ୍‌ରେ ରବିବାର ବିଜେଡି ବିଧାୟକ ପ୍ରାର୍ଥୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ମାରାଥନ ପ୍ରଚାର କରିଛନ୍ତି। ପ୍ରଥମେ ସେ ଜୋନର ବଣ୍ଡାକୁଟ୍ରାଠାରେ ପହଞ୍ଚିବା ପରେ ତାଙ୍କୁ ଦଳୀୟ କର୍ମକର୍ତ୍ତା ସହ ସ୍ଥାନୀୟ ଲୋକେ ସମ୍ବର୍ଦ୍ଧନା ଦେଇଥିଲେ। ସେଠାରୁ ମହିଭର, ପିଳିକିଆ, ବାଲିଛଡା, କଳିଆକୁଣ୍ଡଲ, ମୁଣ୍ଡିଗୁଡା, କେଲିଆ ଆଦି ଗ୍ରାମରେ ପ୍ରଚାର କରିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ଏହାଦ୍ୱାରା କିପରି ତୃଣମୂଳସ୍ତରର ଲୋକ ଉପକୃତ ହୋଇଛନ୍ତି ତାହା ଉପରେ ସ୍ଥାନୀୟ ଲୋକଙ୍କୁ ବିଧାୟକ ମିଶ୍ର ବୁଝାଇଥିଲେ। ସେହିପରି ଓଡିଶାର ବିକାଶ ପାଇଁ ପୁଣି ଥରେ ବିଜେଡି ଶାସନକୁ କ୍ଷମତା ଆଣିବାକୁ ହେବ ବୋଲି ବିଧାୟକ ମିଶ୍ର ସ୍ଥାନୀୟ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ଏହି ସମୟରେ ବିଧାୟକ ମିଶ୍ରଙ୍କ ସହ ରାଜ୍ୟ ପରିଷଦ ସଦସ୍ୟ ଦିଗାମ୍ବର ନାଏକ, ପୂର୍ବତନ ସରପଞ୍ଚ ବିରେନ୍ଦ୍ର ବେହେରୁକ, ବୃଷଭ ଧଙ୍ଗଡାମାଝି, ଦିନେଶ ବଗର୍ତ୍ତି, ପ୍ରଭାସ ମେହେର, ପୂର୍ଣ୍ଣଚନ୍ଦ୍ର କ୍ଷିତୀ, ଦୁର୍ଯ୍ୟାଧନ ମାଝି, ରୋହିତ ସୁନାନୀ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ଅନୀଲ ସିଂଦେଓ ମଧ୍ୟ ଏହି ଜୋନର ବିଭିନ୍ନ ସ୍ଥାନରେ ପ୍ରଚାର କରିଛନ୍ତି। ଏହି ସମୟରେ ସେ ସ୍ଥାନୀୟ ଲୋକଙ୍କୁ କଂଗ୍ରେସ ସମୟରେ ହୋଇଥିବା ବିଭିନ୍ନ ଉନ୍ନତ ମୂଳକ କାର୍ଯ୍ୟ ଉପରେ କହିବା ସହ ଏକ ଶକ୍ତିଶାଳୀ ରାଷ୍ଟ୍ର ପାଇ କଂଗ୍ରେସକୁ ପୁଣି ଥରେ ଆଣିବାକୁ ହେବ ବୋଲି କହିଥିଲେ।



ବିଧାୟକ ପ୍ରାର୍ଥୀ ଦିବ୍ୟ ଶଙ୍କର ମିଶ୍ର ପ୍ରଚାର କରୁଛନ୍ତି।

## ଖିଣ୍ଡାରେ ଭାଜପାର କର୍ମୀ ସମ୍ମିଳନୀ

ରେଙ୍ଗାଲି,୩୧।୩(ଡି.ଏନ୍.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତ ଜଟିଆପିପଲଠାରେ ରବିବାର ଭାଜପାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଯୁଗଳ କିଶୋର ଅଗ୍ରୱାଲଙ୍କ ନେତୃତ୍ୱ ଏବଂ ରେଙ୍ଗାଲି ମଣ୍ଡଳ ଉପସଭାପତି ସୁଧୀର ଗୁପ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ଆଗାମୀ ସାଧାରଣ ନିର୍ବାଚନରେ ରେଙ୍ଗାଲି ବିଧାନସଭା ଏବଂ ସମ୍ବଲପୁର ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ବୁଥ୍ ସ୍ତରରୁ ଦଳକୁ ମଜବୁତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ବିଧାନସଭା ଭାଜପା ପ୍ରାର୍ଥୀ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାନସଭା ଭାଜପା ପ୍ରାର୍ଥୀ ନାଉରୀ ନାଏକ, ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ରେଙ୍ଗାଲି ଜୋନ-୧ ଜିଲା ପରିଷଦ ସଭ୍ୟ ତିରୋଜ ହେଡେଞ୍ଜା, ଜୋନ-୨ ଜିଲା ପରିଷଦ ସଭ୍ୟ ଉତ୍ପଳା ସାଲିମା, ମନୀଷ ଅଗ୍ରୱାଲ, ସରୋଜ ମେହେର, ଜିତେନ୍ଦ୍ର ପ୍ରସାଦ ପଣ୍ଡା, ବିଶିକେଶନ ପଣ୍ଡା, ପଙ୍କଜିନୀ ରାଉତ, ମିତା ରାଉତଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ପ୍ରମୋଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସର ଘାସିରାମଙ୍କ ୧୨ଘଣ୍ଟିଆ ପ୍ରଚାର



ଲଖନାଠାରେ କଂଗ୍ରେସର ପ୍ରଚାର ସଭାରେ ଯୋଗଦେଇଥିବା ପଦାଧିକାରୀମାନେ

ନୂଆପଡା ଅଫିସ,୩୧।୩

- ଗୋଟିଏ ଦିନରେ ୪ଟି ପଞ୍ଚାୟତ
- ମାଟି ଏବଂ ପାର୍ଟି ପାଇଁ ଭୋଟ ଭିକ୍ଷା

ନିର୍ବାଚନ ଦିନ ପାଖେଇ ଆସୁଥିବାବେଳେ ସବୁ ଦଳ ତାଙ୍କର ରଣ କୌଶଳକୁ ତୀବ୍ର କରିଦେଇଛନ୍ତି । ଯେଉଁ ବାଟରେ ଲୋକଙ୍କ ନିକଟତର ହେବାକୁ ଯୋଜନା ଚଳାଇଛନ୍ତି । ଏହିକ୍ରମରେ କଂଗ୍ରେସର ଜିଲା ସଭାପତି ତଥା ନୂଆପଡା ବିଧାନସଭା ପ୍ରାର୍ଥୀ ଘାସିରାମ ମାଝି ତାଙ୍କର ୧୨ ଘଣ୍ଟିଆ ମାରାଥନ ପ୍ରଚାର ଆରମ୍ଭ କରିଦେଇଛନ୍ତି । ପ୍ରତ୍ୟହ ସକାଳ ୮ଟାରୁ ବାହାରି ରାତି ୮ଟା ଯାଏଁ ପ୍ରଚାର କରୁଛନ୍ତି । ରବିବାର ଏକ ମାରାଥନ ପ୍ରଚାରରେ କୋମନା ବ୍ଲକ ସମରସିଂଠାରୁ ପ୍ରଚାର ଶୋଭାଯାତ୍ରା ବାହାର କରି ଏକାଦିକ୍ରମ ନିର୍ବାଚନୀ ସଭା କରି ମୁଣ୍ଡାପଲା, ଲଖନା, ସିଲଭା ପଞ୍ଚାୟତର ସବୁଗାଁରେ ବୁଲି ପ୍ରଚାର କରିଛନ୍ତି । ଏହି ପରିପ୍ରେକ୍ଷୀରେ ଲଖନାଠାରେ ଏକ ବିଶାଳ ପ୍ରଚାର ସମାବେଶ କରିଥିଲେ । ଏଥିରେ ଘାସିରାମ ମାଝି ଲୋକଙ୍କ ନିକଟତର ହୋଇ ନିଜ ମାଟି ଏବଂ ପାର୍ଟି ପାଇଁ ଅର୍ଥାତ ନିଜ ପାଇଁ ଏବଂ ଅନ୍ୟ ଏକ ଭୋଟ ଲୋକସଭା ପ୍ରାର୍ଥି ଭକ୍ତଚରଣ ଦାସଙ୍କ ସକାଶେ ଭୋଟ ମାଗିଥିଲେ । ବିଜେଡି ଏବଂ ଭାଜପା ଦୀର୍ଘ ୨୦ ବର୍ଷ ଧରି ଜିଲାରେ ବିଧାୟକ ପଦ ନିଜ କ୍ଷମତାରେ ରଖିଥିଲେ। ସେମାନେ ଜିଲାର କୌଣସି ବି ସମସ୍ୟାକୁ ଦୂର କରିବାରେ ସଫଳ ହୋଇପାରିନାହାନ୍ତି । ଜିଲାରେ ମରୁଡି, ଦାଦନ, ପିଇବା ପାଣି, ଡାକ୍ତରଖାନା, ଶ୍ରମିକ, ଚାଷୀ ସମସ୍ୟା ସବୁବେଳେ ଛାଇଭଳି ଲାଗି ରହିଛି । ୨୦ ବର୍ଷ ଧରି ନୂଆପଡା ମାଟି ସ୍ୱାଭିମାନ ସମ୍ମାନ ସକାଶେ ଲଢେଇ କରିଆସୁଛି । ପୁଞ୍ଜିପତି, ବଡବଡିଆ ଲୋକଙ୍କ ଶୋଷଣରୁ ଜିଲାକୁ ରକ୍ଷା କରନ୍ତୁ । ତେଣୁ କରି ମାଟିର ଏକ ଚାଷୀ ପୁଅଙ୍କୁ ଭୋଟ ଦେଇ ବିଧାୟକ କରନ୍ତୁ ସେ ନିଶ୍ଚିତ ଭାବେ ଚାଷୀଙ୍କ ଦୁଃଖକୁ ବୁଝି ପାରିବ ବୋଲି କହିଥିଲେ । ସେ ଆଜକୁ ୨୭ ବର୍ଷ ଧରି ଲଢେଇ କରିଆସୁଛନ୍ତି । ଥରୁଟିଏ ଏହି ପଦବୀ ଦିଅନ୍ତୁ । ଏହି ମାଟିର ପୁଅ ସେବା କରିବ ବୋଲି ମାଝି କହି ଭୋଟ ଭିକ୍ଷା କରିଥିଲେ । ଏହି ପ୍ରଚାର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବ କଂଗ୍ରେସ ଜିଲା ସଭାପତି ସୌରଭ ଚନ୍ଦ୍ରକାର, ରବୀନ୍ଦ୍ର ମଙ୍ଗରାଜ, ପୁରୋହିତ ସୁନା, ଦେବେନ୍ଦ୍ର ବାଗ, ରହିମ ଖାନ, ଇଷାକ ମହମ୍ମଦ, ପ୍ରେମ ତାଣ୍ଡି, ସବିର ଖାନ, ସବିର ଖାନ ପ୍ରମୁଖ ସାମିଲ ଥିଲେ ।

## ଖଡିଆଳ: ଲମ୍ବୋଦରଙ୍କ ପ୍ରଚାର ଅଭିଯାନ

ନୂଆପଡା ଅଫିସ,୩୧।୩

- ଗୋଟିଏ ଦିନରେ ୧୦ଟି ଜନସଭା
- ମହିଳା ଧରିଛନ୍ତି ବିଜେଡି ଝଣ୍ଡା

ମହିଳାଙ୍କୁ ବିଜେଡି ସରକାର ସବୁବେଳେ ପ୍ରୋତ୍ସାହନ ଦେଉଥିବା କହୁଥିବାବେଳେ ଏଥର ପ୍ରଚାର କାର୍ଯ୍ୟରେ ମଧ୍ୟ ମହିଳାଙ୍କୁ ମୁଖ୍ୟ ଆୟୁଧ କରିଛନ୍ତି ବିଜେଡି ପ୍ରାର୍ଥୀମାନେ । ରବିବାର ନୂଆପଡ଼ା ଜିଲା ଖଡିଆଳ ବିଧାନସଭା ପ୍ରାର୍ଥୀ ଲମ୍ବୋଦର ନିଆଲ ନିଜର ମହିଳା କର୍ମୀମାନଙ୍କ ସହ ପ୍ରଚାର ଅଭିଯାନରେ ବୁଲିଥିଲେ । ଗୋଟିଏ ଦିନରେ ବୋଡେନ ବ୍ଲକର ୩ଟି ଗ୍ରାମପଞ୍ଚାୟତରେ ୧୦ଟି ଜନସଭାରେ ଉଦ୍‌ବୋଧନ ଦେଇ ଭୋଟ ଭିକ୍ଷା କରିଥିଲେ। ଏଥିରେ ସବୁବେଳେ ମହିଳାମାନେ ଝଣ୍ଡା ଧରି ଆଗେ ଆଗେ ଦୌଡୁଥିବାବେଳେ ଲମ୍ବୋଦର ବୈଠକ ଜାଗାରେ ଯାଇ ପହଞ୍ଚୁଥିଲେ । ଏହି କ୍ରମରେ ବିଧାୟକ ପ୍ରାର୍ଥୀ ଲମ୍ବୋଦର ଭୋଟ ଭିକ୍ଷା କରୁଥିଲେ । ସେ ଏହି ନିର୍ବାଚନ ମଣ୍ଡଳୀରେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ହେତୁ ତାଙ୍କୁ ଭୋଟ ଦେଇ ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରିବାକୁ ନିବେଦନ କରିଥିଲେ । ତାଙ୍କ ଆଗମନରେ ସବୁ ବୈଠକରେ ନବୀନ ମନ୍ତ୍ରରେ ଗାଁ ସବୁ ମୁଖରିତ ହେଉଥିବା ଦେଖାଯାଇଥିଲା । ଲମ୍ବୋଦରଙ୍କ ସହ ଅନ୍ୟମାନଙ୍କ ମଧ୍ୟରେ ମହିଳା ମୋର୍ଚ୍ଚା ସଭାପତି ସୁଷମା ବାଗ, ମିନତି କାଣ୍ଡ, ବୋଡେନ ବ୍ଲକ କୃଷକ ମୋର୍ଚ୍ଚା ସଭାପତି ଦିଗପାଲ ନାଗ, ଗୌତମ ନିଆଲ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବୋଡେନ ବ୍ଲକର ୫୦ରୁ ଊର୍ଦ୍ଧ୍ୱ ଯୁବକ, ବରିଷ୍ଠ ଭାଜପା, କଂଗ୍ରେସ କର୍ମକର୍ତ୍ତା ଆସି ଦଳରେ ଯୋଗଦେଇଥିଲେ । ସେମାନେ ନବୀନ ଏବଂ ଲମ୍ବୋଦରଙ୍କ ଭାବମୂର୍ତ୍ତିରେ ଆକୃଷ୍ଟ ହୋଇ ଦଳକୁ ଆସିଛନ୍ତି । ଦଳକୁ ଆଗକୁ ନେବାକୁ ଦିନରାତି କଷ୍ଟ କରିବେ ବୋଲି ଶପଥ ପାଠ କରିଥିଲେ ।



ନିର୍ବାଚନୀ ସଭାକୁ ଲମ୍ବୋଦର ନିଆଲ ସମ୍ବୋଧନ କରୁଛନ୍ତି ।

## ପଥର ସାମାନ ଦେଉଛେ ପେଟ୍‌କେ ଦାନା

କେସିଙ୍ଗା,୩୧।୩(ଡି.ଏନ.ଏ.)

ପେଟ ପାଟନାର ଲାଗି ଛତିଶଗଡ଼ରୁ କୁଟୁମବସିଆ ଓଡ଼ିଶା ଆସି ମୁଡ଼ଫଟା ଖରାରେ ପଥର ସାମାନ ତିଆରୁଛନ୍ ଯଶୋବନ୍ତ କୁଞ୍ଜନ(୨୭)। ଇ ପଥର ସାମାନ ବିକ୍‌ରି ଉଦେଶ୍‌ରେ ଛତିଶଗଡ଼ର ମହାସମୁନ୍ଦ ଜିଲାର ପିଙ୍ଗେଶ୍ୱର ଗାଁରୁ କୁଟୁମବସିଆ ସାତଟା ପରିବାରର ୪୦ ଝନ୍ ଓଡ଼ିଶା ଆସିଛନ୍। ସେମାନେ ସାମାନ ତିଆରିବାର ଲାଗି ମହାସମୁନ୍ଦ ଜିଲାରୁ ଗୁଟେ ୪୦୭ ଗାଡ଼ିରେ ପଥର ବି ଧରିକରି ଆସିଛନ୍। ସୂଚନା ହିସାବେ ଛତିଶଗଡ଼ ରାଏଜର ମହାସମୁନ୍ଦ ଜିଲାର ପିଙ୍ଗେଶ୍ୱର ଗାଁରୁ ୭ଟା ପରିବାରର ଛୁଆପିଲା ସମେତ ପାଖାପାଖି ୪୦ ଝନ୍ କେସିଙ୍ଗା ବ୍ଲକ ତହଁଶିର ଶିବ ମନ୍ଦିର ପଡ଼ିଆରେ ଡେରା ପକେଇଛନ୍। ଇମାନକୁ ପଚରାଲାରୁ ସଭେ ପଥର କାରିଗର ଆର ଭିନେ ଭିନେ ଘରକରା ଜିନିଷ ତିଆରି ବିକାଭଂଗା କରି ନିଜର କୁଟୁମ ପୁଷୁଛନ୍। ସେମାନେ ଆଏଲାବେଳେ ଗୁଟେ ୪୦୭ରେ ସାମାନ ତିଆରିବାର ଲାଗି ପଥର ଧରିକରି ଆସିଛନ୍। ପଥରରେ ସେମାନେ ରୁବେନ, ଜଁତା, ସିଲସିଲପା ତିଆରି କରୁଛନ୍। ଦିନ୍‌ଯାକ ପରିବାର ସମେତ ମୁଡ଼ଫଟା ଖରାରେ କୁରିଆରେ



ଯଶୋବନ୍ତଙ୍କର ପରିବାର ପଥର କାମ୍‌ରେ ବାଇ ଅଛନ୍।

ବସି ପଥର ସାମାନ ତିଆର କରୁଛନ୍। ସାମାନ ତିଆର ହେଲେ କେସିଙ୍ଗା, ବଲାଙ୍ଗୀର, ଭବାନୀପାଟଣା ସହରକେ ନେଇ ବିକାଭଂଗା କରମୁ ବଲି ପଚରାଲାରୁ କହିଛନ୍। ଇ ପଥର ସାମାନ ରୁବେନର ଦାମ୍ ୮ଶହରୁ ଆରମ୍ କରି ୧୬ଶହ ତକ୍ ରହିଥିଲାବେଳେ ସିଲ ସିଲପା ୬ଶହ ଟଁକାରେ ବିକ୍‌ରି ହେଉଥିବାର କହିଥିଲେ। ମୁଖିଆ କାରିଗର ଯଶୋବନ୍ତ କୁଞ୍ଜନକୁ ଇ ବେଉସା ବାବ୍‌ଦେ ପଚରାଲାରୁ ମୁଇଁ ପାଠ୍‌ଶାଠ୍ ପଢ଼ିଛେଁ, ହେଲେ ଚାକରି ନାଇଁ ମିଲ୍‌ଲାରୁ ଆଏଜ୍‌କେ ୧୦ ବଛର ହେଲା ଇ କାମ୍ କରିଆସୁଛେଁ। ମୋର ସଂଗେ ମାଏକିନା ସୁକାନ୍ତି, ଶାଳି ସୁନୀତା, ଶଳା ସୁବାଶ ରହି କାମ୍‌ବୁତା କରୁଛନ୍। ସେନ୍‌ତା ମୋର ସଂଗେ ଆସିଥିବାର ପରିବାରମାନେ ବି ଇ ପଥର ସାମାନ ତିଆରି ଭଲ ଦୁଇ ପଏସା କମଉଛନ୍। ସେଥିରେ ତାକର କୁଟୁମ ବି ହସଖୁସିରେ ଚଲୁଛେ। ଆମେ ବାହାର ରାଏଜ୍‌କେ ଯାଇ କାମ୍ କରୁଛୁଁ। ଦୁଇ ତିନ୍ ବଛର୍‌ରେ ଥରେ ନିଜର ଗାଁକେ ଫିରୁଛୁଁ। ହେଲେ ଲୋକ୍ ଦାଦନ୍ ଖଟି ଯାଇ ଯେନ୍‌ତା ହଇରାନ୍ ହରକତ୍ ହେଉଛନ୍ ଆମେ କେହେନ୍‌ସିନେ ଇ ସମସିଆର ସାମନା ନାଇଁ କରବାର । ନିଜେ ବୁଧିବିବେକ ଖଟେଇ, ବାହାଜାଂଗଲ ମାଜି କମେଇ ଖାଉଛୁଁ ବଲି ଯଶୋବନ୍ତ କହିଥିଲେ।

## ସଂକ୍ଷେପରେ

### ବଜ୍ରପାତରେ ଆସବାବପତ୍ର ଭାଙ୍ଗିଲା

**ରିଷିଡା,୩୧।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲା ରିଷିଡା ପୋଲିସ ଫାଣ୍ଡି ଅନ୍ତର୍ଗତ କୁମେରପଟା ଗ୍ରାମରେ ରବିବାର ଅପରାହ୍ଣରେ କାଳବୈଶାଖି ବର୍ଷା ହୋଇଛି । ଏହି ବଜ୍ରପାତରେ ଘରର ଥିବା ଡ୍ରେସିଂ ଟେବୁଲ, ଇଲେକ୍ଟ୍ରିସୁଇଜ ବୋର୍ଡଗୁଡିକ ପୋଡି ନଷ୍ଟ ହୋଇଯାଇଛି । କୁମେରପଟା ଗ୍ରାମର ମଣ୍ଟୁଙ୍କ ଘରର ଆସବାବ ନଷ୍ଟ ହୋଇଥିବା ବେଳେ କୌଣସି ବ୍ୟକ୍ତିଙ୍କ କ୍ଷୟକ୍ଷତି ହୋଇନାହିଁ ।

### ଯାଦବ କଲ୍ୟାଣ କମିଟି ସାଙ୍ଗଠନିକ ସମାବେଶ

**ଜମନକିରା,୩୧।୩(ଡି.ଏନ୍.ଏ.)**
ସମ୍ବଲପୁର ଜିଲା ଜମନକିରା ବ୍ଲକ ଅର୍ଜୁନପାଲି ଗାଁରେ ରବିବାର ବ୍ଲକସ୍ତରୀୟ ଯାଦବ ସମାଜ କଲ୍ୟାଣ କମିଟି ସାଙ୍ଗଠନିକ ସମାବେଶ ଅନୁଷ୍ଠିତ ହୋଇଛି। ବରିଷ୍ଠ ସଭ୍ୟ ଅଶୋକ ବଗର୍ତ୍ତୀଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ସଭାପତି ତଥା ଉତ୍କଳ ଯାଦବ ମହାସଭା ସମ୍ପାଦକ ବିରଞ୍ଚି ନାରାୟଣ ଦର୍ଶା ଯୋଗଦେଇ ସଂଗଠନକୁ କିପରି ଅଧିକ ମଜବୁତ କରାଯାଇପାରିବ ସେ ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଉପସଭାପତି ସନାତନ ଭଇଁଷା, ମଦନମୋହନ ଭଇଁଷା, ଜିଲା ମହିଳା ସଭାନେତ୍ରୀ ଚିନୁପମା ଭଇଁଷା, ସରୋଜ ପରୁଆ, ହେମନ୍ତ ବଗର୍ତ୍ତୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜମନକିରା ବ୍ଲକ ଜୋନ-୧ ଯାଦବ କଲ୍ୟାଣ କମିଟି ଗଠନ କରାଯାଇଥିଲା।

### ମହୁଲ ଫୁଲର ଅଭାବୀ ବିକ୍ରି

# ଶୋଷଣର ଶିକାର ହେଉଛନ୍ତି ଆଦିବାସୀ

#### ମଦଭାଟି ଦଲାଲ, ବ୍ୟବସାୟୀ ମାଲାମାଲ

**ଜୁନାଗଡ,୩୧।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମାର୍ଚ୍ଚ ପହିଲାଠାରୁ ମହୁଲ ଫୁଲ ସଂଗ୍ରହ ଆରମ୍ଭ ହୋଇଛି। ଆଦିବାସୀ ଅଞ୍ଚଳର ଜନସାଧାରଣଙ୍କ ପାଇଁ ମହୁଲଫୁଲ ରୋଜଗାରର ଏକ ପ୍ରମୁଖ ମାଧ୍ୟମ। ଆଦିବାସୀମାନେ ଏହାକୁ ଲାଭ ଦାୟକ ବ୍ୟବସାୟ ଭାବେ ମନେ କରିଥାନ୍ତି। ବିଶେଷ କରି ପଶ୍ଚିମାଞ୍ଚଳରେ ମହୁଲରୁ ଭଲ ବେପାର ହୋଇଥାଏ। ଆଦିବାସୀମାନେ ପରିବାର ଲୋକଙ୍କ ସହ ପ୍ରତ୍ୟହ ଭୋର ୪ଟାରୁ ମହୁଲ ଗୋଟାଇବାକୁ ଯାଇ ମଧ୍ୟାହ୍ନ ୧୨ଟାରେ ଫେରିଥାନ୍ତି। ଦୀର୍ଘ ୮ରୁ ୧୦ଘଣ୍ଟା ସଂଗ୍ରହ କରି ଜଣ ପିଛା ପ୍ରାୟ ୬୦ ରୁ ୮୦ ଟଙ୍କାର ମହୁଲ ଗୋଟାଇ ଥାନ୍ତି। ମହୁଲକୁ ଆଣି ୩ରୁ ୪ଦିନ ଶୁଖାଇବା ପରେ ୨ରୁ ୩ କିଲୋ ହୋଇଥାଏ। ଯାହା କି ସେମାନଙ୍କ ପରିଶ୍ରମଠାରୁ ଯଥେଷ୍ଟ କମ୍। ସାଧାରଣତଃ ଜଙ୍ଗଲ ବିଭାଗ ମହୁଲ ଫୁଲ ପରି ସମସ୍ତ ପ୍ରକାର ବନଜାତ ଦ୍ରବ୍ୟର ସରକାରୀ ଦର ନିର୍ଦ୍ଧାରିତ କରିବାଠାରୁ ଆରମ୍ଭ କରି ବଜାର ସୃଷ୍ଟି କରିବା କଥା। ପୁନଶ୍ଚ ଉକ୍ତ ଦ୍ରବ୍ୟର ବେଆଇନ ଚାଲାଣ ବି ରୋକିବା କଥା। ପୂର୍ବରୁ ମହୁଲ ଜଙ୍ଗଲ ଓ ଅବକାରୀ ବିଭାଗର ନିୟନ୍ତ୍ରଣରେ ରହୁଥିଲା। ମାତ୍ର ସରକାରଙ୍କ ନିୟମଅନୁଯାୟୀ ବର୍ତ୍ତମାନ ମହୁଲ କ୍ରୟ ପାଇଁ ପଞ୍ଚାୟତରୁ ଲାଇସେନ୍ସ ନେବା ବ୍ୟବସ୍ଥା କରାଯାଇଛି। ହେଲେ ପଞ୍ଚାୟତଗୁଡିକ ମୂଲ୍ୟ ନିର୍ଦ୍ଧାରଣ ପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିବାରୁ ମଦ ଭାଟି ଦଲାଲ, ବ୍ୟବସାୟୀ ସେମାନଙ୍କ ମନଇଚ୍ଛା ଦରରେ ଗୋଟାଳୀଙ୍କଠାରୁ ମହୁଲ ନେଉଥିବାରୁ ଶୋଷଣର ଶିକାର ହେଉଛନ୍ତି। ବର୍ତ୍ତମାନ ଜୁନାଗଡ ବ୍ଲକର ଦୁର୍ଗମ ଅଞ୍ଚଳ କୁହାଯାଉଥିବା ଦୁନ୍ଦେଲମାଲ, ଦେଦର, ଚାରଭାଟି, ବୁଡିଦର, ବାଙ୍କ ପଲାସ, ବକ୍ସିତୁଲସୀପାଲି, ଜାରିଙ୍ଗ ଆଦି ପଞ୍ଚାୟତର ପ୍ରାୟ ୧୫ ହଜାର ଲୋକ ମହୁଲ ଉପରେ ନିର୍ଭର କରିଥାନ୍ତି। ଏଠାକାର ବଣ ଜଙ୍ଗଲରେ ବେଶୀ ପରିମାଣରେ ମହୁଲ ଗଛ ଥିବାରୁ ସେମାନେ ମାର୍ଚ୍ଚ ଓ ଏପ୍ରିଲରେ ପ୍ରଚୁର ମହୁଲ ସଂଗ୍ରହ କରିଥାନ୍ତି। ସକାଳୁ ଘରୁ ଯାଇ ମହୁଲ ସଂଗ୍ରହ କରି ଖରାରେ ଶୁଖାଇବା ପରେ ବିକ୍ରି କରିଥାନ୍ତି। ସେହି ବିକ୍ରି ଟଙ୍କାରେ ସେମାନେ ତେଲ, ଲୁଣ, ସାବୁନ, ଲୁଗାପଟା ଆଦି କିଣିଥାନ୍ତି। ହେଲେ ସେମାନେ ଦିନସାରା ଯେତେ ମହୁଲ ସଂଗ୍ରହ କରନ୍ତି ତାହା ଦିନକର ସର୍ବନିମ୍ନ ମଜୁରିଠାରୁ ମଧ୍ୟ କମ୍। ତଥାପି ଦୁଇ ପଇସା ପାଇବା ଆଶାରେ ସେମାନେ ମହୁଲ ସଂଗ୍ରହ କରିଥାନ୍ତି। ସଂଗ୍ରହ ପରେ ପୁଣି ଅଭାବୀ ବିକ୍ରିର ଶିକାର ହେଉଥିବାରୁ ଅସନ୍ତୋଷ ଦେଖାଦେଇଛି। ଏଠାକାର ଲୋକେ ମହୁଲରୁ କେବଳ ରନ୍ଧାମଦ ପ୍ରସ୍ତୁତ ଜାଣିଥିବା ବେଳେ ଏବେ ବିଭିନ୍ନ ଖାଦ୍ୟ ସାମଗ୍ରୀ ମଧ୍ୟ ପ୍ରସ୍ତୁତ କଲେଣି। ମାତ୍ର ପଶ୍ଚିମାଞ୍ଚଳରେ ମିଳୁଥିବା ଏହି ପ୍ରାକୃତିର ସମ୍ପଦର ସୁବିନିଯୋଗ ସକାଶେ ଏହାର ବିପଣନ ପାଇଁ ରାଜ୍ୟ ସରକାରଙ୍କ କିଛି ଯୋଜନା ନାହିଁ। ମହୁଲର ପ୍ରକୃତ ମୂଲ୍ୟ ସରକାରୀସ୍ତରରେ ଧାର୍ଯ୍ୟ ହୋଇ ପାରୁ ନ ଥିବାରୁ ଏଠାକାର ନିରୀହ ଆଦିବାସୀମାନେ ବାଧ ହୋଇ କେଜି ପିଛା ପ୍ରାୟ ୧୫ ରୁ ୨୦ ଟଙ୍କା ବିକ୍ରି କରୁଥିବା ଜଣାପଡିଛି। ମହୁଲ ସଂଗ୍ରହ ପାଇଁ ସରପଞ୍ଚମାନେ ପରମିଟ ଦେଉଥିବା ବେଳେ ଅବକାରି ବିଭାଗ ମହୁଲ ବିକ୍ରି ଓ ମହଜୁଦ ପାଇଁ ଲାଇସେନ୍ସ ଦେଉଛି। ସରକାରଙ୍କ ଏହି ନୀତିରେ ତ୍ରୁଟି ଯୋଗୁ ଆଦିବାସୀମାନେ ଲାଭ କରିବା ପରିବର୍ତ୍ତେ କ୍ଷତି ସହିବାକୁ ବାଧ ହେଉଛନ୍ତି। ମହୁଲର ପ୍ରକୃତ ମାଲିକ ତାର ମୂଲ ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାରଙ୍କ ଜଙ୍ଗଲ ନିଗମ କିମ୍ବା ଆଦିବାସୀ ଉନ୍ନୟନ ବିଭାଗ ସିଧାସଳଖ ମହୁଲ କିଣିବା ପାଇଁ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ଏହି ବ୍ୟବସ୍ଥା ଲାଗୁ ହେଲେ ଆଦିବାସୀମାନେ ବେପାରୀଙ୍କ ଶୋଷଣରୁ ମୁକ୍ତ ପାଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି। ଏ ନେଇ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡିଙ୍କୁ ପଚାରିବାରୁ ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।


ଜଣେ ମହିଳା ମହୁଲ ଫୁଲକୁ ଖରାରେ ଶୁଖାଇଛନ୍ତି।

## ଶିକ୍ଷକଙ୍କ ଘର ଝରକା ଭାଙ୍ଗି ଲକ୍ଷାଧିକ ଟଙ୍କା, ସୁନା ଚୋରି



ଭାଙ୍ଗିପଡ଼ିଥିବା ଆଲମିରା (ବାମ)। ଭଙ୍ଗା ଯାଇଥିବା ଝରକା ।

**କେସିଙ୍ଗା,୩୧।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ପଲମ ଫାଣ୍ଡି ଅଧୀନ ପିପିଲପଦର ଗ୍ରାମର ହର୍ଷବର୍ଦ୍ଧନ ଭୋଇ (୫୦) ନାମକ ଜଣେ ଶିକ୍ଷକଙ୍କ ଘରୁ ଝରକା ଭାଙ୍ଗି ଶନିବାର ରାତି ୨ଟା ୧୫ ମିନିଟରେ ଲକ୍ଷାଧିକ ଟଙ୍କା ସମେତ ସୁନା, ରୂପା ଚୋରି ହୋଇଛି । ଏ ନେଇ ସମ୍ପୃକ୍ତ ଶିକ୍ଷକ ପଲମ ଫାଣ୍ଡିରେ ଅଭିଯୋଗ କରିଛନ୍ତି । ପଲମ ଫାଣ୍ଡି ଅଧିକାରୀ ଅଶିତ କୁମାର ପଣ୍ଡା ପିପଲପଦର ଗ୍ରାମର ହର୍ଷବର୍ଦ୍ଧନଙ୍କ ଘରକୁ ଯାଇ ତଦନ୍ତ କରିଥିବା ଜଣାପଡିଛି । ଉକ୍ତ ଫାଣ୍ଡି ଅଧିକାରୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଭବାନୀପାଟଣା ଯାଇଥିବାରୁ କେସିଙ୍ଗା ଥାନାରେ ଉକ୍ତ କେସ ରୁଜୁ କରି ତଦନ୍ତ ଜାରି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ ।
ସୂଚନାଯୋଗ୍ୟ ଯେ, ପିପଲପଦର ଗ୍ରାମର ହର୍ଷବର୍ଦ୍ଧନଙ୍କ ସ୍ତ୍ରୀ, ପୁଅ, ଝିଅ ସମସ୍ତେ ଶୋଇବା କୋଠରିରେ ଝରକା ଖୋଲା ରଖି ଶୋଇଥିଲେ । ପୋଲିସ କହିବା ଅନୁସାରେ ୨ଟି ମୋଟରସାଇକେଲରେ ୪ରୁ ୫ଜଣ ଦୁର୍ବୃତ୍ତ ଉକ୍ତ ଘରକୁ ଆସି କବାଟ ଭାଙ୍ଗି ନଗଦ ୪୦ ହଜାର ଟଙ୍କା, ୫ ତୁଳା ସୁନା, ରୂପା, ଶାଢ଼ୀ ବିଭିନ୍ନ ପ୍ରକାର ମୂଲ୍ୟବାନ ଜିନିଷପତ୍ର ଆଲମିରା ତାଡି ନେଇ ଯାଇଛନ୍ତି। ଶିକ୍ଷକ ଜଣକ ବ୍ୟାଙ୍କରୁ ୪୦ ହଜାର ଟଙ୍କା ମଧ୍ୟାହ୍ନ ଭୋଜନ ବାବଦକୁ ଉଠାଇ ଆଣିଥିଲେ। ବ୍ୟାଙ୍କରୁ ଟଙ୍କା ଆଣିବା ସମୟରେ ଚୋରମାନେ ଶିକ୍ଷକ ଜଣଙ୍କୁ ଅନୁସନ୍ଧାନ କରି ଏହି ଚୋରି ହୋଇଥିବା ଜଣାପଡିଛି ।

## ଧର୍ମଗଡ ବିଧାନସଭା ବିଜେଡି ପ୍ରାର୍ଥୀ ମୌସୁଧି ବାଗଙ୍କ ମାରାଥନ ପ୍ରଚାର

**କୋକସରା,୩୧।୩(ଡି.ଏନ.ଏ.)**
୨୦୧୯ ସାଧାରଣ ନିର୍ବାଚନ ପାଇଁ ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଶନିବାର ଧର୍ମଗଡ ବଧାନସଭା ଆସନର ବିଜେଡି ପ୍ରାର୍ଥି ମୌସୁଧି ବାଗ ଦଳୀୟ କର୍ମକର୍ତ୍ତାଙ୍କ ସହ ପ୍ରଚାର ଜୋରଦାର କରିଛନ୍ତି । ସେ କୋକସରା ବ୍ଲକ ଅନ୍ତର୍ଗତ ଗୋତମୁଣ୍ଡା, ଡୁଡୁକାଠେଙ୍ଗା, ମହିମା ଓ ଟେମରା ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଜନସାଧାରଣଙ୍କ ପାଖରେ ଜୁହାର ଭେଟ ହେବା ସହ ବିଜେଡି ଓ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରୁଛନ୍ତି । ଏହି ପ୍ରଚାର କାର୍ଯ୍ୟକ୍ରମରେ ଦଳୀୟ ନେତା ସହଦେବ ପଟ୍ଟନାୟକ, ଦୁର୍ଗା ନାଏକ, ପଞ୍ଚକ ପୋଡ, ଡମ୍ବରୁଧର ଲହଜଲ, ପର୍ଶୁରାମ ପ୍ରଧାନୀ, ରମେଶ ଚନ୍ଦ୍ର ଦୁର୍ଗା, ବିଜେଡି ଆଦିବାସୀ ଯୁବନେତା ହେମନ୍ତ ମାଝି, କ୍ଷିରସିନ୍ଧୁ ମାଝି, ଦୁଷ୍ମନ୍ତ ଯାଦବ, ଧନେଶ୍ୱର ଗୋପାଳ, ପ୍ରଦୀପ କିଶୋର ବାଗ, କୋକସରା ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଅଶୋକା ନାଏକ, ବାଲାମଣୀ ରାଉତଙ୍କ ସମେତ ଶତାଧିକ କର୍ମୀମାନେ ପ୍ରଚାରରେ ସାମିଲ ଥିଲେ ।


ବିଜେଡି ପ୍ରାର୍ଥି ମୌସୁଧି ବାଗ ଦଳୀୟ କର୍ମକର୍ତ୍ତାଙ୍କ ସହ ପ୍ରଚାର କରୁଛନ୍ତି ।

## ୨ରେ ପ୍ରଧାନମନ୍ତ୍ରୀଙ୍କ ଭବାନୀପାଟଣା ଗସ୍ତ

**ଭବାନୀପାଟଣା,୩୧।୩(ଡି.ଏନ.ଏ.)**
ଆସନ୍ତା ୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭବାନୀପାଟଣାସ୍ଥିତ କ୍ରିଷ୍ଣାନଗରଠାରେ ଏକ ବିଶାଳ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବେ। ଏହି ପରିପ୍ରେକ୍ଷୀରେ ରବିବାର ସ୍ଥାନୀୟ ଏକ ହୋଟେଲଠାରେ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ତଥା ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ପ୍ରଦୀପ୍ତ କୁମାର ନାଏକ ଏହି ସୂଚନା ଦେଇଛନ୍ତି । ଏହି ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ଓଡିଶା ରାଜ୍ୟ ତଥା ଭାରତ ବର୍ଷର ଉଜ୍ଜଳ ଭବିଷ୍ୟତ ପାଇଁ ତଥା ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀମାନଙ୍କୁ ଆର୍ଶୀବାଦ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିବେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ତଥା କଳାହାଣ୍ଡି ଲୋକସଭା ପ୍ରାର୍ଥୀ ବସନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଅରୁଣସିଂହ, କେନ୍ଦ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ଜିଲା ସଭାପତି ଭବାନୀପାଟଣା ବିଧାନସଭା ପ୍ରାର୍ଥି ପ୍ରଦୀପ୍ତ ନାଏକ, ନର୍ଲା ବିଧାନସଭା ପ୍ରାର୍ଥି ଅନିରୁଦ୍ଧ ପ୍ରଧାନ, ଲାଞ୍ଜିଗଡ ବିଧାନସଭା ପ୍ରାର୍ଥି ରମେଶ ମାଝି, ଜୁନାଗଡ ବିଧାନସଭା ପ୍ରାର୍ଥି ମନୋଜ ମେହେର, ଧର୍ମଗଡ ବିଧାନସଭା ପ୍ରାର୍ଥି ଅନନ୍ତ ପ୍ରତାପ ଦେଓ, ଖରିଆର ବିଧାନସଭା ପ୍ରାର୍ଥିନୀ ରିତାରାଣୀ ବଗର୍ତ୍ତି, ନୂଆପଡା ବିଧାନସଭା ପ୍ରାର୍ଥି ଇଂ ହୋମସିଂ ମାଝି ପ୍ରମୁଖ ଉପସ୍ଥିତ ରହିବେ। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ପ୍ରଦୀପ୍ତ କୁମାର ନାଏକ, ରାଜ୍ୟ ସଂଯୋଜକ ଧିରେନ ସେନାପତି, ଜିଲା ସହପ୍ରଭାରି ଶଶି ଭୂଷଣ ପୁରୋହିତ, ଜିଲା ସାଧାରଣ ସମ୍ପାଦକ ଅଜୟ ପ୍ରାଣିଗ୍ରାହୀ ମୋଦିଜୀଙ୍କ କାର୍ଯ୍ୟକ୍ରମର ସଂଯୋଜକ ଆର୍ତ୍ତତ୍ରାଣ ମହାପାତ୍ର, ମିଡିଆ ପ୍ରମୁଖ ଭାନୁ ପ୍ରକାଶ ରଥ ଓ ଚିନ୍ମୟ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଖାଦ୍ୟ ଓ ପୁଷ୍ଟି ସମ୍ପର୍କୀୟ ଲୋକ ଇସ୍ତାହାର କର୍ମଶାଳା

**ଭବାନୀପାଟଣା,୩୧।୩(ଡି.ଏନ.ଏ.)**
ଭବାନୀପାଟଣାସ୍ଥିତ ଏକ ହୋଟେଲରେ ଓଡିଶା ଖାଦ୍ୟ ଅଧିକାର ଅଭିଯାନର ପ୍ରଚେଷ୍ଟାରେ ଖାଦ୍ୟ ଓ ପୁଷ୍ଟି ସମ୍ପର୍କୀୟ ଲୋକ ଇସ୍ତାହାର ଉପରେ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ଖାଦ୍ୟ ସୁରକ୍ଷା ଅଭିଯାନ ମୁଖ୍ୟ ରାଜକିଶୋର ମିଶ୍ର, କଂଗ୍ରେସର ପ୍ରଶାନ୍ତ ନାଏକ, ଅନିଲ କୁମାର ସିଂହଦେଓ, ଭାଜପାର ଅଭିଜିତ ମିଶ୍ର, ବିଜେଡିରୁ ପ୍ରଦୀପ କୁମାର ଦାସ ଏବଂ ଏପିଆଇ (ଲୋକ ସଭା ପ୍ରାର୍ଥୀ) ଛବିଲାଲ ନିଆଳ ଓ ବିଭିନ୍ନ ସ୍ୱେଚ୍ଛାସେବି ଅନୁଷ୍ଠାନ କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧି, ଗ୍ରାମାଞ୍ଚଳରୁ ଲୋକ ପ୍ରତିନିଧି ଓ ଅନ୍ୟ ବୁଦ୍ଧିଜୀବୀ ନିଜର ମତାମତ ରଖିଥିଲେ। ଏହି ଆଲୋଚନାଚକ୍ରରେ ମୁଖ୍ୟ ଓ ପୁଷ୍ଟି ଜନିତ ସମସ୍ୟା ତଥା ବର୍ତ୍ତମାନ ସରକାରୀ ଯୋଜନାରେ ବ୍ୟାପକ ସଂସ୍କାର ଆଣିବାର ଆବଶ୍ୟକତା ଅଛି। ବିଶେଷ କରି ମହିଳା ଏବଂ ଶିଶୁମାନେ ଅପ୍ରାସଙ୍ଗିକ ଭାବରେ କୁପୋଷଣର ଶିକାର ହେଉଛନ୍ତି। ଏହି ଅସମାନତା, ଦାରିଦ୍ରତା, ବେରୋଜାକାର ଓ କ୍ଷୁଦା ମୁକ୍ତ ଦେଶ ଗଠନ ପାଇଁ ସରକାରୀସ୍ତରରେ ବ୍ୟାପକ ପପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ପ୍ରକାଶ ପାଇଛି ।

## ଭାଜପାରେ ମିଶିଲେ ଶତାଧିକ ବିଜେଡି କର୍ମୀ

**କୋକସରା,୩୧।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ମହାଭାରତ ପଡିଆଠାରେ ରବିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ କରାଯାଇଛି । ଏଥିରେ ରାଜ୍ୟ ଭାଜପା ସଭାପତି ବସନ୍ତ କୁମାର ପଣ୍ଡା, ଧର୍ମଗଡ ବିଧାୟକ ପ୍ରାର୍ଥି ଅନନ୍ତ ପ୍ରତାପ ଦେଓଙ୍କ ଗହଣରେ ଜନାର୍ଦ୍ଦନ ପଣ୍ଡା ବିଜେଡି ଛାଡି ଶତାଧିକ କର୍ମୀଙ୍କୁ ନେଇ ଭାଜପାରେ ଯୋଗ ଦେଇଛନ୍ତି । ଜନାର୍ଦ୍ଦନଙ୍କ ଯୋଗଦାନ ଭାଜପା ଏକ ମଜଭୁତ ସ୍ଥିତିରେ ପହଞ୍ଚିବ ଓ ୧୨୦ + ମିଶନ ଲକ୍ଷ୍ୟ ପୂରଣ ହେବାରେ ଏକ ପ୍ରମୁଖ ଭୂମିକା ହେବ ବୋଲି ରାଜ୍ୟ ଭାଜପା ସଭାପତି ବସନ୍ତ କହିଥିଲେ । ଜନାର୍ଦ୍ଦନଙ୍କ ନେତୃତ୍ୱରେ ବିଜେଡିରୁ ଶ୍ରୀଧର ବଣିଆ, ପୂର୍ବତନ ସରପଞ୍ଚ ତଥା ବିଜୁ ବିକାଶ ବାହିନୀ ଜିଲା ସଭାପତି ଭାଗିରଥି ପାଟଯୋଷୀ, କୋକସରା ବ୍ଲକ ବିଜେଡି ପୂର୍ବତନ ଜିଲା ପରିଷଦ ସଭ୍ୟ ବିରଞ୍ଚି ନାରାୟଣ ପଣ୍ଡା, ଶରତ ଚନ୍ଦ୍ର ପଣ୍ଡା, ଯୁବନେତା ଧନୟ ବେହେରା, ସାମାଜିକ କର୍ମୀ ଘାସିରାମ ପାଟଯୋଷୀ, ଶମ୍ଭୁନାଥ ପଣ୍ଡା, ବନମାଳୀ ବାଗ, ନବୀନ ପୂଝାରୀ, ଯୁଗଳ କିଶୋର ମାଝି, ଲୋକେଶ୍ୱର ନାଏକ, ବ୍ୟୋମକେଶ ପାଣିଗ୍ରାହୀ, ପ୍ରିୟ ମାଝି, ବିଶ୍ୱରନ ପାତ୍ର, ମାନ ଗୋପାଳ ଓ ଯାଦବ ସମାଜର ଚର୍ଚ୍ଚିତ ବ୍ୟକ୍ତି ଟଙ୍କଧର ଖର୍ସେଲ ମଧ୍ୟ ଯୋଗଦେଇଥିବା ଜଣାପଡିଛି । ମିଶ୍ରଣ ପର୍ବରେ କୋକସରା ବ୍ଲକ ସଭାପତି ପ୍ରମୋଦ ପଣ୍ଡା, ଆମପାଣି ଜୋନ ସଭାପତି ଘନଶ୍ୟାମ ନାଏକ, ଜିଲା କୃଷକ ମୋର୍ଚ୍ଚା ସଭାପତି ସୁଧିର ରନ ପାଟଯୋଷୀ, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ତିଳୋତ୍ତମା ନାଏକ, ଜିଲା ମହିଳା ସଭାନେତ୍ରୀ କୁନ୍ତୀ ପାଲ, ଆମପାଣି ଜୋନ ଜିଲା ପରିଷଦ ସଭ୍ୟା ହେମାଙ୍ଗିନୀ ହଂସ, ମୋଟେର ଜୋନ ଜିଲା ପରିଷଦ ସଭ୍ୟ ଅମୋଜ କୁମାର ପଣ୍ଡା, କୋକସରା ବ୍ଲକ ପୂର୍ବତନ ଅଧ୍ୟକ୍ଷ କିଶୋର ଚନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇଥିଲେ।


ଭାଜପାର ମିଶ୍ରଣ ପର୍ବରେ ଯୋଗଦେଇଥିବା ଅତିଥି ।

### ବେଦାନ୍ତ ବିରୋଧରେ ତେଜୁଛି ଜନ ଅସନ୍ତୋଷ

# ୧୬ ବର୍ଷ ବିତିଲା, କାଣିଚାଏ ବିକାଶ ହୋଇନି

- ସୋସିଆଲ ମିଡିଆରେ କମ୍ପାନୀର ଭିଡିଓକୁ ନେଇ ବିବାଦ
- ଶାନ୍ତି କମିଟିକୁ ପୋଲିସ ଡାକରା

**ଲାଞ୍ଜିଗଡ଼,୩୧।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଲାଞ୍ଜିଗଡ ବେଦାନ୍ତ କମ୍ପାନୀ ଏବେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଦୁର୍ଦ୍ଦଶା ପାଲଟିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ନିଜର ଭିଟାମାଟି ଛାଡି ଆଜି ସ୍ଥାନୀୟ ଲୋକେ କମ୍ପାନୀର ଧୂଳିଧୂଆଁର ଶିକାର ପାଲଟିଛନ୍ତି । ରେଡମଡ ପଣ୍ଡର କଦର୍ମାକ୍ତ ବିଷରେ ଅଞ୍ଚଳବାସୀଙ୍କ ସମସ୍ତ ସ୍ୱପ୍ନ ଏବେ ଧୂଳିସାତ ହୋଇଯାଇଛି । ଲାଞ୍ଜିଗଡଠାରେ ବେଦାନ୍ତ ସ୍ଥାପନ ବେଳେ ଏହାକୁ ମୁମ୍ବାଇ ସହର ଭଳି ବିକଶିତ କରାଯିବ ବୋଲି ଯେଉଁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ଏବେ ୧୬ ବର୍ଷ ପରେ ବି ଏଠାକାର ବିସ୍ଥାପିତ ପରିବାରବର୍ଗ ଦିଓଳି ଦିମୁଠା ଖାଇବାକୁ ସଂଘର୍ଷ କରୁଛନ୍ତି । ଜୀବନ ଜୀବିକା ପାଇଁ ସଂଘର୍ଷ କରୁଥିବା ବିସ୍ଥାପିତମାନଙ୍କୁ ଲୋକ ଲଗାଇ କମ୍ପାନୀ ମାଡ ମାରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସେହିପରି ପାରିପାର୍ଶ୍ୱିକ ଉନ୍ନୟନ ନାମରେ କମ୍ପାନୀ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା କୁହୁଥିବାବେଳେ ଆଜିଯାଏଁ ତାର କାଣିଚାଏ ଝଲକ ଦେଖିବାକୁ ମିଳୁନି । କମ୍ପାନୀ ଆସିବାର ଦୀର୍ଘ ୧୬ ବର୍ଷ ପରେ ବି କମ୍ପାନୀକୁ ସଂଯୋଗ କରୁଥିବା ରାସ୍ତା ଭଙ୍ଗାଦଦରା ହୋଇପଡିଛି । ନା ପାଣି ନା ବିଦ୍ୟୁତ୍ ନା କୌଣସି ମୌଳିକ ସୁବିଧା ଯୋଗାଇବାରେ ବେଦାନ୍ତ ବିଫଳ ହୋଇଛି । ବେଦାନ୍ତ ତଥା ଏହାର କିଛି ସହଯୋଗୀ ସଂସ୍ଥା ରାସ୍ତାଘାଟ ଓ କିଛି କାର୍ଯ୍ୟାଳୟ ସାମ୍ନାରେ କେବଳ ନିଜ ଷ୍ଟିକର ଲଗାଇ ବାହାବା ନେଉଛି । ଫଳ ସ୍ୱରୂପ କମ୍ପାନୀ ବିରୋଧରେ ଜନ ଆକ୍ରୋଶ କମିବା ପରିବର୍ତ୍ତେ ବଢିବାରେ ଲାଗିଛି । ଏହାର ଉଦାହରଣ କିଛିଦିନ ତଳେ କମ୍ପାନୀ ମୁଖ୍ୟ ଫାଟକ ସାମ୍ନାରେ ଦେଖିବାକୁ ମିଳିଥିଲା । କମ୍ପାନୀ ଯୋଗୁ ଜମି ଜମା, ଭିଟାମାଟି ହରାଇଥିବା ଲୋକେ ନ୍ୟାୟ ପାଇଁ ଧାରଣା ଦେଉଥିବାବେଳେ ସେମାନଙ୍କୁ କମ୍ପାନୀ ଓଡିଶା ଶିଳ୍ପ ସୁରକ୍ଷା ବଳକୁ ଲଗାଇ ଲାଠି ଚାଳନା କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ଏହାକୁ ନେଇ ସାଧାରଣରେ ବିରୋଧାଭାସ ପ୍ରକାଶ ପାଉଥିବାବେଳେ ଏସ୍‌ପି ବାତୁଲା ଗଙ୍ଗାଧର ଏଥିରେ ହସ୍ତକ୍ଷେପ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ ଜାରି ରଖିଛନ୍ତି । ଶୁକ୍ରବାର ସେ ଲାଞ୍ଜିଗଡ ଥାନାରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିବାବେଳେ ଶନିବାର ଶାନ୍ତି କମିଟିର ପ୍ରାୟ ୩୦ ଜଣ ସଦସ୍ୟଙ୍କୁ ଭବାନୀପାଟଣା ଡକାଇଛନ୍ତି। ସେଠାରେ ମଧ୍ୟ ଅଞ୍ଚଳ ପ୍ରତି କମ୍ପାନୀର ଅବହେଳା ହିଁ ଏହି ଗଣ୍ଡଗୋଳର ମୁଖ୍ୟ କାରଣ ବୋଲି ସେମାନେ ଦର୍ଶାଇଛନ୍ତି । ଅପରପକ୍ଷରେ କମ୍ପାନୀ ପକ୍ଷରୁ ବିକାଶର ଚିତ୍ର ଦେଖାଇ ୧ ମିନିଟ୍ ୦୭ ସେକେଣ୍ଡର ଏକ ଭିଡିଓ ଜାରି କରାଯାଇଛି। ଯେଉଁଠି ଗତ ୧୮ ତାରିଖର ଘଟଣାକୁ ଏକ ଭିନ୍ନ ଢଙ୍ଗରେ ଉପସ୍ଥାପିତ କରାଯିବା ସହ କମ୍ପାନୀର ବିଭିନ୍ନ ଅଫିସ ପୋଡାଜଳା ଓ ଭଙ୍ଗାରୁଜାରେ ସ୍ଥାନୀୟ ଲୋକଙ୍କୁ ଦାୟୀ କରାଯାଇଛି । ଲାଞ୍ଜିଗଡ଼ ଅଞ୍ଚଳରେ ଏହି ଭିଡିଓ ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଲୋକଙ୍କ ପାଇଁ କିଛି କରି ନ ଥିବା ବେଦାନ୍ତ କେଉଁ ଆଧାରରେ ଏହି ମିଛ ଭିଡିଓ ତିଆରି କଲା ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ୧୬ ବର୍ଷ ଧରି ଅଞ୍ଚଳର ବିକାଶକୁ ନେଇ ସ୍ଥାନୀୟ ଲୋକଙ୍କୁ ଭୁତାଇ ଚାଲିଥିବା ବେଦାନ୍ତର ଏତାଦୃଶକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଓ ବିସ୍ଥାପିତ ପରିବାର ଲୋକେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ବେଦାନ୍ତ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇପାରିନାହିଁ । ସେହିପରି ବେଦାନ୍ତ ଘଟଣାରେ ନିର୍ଦ୍ଦୋଷ ବ୍ୟକ୍ତିବିଶେଷଙ୍କୁ ଗିରଫଦାରିରୁ ବାଦ୍ ଦେଉଛୁ ବୋଲି ଏଡିସିନାଲ ଏସ୍‌ପି ମନୋଜ କୁମାର ମହନ୍ତ କହିଛନ୍ତି ।


ବେଦାନ୍ତକୁ ଯାଇଥିବା ଶୋଚନୀୟ ରାସ୍ତା।

#### ସେମାନେ ଯାହା କୁହନ୍ତି...


" ବେଦାନ୍ତର ପ୍ରକଳ୍ପ ଲାଗି ଆମେ ଘରଦ୍ୱାର ଭିଟାମାଟି ହରାଇଲୁ। କମ୍ପାନୀ ସ୍ଥାପନ ହେବାବେଳେ ଆମକୁ ଅନେକ ପ୍ରତିଶ୍ରୁତି ଦିଆଗଲା କିନ୍ତୁ ସେସବୁ କାହିଁ ଆଜି କମ୍ପାନୀର ପ୍ରଦୂଷଣର ଫଳ ଭୋଗୁଛୁ ଆମେ । ଆମ ଗାଁରେ ଏବେ ଅନେକ ଟିବି ରୋଗୀ କିନ୍ତୁ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ମିଳିପାରୁନି । ନାମକୁ ମାତ୍ର ବେଦାନ୍ତ ହସ୍ପିଟାଲ । ସେଠାରେ ସାମାନ୍ୟ ଜ୍ୱର ପାଇଁ ଔଷଧଟିଏ ମିଳୁନାହିଁ । ଶିକ୍ଷା ପାଇଁ ସ୍କୁଲ ଖୋଲିଛି ବେଦାନ୍ତ କିନ୍ତୁ ଆମେ କେଉଁଠୁ ଟଙ୍କା ପାଇବୁ ଯେ, ପିଲାଙ୍କୁ ସେଠି ପଢାଇବୁ । କମ୍ପାନୀକୁ ଯିବାଆସିବା ପାଇଁ ଆଜିଯାଏଁ ରାସ୍ତା ଖଣ୍ଡିଏ ତିଆରି କରିପାରିନି ବେଦାନ୍ତ । ବିସ୍ଥାପିତ ପରିବାରଙ୍କୁ ଚାକିରି ଦେବା ତ ଦୂରର କଥା, ଆମ ହକ୍ ନେଇ ଦାବି କଲେ କିମ୍ବା ଧାରଣା ଦେଲେ କମ୍ପାନୀ ସୁରକ୍ଷା କର୍ମୀ ଆମକୁ ମାରି ଗୋଡାଉଛନ୍ତି । ଏ ବେଦାନ୍ତ ଥାଇ କେତେ ନ ଥାଇ କେତେ।

-ପ୍ରଫୁଲ୍ଲ ନାଏକ, ବିସ୍ଥାପିତ, କୋଟଦ୍ୱାର


" ବେଦାନ୍ତ ଲାଞ୍ଜିଗଡକୁ ଆସି ୧୬ ବର୍ଷ ବିତିଗଲା । କିନ୍ତୁ ଲାଞ୍ଜିଗଡ ଅଞ୍ଚଳରେ ଆଜିଯାଏଁ ଆଖିଦୃଶିଆ ଉନ୍ନତି ହୋଇ ପାରିନାହିଁ । କମ୍ପାନୀ ତାର ସିଏସ୍‌ଆର୍ ପଲିସିକୁ ନେଇ ନିରବ ଥିବାବେଳେ ଲାଞ୍ଜିଗଡ ଅଞ୍ଚଳରେ ପ୍ରକଳ୍ପ ଥିଲେ ବି ଏ ଅଞ୍ଚଳର ବିକାଶକୁ ସତେ ଯେମିତି ଭୁଲିଯାଇଛି ।

**- ସୁଶ୍ରୀ ମଣି ମାଝି, ସରପଞ୍ଚ, ଲାଞ୍ଜିଗଡ**


" ସ୍ଥାନୀୟ ଅଞ୍ଚଳ ପ୍ରତି ଲଗାତାର ଅବହେଳା ଓ ବିସ୍ଥାପିତମାନଙ୍କୁ ଅଣଦେଖା କରିବା ହିଁ କମ୍ପାନୀ ପ୍ରତି ଜନ ଆକ୍ରୋଶର କାରଣ । କମ୍ପାନୀ ଲୋକଙ୍କ ଦାବିକୁ ନଜରଅନ୍ଦାଜ କରୁଥିବା ପର୍ଯ୍ୟନ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ସମ୍ଭବ ନୁହେଁ । କର୍ପୋରେଟ୍ ଭିତିକ ଅର୍ଥନୀତିରେ ଭିଟାମାଟି ହରାଇଥିବା ବିସ୍ଥାପିତମାନଙ୍କୁ ଅଗ୍ରାଧିକାର ଦେବା ଏକ କର୍ପୋରେଟ୍ ସଂସ୍ଥାର ନୀତି ଓ ଆଦର୍ଶ ହେବା ଉଚିତ୍ । ଯେଉଁଥିରେ ବେଦାନ୍ତ ବାରମ୍ବାର ବିଫଳ ହେବା ସହ ଆନ୍ତର୍ଜାତୀୟସ୍ତରରେ ଏଥି ଯୋଗୁ ବଦ୍‌ନାମ ହୋଇଛି । ଲାଞ୍ଜିଗଡକୁ ଘେରାଏ ବୁଲି ଆସିଲେ ଦେଖାଯିବ ଅଞ୍ଚଳର ବିକାଶ ପ୍ରତି ବେଦାନ୍ତର ଆନ୍ତରିକତା କେତେ।

**-ସୁଶୀଲ କୁମାର ବାଗ, ଯୁବ ଲେଖକ ଓ ସାମାଜିକ କର୍ମୀ**


" ସ୍ଥାନୀୟ ସମସ୍ୟା ପ୍ରତି ବେଦାନ୍ତକୁ ପ୍ରାଥମିକତା ଦେବାକୁ ପଡିବ। ଏହାକୁ ଅଣଦେଖା କଲେ ଗୋଟିଏ ନୁହେଁ ଅଞ୍ଚଳରେ ଅଶାନ୍ତି ବାରମ୍ବାର ଘଟିବ ଏଥିରେ ସନ୍ଦେହ ନାହିଁ ।

**- କୈଳାସ ସାହୁ, ସାମାଜିକ କର୍ମୀ**



ସଂସାର ପ୍ରତି ତିଳେ ହେଲେ ଆସକ୍ତି ଥିଲେ ଭଗବାନଙ୍କୁ ଲାଭ କରିହେବ ନାହିଁ, ଯେପରି ସୂତାରେ ଟିକିଏ ଆଂଶୁ ଥିଲେ ଛୁଞ୍ଚିରେ ଗଳେନାହିଁ।
- ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ



### ବିଜେଡିରେ ମିଶିଲେ ଅନ୍ୟ ଦଳ କର୍ମୀ

**ରାଉରକେଲା ଅଫିସ,୩୧। ୩:** ନିର୍ବାଚନ ଯେତିକି ପାଖେଇ ଆସୁଛି ସହରରେ ଦଳ ଡିଆଁ ରାଜନୀତି ବି ସେହି ଅନୁସାରେ ବଢିବାରେ ଲାଗିଛି। ସେକ୍ଟର-୩ ରଘୁନାଥପାଲ୍ଲୀ ବିଜେଡି କାର୍ଯ୍ୟାଳୟଠାରେ ରବିବାର ପୂର୍ବାହ୍ନରେ ଅନ୍ୟ ଦଳ ଛାଡି ଆସିଥିବା କେତକ କର୍ମୀଙ୍କୁ ଦଳ ଗ୍ରହଣ କରିଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ନଗର ସଭାପତି ସୁଧୀର ସୁନ୍ଦରାୟ, ରାଜ୍ୟ ସଂପାଦକ ଆନନ୍ଦ ମହାନ୍ତି, ବିଧାୟକ ପ୍ରାର୍ଥୀ ସୁବ୍ରତ ତରାଇ, ଲୋକସଭା ପ୍ରାର୍ଥିନୀ ସୁନୀତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଯେଉଁମାନେ ଦଳରେ ମିଶିଛନ୍ତି ସେମାନେ ନବୀନ ବାବୁ ଓ ବିଜେଡିର ନୀତି ଆଦର୍ଶରେ ଅନୁପ୍ରାଣିତ। ଏମାନଙ୍କ ଯୋଗଦାନ ବିଜେଡିକୁ ଶକ୍ତିଶାଳୀ କରିବ ବୋଲି ପ୍ରାର୍ଥୀ ତରାଇ ଆଶା ବ୍ୟକ୍ତ କରିଥିଲେ। ଦଳରେ ଯୋଗ ଦେଇଥିବା କର୍ମୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇ ଥିଲା।

### ଜିତିଲେ ଦକ୍ଷିଣ ରାଉରକେଲାର ବିଭିନ୍ନ ସମସ୍ୟା ସମାଧାନ ହେବ

**ରାଉରକେଲା ଅଫିସ,୩୧। ୩:** ଦୀର୍ଘ ୧୦ବର୍ଷ ଧରି ବିଭିନ୍ନ କାରଣରୁ ଅବହେଳିତ ଦକ୍ଷିଣ ରାଉରକେଲା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଏହି ଅଞ୍ଚଳବାସୀ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବା ଦୁଃଖଦାୟକ ବୋଲି କହିଛନ୍ତି ରଘୁନାଥପାଲ୍ଲୀ କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ ସେଠୀ। ରବିବାର ସ୍ଥାନୀୟ ପୂର୍ଣ୍ଣାନନ୍ଦ ମାର୍କେଟ ଅଞ୍ଚଳରେ ଆୟୋଜିତ ବୈଠକରେ ବରିଷ୍ଠ କଂଗ୍ରେସ ନେତା ସୁଧାକର ମଲ୍ଲିକଙ୍କ ସମେତ ଆଇନଜୀବୀ ସୁରେନ୍ଦ୍ର ପରିଡା, ଗାଙ୍ଗପୁର ମଜଦୁର ମଞ୍ଚ ନତା ସଞ୍ଜୟ ପରିଡା, ଯୁବ ନେତା ତଥା ସାମାଜିକ କର୍ମୀ ଅଶୋକ ପଟ୍ଟନାୟକ, ଦିଲ୍ଲୀପ ସାମଲ, ପବିତ୍ର ପାଣି, ସୁବାଶ ପାତ୍ର, ରାଜୁ ପରିଡା, ଅଞ୍ଜନ ବେହେରା, ବସନ୍ତ ଦାସ, ସୁଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାର୍ଥୀ ସେଠୀ କହିଥିଲେ ଯେ, ଯଦି ସେ ନିର୍ବାଚନରେ ଜିତନ୍ତି ତେବେ ଅଞ୍ଚଳର ପ୍ରମୁଖ ସମସ୍ୟା ତଥା ଚିକିତ୍ସା ସେବାର ଉନ୍ନତି ନେଇ ପ୍ରଥମେ ଧ୍ୟାନ ଦେବେ। ଫର୍ଟିଲାଇଜର ବସଷ୍ଟାଣ୍ଡକୁ ବସ୍ କିପରି ଆସିବ ସେ ଦିଗରେ ଗୁରୁତ୍ୱ ପ୍ରଦାନ କରାଯିବ। ବସ୍ତି ଅଞ୍ଚଳରେ ରହିଥିବା ମୌଳିକ ସମସ୍ୟା ଦୂର କରିବା ନେଇ ଅଗ୍ରାଧିକାର ଦିଆଯିବ। ଘର ପାଖରେ ୫ ହଜାର କୋଟି ଟଙ୍କାର ହଟଷ୍ଟ୍ରିପ ମିଲ୍ ନିର୍ମାଣ କରାଯାଉଥିବା ବେଳେ ରାଜ୍ୟ ବାହାରୁ ଯୁବକମାନେ ଆସି କାମ କରୁଛନ୍ତି। ଏ ନେଇ ଶାସକ ଦଳ ପ୍ରତିନିଧିଙ୍କ ଅଣଦେଖା ଆମକୁ କ୍ଷୁବ୍ଧ କରିଛି। ପରେ ପ୍ରଶାନ୍ତ ସ୍ଥାନୀୟ ଜଗନ୍ନାଥ ଛକରେ ଏକ ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏଥିରେ ବିନୟ ବେହୁରା ଓ ଅରୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ପ୍ରଶାନ୍ତ କହିଥିଲେ ଯେ, ବିଗତ ୨୦ବର୍ଷ ଧରି ସେ ଲୋକଙ୍କ ସାଙ୍ଗରେ ରହି ଜନ ସେବା କରି ଆସୁଛନ୍ତି। ନିର୍ବାଚନ ଜିତିଲେ ମଧ ସେଥିରୁ ଓହରିବେ ନାହିଁ। ଲୋକଙ୍କ ସାଙ୍ଗରେ ଯୋଡି ହୋଇ ରହିବା ତାଙ୍କ ମୂଳ ଲକ୍ଷ୍ୟ ହେବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ।

## ବିଏମ୍‌ଏସ୍‌ର ଦୁଇ ଦିନିଆ ସମ୍ମିଳନୀ ଉଦ୍‌ଯାପିତ

# ଇସ୍ପାତ, ଖଣି କ୍ଷେତ୍ରରେ ସଂଗଠନକୁ ମଜଭୁତ କରିବାକୁ ହେବ

**ରାଉରକେଲା ଅଫିସ,୩୧। ୩**

ସେକ୍ଟର-୪ ସୋସିଆଲ ହୋମ୍‌ଠାରେ ଶନିବାର ଆରମ୍ଭ ହୋଇଥିବା ଭାରତୀୟ ମଜଦୁର ମହାସଂଘ(ବିଏମଏସ)ର ୧୫ତମ ତ୍ରୈବାର୍ଷିକ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହାସଂଘ ଅନ୍ତର୍ଭୁକ୍ତ ତଥା ଇସ୍ପାତ ଓ ଖଣି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂଗଠନ ଗୁଡିକ ସଂପର୍କରେ ବିସ୍ତୃତ ଆଲୋକପାତ କରାଯାଇ ଥିଲା। ମହାସଂଘର ସାଧାରଣ ସମ୍ପାଦକ ରାଜେନ୍ଦ୍ରନାଥ ମହାନ୍ତ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଜ୍ଞାନେଶ ପଣ୍ଡା ବିଗତ ୩ବର୍ଷର ଆର୍ଥିକ ବିବରଣୀ ଉପସ୍ଥାପନ କରିଥିଲେ। ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କୁ ସେମାନଙ୍କ ଶେଷ ଦରମାର ୫୦ ପ୍ରତିଶତ ପେନସନ ଆକାରରେ ପ୍ରଦାନ କରିବା ଓ ଠିକା ଶ୍ରମିକ ଶୋଷଣର ପରିସମାପ୍ତି ଘଟାଇବା ଉପରେ ଆଲୋଚନା କରାଯାଇଥିଲା। ସଂଗଠନର ସହ ପ୍ରଭାରୀ ଦେବେନ୍ଦ୍ର ପାଣ୍ଡେ ଏହି ଅବସରରେ ବିଏମଏସର ଗୌରବମୟ ଇତିହାସ ଓ ଏହାର କାର୍ଯ୍ୟଧାରା ଉପରେ ବିଶେଷ ଆଲୋଚନା କରିଥିଲେ। ଅନ୍ୟତମ କାର୍ଯ୍ୟକର୍ତ୍ତା କୃଷ୍ଣଚନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ ସାଂପ୍ରତିକ ଅବସ୍ଥାରେ ଶ୍ରମିକ ଆନ୍ଦୋଳନର ଆବଶ୍ୟକତା ତଥା ଏହାର ଉପାଦେୟତା ଓ ବିଏମଏସର ଦାଇତ୍ୱ ନେଇ ସବିଶେଷ ଆଲୋଚନା କରିଥିଲେ। ମଞ୍ଚାସୀନ ଅନ୍ୟ କାର୍ଯ୍ୟକର୍ତ୍ତା ନିଜ ବକ୍ତବ୍ୟରେ ସମାଜର ଉନ୍ନତି ଓ ତଳ ସ୍ତରରେ ରହୁଥିବା ଲୋକଙ୍କ ସ୍ଥିତି ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ହରେକୃଷ୍ଣ ନାୟକ ଅଖିଳ ଭାରତୀୟ ସଂପାଦକ ଦେବେନ୍ଦ୍ର ପାଣ୍ଡେଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରିଥିଲେ। ପରେ ପାଣ୍ଡେ ନୂତନ କାର୍ଯ୍ୟ ସମିତି ଘୋଷଣା କରିଥିଲେ। ଏଥିରେ ଅଧ୍ୟକ୍ଷ ରୂପେ କୃଷ୍ଣା ରାଓ, ସାଧାରଣ ସଂପାଦକ ରାଜେନ୍ଦ୍ରନାଥ ମହାନ୍ତ, କୋଷାଧ୍ୟକ୍ଷ ଜ୍ଞାନେଶ ପଣ୍ଡା, ଉପସଭାପତି କେ ଶ୍ରୀନିବାସ ରାଓ, କ୍ରିପାଲ ସିଂ ଏବଂ ଅରୂପ ରାୟଙ୍କ ନାମ ଘୋଷଣା କରାଯାଇ ଥିଲା। ସେହିଭଳି ସଂପାଦକ ରୂପେ ବିପେନ ଶର୍ମା ଓ ଡି.କେ. ପାଣ୍ଡେ ପ୍ରମୁଖଙ୍କୁ କାର୍ଯ୍ୟ ସମିତିରେ ଗ୍ରହଣ କରାଯାଇଥିବା କୁହାଯାଇଥିଲା। ଇସ୍ପାତ କ୍ଷେତ୍ର ପ୍ରଭାରୀ ଡଃ ବସନ୍ତ ରାୟ କହିଥିଲେ ଯେ, ଇସ୍ପାତ ଓ ଖଣି କ୍ଷେତ୍ରରେ ସଂଗଠନକୁ ମଜବୁତ କରିବାକୁ ହେବ। ଆସନ୍ତା ଜୁନ ୧୫ରେ ସମସ୍ତ ସରକାରୀ ଉଦ୍ୟୋଗମାନଙ୍କର ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଭାରତ ବର୍ଷରେ କିପରି ସରକାରୀ ଉଦ୍ୟୋଗ ବଞ୍ଚି ରହିବ ତାହା ଉପରେ ରଣନୀତି ପ୍ରସ୍ତୁତ କରାଯିବ ବୋଲି ରାୟ ପ୍ରକାଶ କରିଥିଲେ। ଆବଶ୍ୟକ ପଡିଲେ ଏ ନେଇ ଆନ୍ଦୋଳନ ରୂପରେଖ ପ୍ରସ୍ତୁତ କରାଯିବ। ଏ ଦିଗରେ ଶ୍ରମିକମାନେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ ସାଧାରଣ ସଂପାଦକ ହିମାଂଶୁ ବଳ, ବିକାଶ ହାଲଦାର, ଜ୍ଞାନେଶ ପଣ୍ଡା, ପ୍ରଭାତ ବେହେରା, ସମର ମହାନ୍ତ, ଗୁରୁଚରଣ ମହାନ୍ତି, ଗିରିଶ ଶତପଥୀ, ଜନକର ସେଠୀ, ଉମାକାନ୍ତ ସାମଲ, ପ୍ରିୟବ୍ରତ ଜେନା, ମନୋଜ ମଲ୍ଲିକ, ଅଭିମନ୍ୟୁ ମହାପାତ୍ର, ରାଜେସ ଦାସ, ତୈଲୋକ୍ୟ ବେହେରା, ମାନସ ଦାସ, ଶ୍ରୀକାନ୍ତ ମହାନ୍ତି, ସତ୍ୟାନନ୍ଦ ଦାସ, ସରୋଜ ପ୍ରଧାନ, କାଳିଚରଣ ଦାସ. ସଞ୍ଜୟ ଦାସ ଓ ସରୋଜ ଜେନା ପ୍ରମୁଖ ସହଯୋଗ କରିଥିଲେ।



ଭାରତୀୟ ମଜଦୁର ମହାସଂଘ(ବିଏମଏସ)ର ୧୫ତମ ତ୍ରୈବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥି।

### ସୁନ୍ଦରଗଡ଼ ଲୋକ ସଭା କ୍ଷେତ୍ର ୧୮୪୬ ଭୋଟଗ୍ରହଣ କେନ୍ଦ୍ରରୁ ୩୮ ସମ୍ବେଦନଶୀଳ

**ସୁନ୍ଦରଗଡ଼, ୩୧।୩ (ଡି.ଏନ୍.ଏ)**

ସୁନ୍ଦରଗଡ ଲୋକସଭା କ୍ଷେତ୍ର ଓ ଏହା ଅଧୀନ ୭ଟିବିଧାନସଭା କ୍ଷେତ୍ରରେ ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ଭୋଟଗ୍ରହଣ ସକାଶେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଲୋକସଭା କ୍ଷେତ୍ରରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ସକାଶେ ମୋଟ ୧୮୪୬ଟି ଭୋଟ ଗ୍ରହଣ କେନ୍ଦ୍ର ବ୍ୟବସ୍ଥା ହୋଇଛି। ସେଥିମଧ୍ୟରୁ ମୋଟ ୩୮ ବୁଥକୁ ଜଟିଳ ତଥା ସମ୍ବେଦନଶୀଳ ବୁଥ ଭାବେ ଚିହ୍ନଟ କରାଯାଇଛି। ଏହିସବୁ ବୁଥ ଗୁଡିକରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଭୋଟକାର୍ଯ୍ୟ ପରିଚାଳନା ପାଇଁ ୧୪ହଜାର ୪୬୦ଜଣ କର୍ମଚାରୀ ନିୟୋଜିତ ହେବେ। ଭୋଟକାର୍ଯ୍ୟରେ ପରିବହନ ସକାଶେ ୯୦ଟି ଟ୍ରକ, ୧୫୫ଗୋଟି ମିନିଟ୍ରକ, ମିନିବସ ଏବଂ ୧୫୧୦ଟି ଟାଟା ମ୍ୟାଜିକ, ବୋଲେରୋ ଓ ପିକଅ ଭ୍ୟାନ ଆଦି ନିୟୋଜିତ କରାଯିବ । ନିର୍ବାଚନ କାର୍ଯ୍ୟ ତଦାରଖ ପାଇଁ ୨୨୦ଜଣ ସେକ୍ଟର ଅଫିସର,୧୨୦ଜଣ ସ୍ୱତନ୍ତ୍ର ଏକଜିକ୍ୟୁଟିଭେ ମାଜିଷ୍ଟ୍ରେଟ ନିୟୋଜିତ ହେବେ । ଏଥିସହ ଭାରତର ନିର୍ବାଚନ ଆୟୁକ୍ତଙ୍କ ଦ୍ୱାରା ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଜିଲାରେ ମୋଟ୧୫୦୦୯୩୨ଜଣ ଭୋଟର ରହିଥିବା ବେଳେ ସେଥିମଧ୍ୟରୁ ୭୫୨୦୨୨ ପୁରୁଷ ,୭୪୮୦୧ ମହିଳା ଓ ୧୦୯ ଅନ୍ୟାନ୍ୟ ଶ୍ରେଣୀର ଭୋଟର ରହିଛନ୍ତି।

# ତଲସରା ବିଧାନସଭା ନିର୍ବାଚନମଣ୍ଡଳୀ: ବଦଳୁଛି ସମୀକରଣ

**ବଡ଼ଗାଁ, ୩୧।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ତଲସରା ବିଧାନସଭା ଆସନ ପାଇଁ ନାମାଙ୍କନ ଦାଖଲ କରିଥିବା ସମସ୍ତଙ୍କ ପ୍ରାର୍ଥିପତ୍ର କାଏମ ରହିଛି। କେହି ପ୍ରାର୍ଥିପତ୍ର ପ୍ରତ୍ୟାହାର ନ କରିବା ଓ କଂଗ୍ରେସର ସକ୍ରିୟ ସଭ୍ୟା ଗେରୋଟି ଖେସ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଥିବାରୁ ସମୀକରଣ ବଦଳୁଛି। ବର୍ତ୍ତମାନ ମଇଦାନରେ ବିଜେଡି, ଭାଜପା ଓ କଂଗ୍ରେସ ସହିତ ଆପ୍, ବିଏମପି ହିନ୍ଦୁସ୍ଥାନ ନିର୍ମାଣ ଦଳ, ବିଏସପି ଏବଂ ୨ଜଣ ସ୍ୱାଧୀନ ପ୍ରାର୍ଥୀ ଗେରୋଟି ଓ ଶାନ୍ତି ପ୍ରକାଶ ସୋରେଙ୍ଗ ଅଛନ୍ତି। ଗେରୋଟିଙ୍କୁ ବଡଗାଁ, ସବଡେଗା ଓ ବାଲିଶଙ୍କରା ବ୍ଲକର ଅନେକ ଆଗଧାଡିର କଂଗ୍ରେସ କର୍ମୀ ସମର୍ଥନ ଜଣାଇଥିବାରୁ କଂଗ୍ରେସ ପ୍ରାର୍ଥୀ ଡା. ପ୍ରଫୁଲ୍ଲ ମାଝିଙ୍କ ଭୋଟ କଟିବା ସମ୍ଭାବନା ରହିଛି। କଂଗ୍ରେସର ବରିଷ୍ଠ ନେତା ସ୍ୱର୍ଗତ ଗଜାଧର ମାଝିଙ୍କ ପରେ ତାଙ୍କ ପୁତୁରା ଜ୍ୱାଇଁ ଡା. ପ୍ରଫୁଲ୍ଲ ଏହି ଆସନରେ ଲଢ଼ି ୩ଥର ନିର୍ବାଚିତ ହୋଇଛନ୍ତି। ଅନେକ ଖ୍ରୀଷ୍ଟଧର୍ମର ଶିକ୍ଷିତ ବ୍ୟକ୍ତି ଏହି ଆସନରୁ ଆଜି ପର୍ଯ୍ୟନ୍ତ କଂଗ୍ରେସରୁ ପ୍ରାର୍ଥୀ ହୋଇପାରୁନାହାନ୍ତି। ଯଦିବା ମିଶନ ଭୋଟ ଉପରେ କଂଗ୍ରେସର ଅଧିକ ପତିଆରା ରହିଆସିଛି, ତଥାପି ଖ୍ରୀଷ୍ଟ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ କ୍ଷମତା ଦେବା ଠାରୁ ଦୂରେଇ ରଖାଯାଇଆସୁଛି। ଏହି କାରଣରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଥିଲାବେଳେ ସମସ୍ତ ବ୍ଲକରେ ବହୁ ସଂଖ୍ୟକ କଂଗ୍ରେସ କର୍ମୀ ଅସନ୍ତୋଷ ଖୋଲାଖୋଲି ପ୍ରକାଶ କରୁଛନ୍ତି। ମିଶନ ଭୋଟ କଳେବଳେ ହାତେଇ କ୍ଷମତା ଅକ୍ତିଆର କରି ଆସୁଥିବା ଡା. ପ୍ରଫୁଲ୍ଲଙ୍କ ପାଇଁ ସ୍ୱାଧୀନ ପ୍ରାର୍ଥୀ ଗେରୋଟି ଖେସ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି। ଏହାକୁ ମିଶନ ଭୋଟରମାନେ ବୁଝି ପାରିଥିବାରୁ ଗେରୋଟିଙ୍କ ନାମାଙ୍କନରେ ବଡଗାଁ ସମେତ ସମସ୍ତ ବ୍ଲକର ଅନେକ ଖ୍ରୀଷ୍ଟ ଧର୍ମାବଲମ୍ବି ବ୍ୟକ୍ତି ସାମିଲ ହୋଇଥିଲେ। ଏହି ନିର୍ବାଚନ ମଣ୍ଡଳୀରେ ଆପ ଦଳର ପ୍ରାର୍ଥୀ ସଞ୍ଜିବ କୁମାର ଖାଲଖୋ, ସ୍ୱାଧୀନ ପ୍ରାର୍ଥୀ ଶାନ୍ତି ପ୍ରକାଶ ସୋରେଙ୍ଗ, ବିଏସ୍‌ପି ଦଳର ସତିଶ କୁମାର ମିଞ୍ଜ ଓ ବିଜେଡିର ଷ୍ଟିଫେନ୍ ସୋରେଙ୍ଗ ଖ୍ରୀଷ୍ଟଧର୍ମର ହୋଇଥିବାରୁ ଏମାନେ ମଧ୍ୟ ନିଜ ଜାତି, ସମ୍ପ୍ରଦାୟର ଭୋଟ ହାତେଇବା ସମ୍ଭାବନା ରହୁଛି। ଫଳରେ ସର୍ବାଧିକ ମିଶନ ଭୋଟ ନେଇ ଆସୁଥିବା ଡା. ପ୍ରଫୁଲ୍ଲଙ୍କ ଭୋଟ କେତେ କଟିବ ସ୍ପଷ୍ଟ ଜଣାପଡୁନଥିଲେ ମଧ ଖ୍ରୀଷ୍ଟଧର୍ମର ଲୋକଙ୍କୁ ସର୍ବଦା କ୍ଷମତାଠାରୁ ଦୂରେଇ ରଖାଯିବା ପ୍ରତିଫଳନ ନିର୍ବାଚନରେ ଦେଖାଯିବ। ଏସବୁକୁ ଆକଳନ କଲେ ଭାଜପାର ଭବାନୀ ଭୋଇ ଓ ବିଜେଡିର ଷ୍ଟିଫେନ ସୋରେଙ୍ଗଙ୍କ ପାଇଁ କିଛିଟା ସହଜ ସ୍ଥିତି ସୃଷ୍ଟି କରିପାରେ ଓ ଉଭୟଙ୍କ ମଧ୍ୟରେ କଡା ମୁକାବିଲା ହେବ ରାଜନୈତିକ ସ୍ତରରେ ଚର୍ଚ୍ଚା ହେଉଛି। ଷ୍ଟିଫେନ୍ ଖ୍ରୀଷ୍ଟ ସମ୍ପ୍ରଦାୟର ହୋଇଥିଲା ବେଳେ ପୂର୍ବତନ ବିଧାୟକ ନେଲସନ ସୋରେଙ୍ଗଙ୍କ ପୁଅ। ସେ ଶିକ୍ଷିତ ଓ ନମ୍ର ସ୍ୱଭାବ ଭୋଟରଙ୍କୁ ଆକୃଷ୍ଟ କରିବ ବୋଲି ତାଙ୍କ ସମର୍ଥକମାନେ କହୁଥିଲା ବେଳେ କେତେକ ବିଜେଡି କର୍ମୀ ଦଳୀୟ ଗୋଷ୍ଠୀ କନ୍ଦଳ ରହିଥିବାରୁ ତାଙ୍କୁ ମଧ ଗୃହଭେଦି ବୋଝ ହେବ ବୋଲି କହୁଛନ୍ତି। ଶୁକ୍ରବାର କରମଡିହିରେ ବିଜେଡିର ବିନୟ ଟପ୍ପୋ ତାଙ୍କ ସମର୍ଥକଙ୍କ ସହିତ ପ୍ରାର୍ଥୀ ଷ୍ଟିଫେନ୍‌ଙ୍କୁ ନେଇ ସଭା କରିଥିଲେ । ସେଠାରେ ବିନୟ ଥାର୍ଡ ଫ୍ଲୋରର ନିର୍ଦ୍ଦେଶ ଥିବା ଜଣାଇ ଷ୍ଟିଫେନ ଓ ଲୋକସଭା ପ୍ରାର୍ଥୀ ସୁନିତା ବିଶ୍ୱାଳଙ୍କ ପାଇଁ କାମ କରିବାକୁ କହିଥିଲେ। ସେଠାରେ କେତେକ ଯୁବକ କର୍ମୀ ବିଶୃଙ୍ଖଳିତ ହୋଇଥିବା ଜଣାପଡିଛି। ଏ ସମ୍ପର୍କରେ ବିଜେଡିର କେତେକ କର୍ମୀଙ୍କୁ ପଚାରିବାରେ ଏହି ସଭା କେବଳ ଲୋକ ଦେଖାଣିଆ। ଉଚ୍ଚ କର୍ମକର୍ତ୍ତାଙ୍କ ନିର୍ଦ୍ଦେଶ ଯୋଗୁ ସଭା କଲେ। ବିଜେଡିର ନିର୍ଦ୍ଦିଷ୍ଟ ଗୋଷ୍ଠୀ ଷ୍ଟିଫେନଙ୍କୁ ସହଯୋଗ କରିବା ଆଶା କ୍ଷୀଣ ବୋଲି କହିଛନ୍ତି। କଂଗ୍ରେସରେ ବିଦ୍ରୋହୀ ପ୍ରାର୍ଥୀ, କର୍ମୀ ଅସନ୍ତୁଷ୍ଟ ଓ ବିଜେଡିରେ ଆଶଙ୍କା କରାଯାଉଥିବା ଗୋଷ୍ଠୀ କନ୍ଦଳ ରହିଥିଲା ବେଳେ ଭାଜପା ଏଭଳି ଗୋଳମାଳିଆ ପରିସ୍ଥିତିରେ ନାହିଁ। ଭାଜପାର ଆଶାୟୀ ଧ୍ରୁବ କାଲୋ ବିଦ୍ରୋହୀ ନହେବା ଓ ଭାଜପାକୁ ସମର୍ଥନ ଜଣାଉଥିବାରୁ ଭବାନୀ ଭୋଇ ଏକ ପ୍ରକାର ବର୍ତ୍ତମାନ ସୁଦ୍ଧା ସୁବିଧା ସ୍ଥିତିରେ ଅଛନ୍ତି। ଯାହାବି ହେଉ ଦଳୀୟ ନେତାଙ୍କ ପ୍ରଚାର ଓ ପ୍ରତିଶ୍ରୁତି ଭୋଟର ପାଖରେ ପହଞ୍ଚିନଥିବାରୁ ସମୀକରଣ ଆଗକୁ କିପରି ବଦଳିଛି ପରବର୍ତ୍ତି ସମୟରେ ଜଣାପଡିବ। ତଥାପି ତ୍ରିକୋଣୀୟ ପ୍ରତିଦ୍ୱନ୍ଦିତା ହେବ।

### ଆଭା ଅନ୍ୱେଷର ୪ର୍ଥ ବାର୍ଷିକ ପ୍ରତିଷ୍ଠା ଦିବସ


ଆଭା ଆନ୍ୱେଷ ପକ୍ଷରୁ ୪ର୍ଥ ବାର୍ଷିକ ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା କର୍ମକର୍ତ୍ତା।

**ରାଉରକେଲା ଅଫିସ,୩୧। ୩**

ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ କଲ୍ୟାଣ ସଂଗଠନ ଆଭା ଆନ୍ୱେଷ ପକ୍ଷରୁ ଏହାର ୪ର୍ଥ ବାର୍ଷିକ ପ୍ରତିଷ୍ଠା ଦିବସ ଛେଣ୍ଡଠାରେ ରବିବାର ପାଳିତ ହୋଇଯାଇଛି। ସଂଗଠନ ସଭାପତି ଆର୍ତ୍ତତ୍ରାଣ ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ ଅନୁଷ୍ଠାନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ସଂପାଦକ ଶରତ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବଳରାମ ଶତପଥୀ ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଷ୍ଠା ସମାରୋହକୁ ଶୁଭାରମ୍ଭ କରିଥିଲେ। ସଂପାଦକ ପତି ଏହି ଅବସରରେ ବାର୍ଷିକ ବିବରଣୀ ପାଠ କରିବା ସହ ସଂଗଠନର ବିଗତ କାର୍ଯ୍ୟାବଳୀ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଗିରିଜାଶଙ୍କର ପାଢୀ ଯୋଗ ଦେଇଥିଲେ।


ଜିଲା କଂଗ୍ରେସ ସେବା ଦଳର ଧ୍ୱଜବନ୍ଧନ କାର୍ଯ୍ୟକ୍ରମରେ ଯୋଗଦେଇଥିବା କର୍ମକର୍ତ୍ତା।

### କଂଗ୍ରେସ ସେବା ଦଳ ପକ୍ଷରୁ ଧ୍ୱଜବନ୍ଧନ

**ରାଉରକେଲା ଅଫିସ,୩୧।୩**

ଜିଲା କଂଗ୍ରେସ ସେବା ଦଳ ମୁଖ୍ୟ ସଂଗଠକ ବିନୋଦ ରାଉତଙ୍କ ଅଧ୍ୟକ୍ଷତାରେ ଶାସ୍ତ୍ରୀ ଛକଠାରେ ଧ୍ୱଜବନ୍ଧନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ତଥା କଂଗ୍ରେସର ରାଉରକେଲା ପ୍ରାର୍ଥୀ ବୀରେନ ସେନାପତି ଅତିଥି ରୂପେ ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ବାଲ ସେବାଦଳ ମୁଖ୍ୟ ସଂଗଠିକା ରଞ୍ଜିତା ମଲ୍ଲିକଙ୍କ ସହ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

### ଖାଦାନରେ ଗାଧୋଇବା ବେଳେ ଯୁବକ ବୁଡିଗଲେ

**ରାଉରକେଲା ଅଫିସ,୩୧। ୩**

ଛେଣ୍ଡ କଲୋନୀ କଳିଙ୍ଗବିହାର ପଛକୁ ଟିସ୍କୋ ଖାଦାନକୁ ଗାଧୋଇବାକୁ ଯାଇ ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ପ୍ରଭାକର ମିଶ୍ର। ସେ ଝାଡଖଣ୍ଡ ରାଜ୍ୟ ବାସିନ୍ଦା। ପ୍ରଭାକର ଓ ଅନ୍ୟ ୪ ଜଣ ସାଙ୍ଗ ମିଶି ସକାଳ ୯ଟା ବେଳେ ଟିସ୍କୋ ଖାଦାନକୁ ଗାଧୋଇବାକୁ ଯାଇଥିଲେ। ଏମାନଙ୍କ ମଧ୍ୟରୁ ପ୍ରଭାତ ଓ ଅନ୍ୟ ଜଣେ ଯୁବକ ସଚ୍ଚିନ ଗଭୀର ଜଳ ମଧ୍ୟକୁ ଚାଲି ଯିବାରୁ ଥଳକୂଳ ପାଇ ନ ଥିଲେ। ଅନ୍ୟ ସାଙ୍ଗମାନେ ସଚ୍ଚିନଙ୍କୁ ଉଦ୍ଧାର କରିଥିବା ବେଳେ ପ୍ରଭାକରଙ୍କୁ ବଞ୍ଚାଇ ପାରି ନ ଥିଲେ। ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିଥିଲେ ମଧ ପ୍ରଭାକରଙ୍କ ମୃତଦେହ ଉଦ୍ଧାର ହୋଇପାରିନାହିଁ।

## କୁମଝରିଆ ସରକାରୀ ହାଇସ୍କୁଲରେ ଅଭିଭାବକ ବୈଠକ

# ଶିକ୍ଷକଙ୍କ ଭଳି ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**କୁଆଁରମୁଣ୍ଡା, ୩୧ ।୩(ଡି.ଏନ.ଏ.)**

ଇଂରାଜୀ ମାଧ୍ୟମ ଓ ବେସରକାରୀ ଓଡ଼ିଆ ମାଧ୍ୟମ ବିଦ୍ୟାଳୟଠାରୁ ସରକାରୀ ବିଦ୍ୟାଳୟ ମଧ୍ୟ କୌଣସି କ୍ଷେତ୍ରରେ ପଛୁଆ ନୁହେଁ। ଏହାକୁ ପ୍ରମାଣିତ କରିଛି ସୁନ୍ଦରଗଡ଼ ଜିଲା କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟ। ଏଠାରେ ଅଧ୍ୟୟନରତ ପିଲାମାନଙ୍କୁ ସରକାରୀ ନିର୍ଦ୍ଧାରିତ ପାଠ୍ୟକ୍ରମ ସହ ସହପାଠ୍ୟ କ୍ରିୟାକଳାପ, ଚିତ୍ରକଳା, ନୃତ୍ୟ, ସଙ୍ଗୀତ ଇତ୍ୟାଦି ବିଷୟରେ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯାଇଥାଏ। ପାଠପଢା ସହ ପିଲାଙ୍କର ଶାରିରୀକ ବିକାଶ ପାଇଁ ଖେଳକୁଦ ଠାରୁ ଆରମ୍ଭ କରି ଯୋଗ,ନୈତିକ ଶିକ୍ଷାଦାନ ଇତ୍ୟାଦିର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସରକାରୀ ଶିକ୍ଷକଙ୍କ ସହ ଘରୋଇ ଉଦ୍ୟମରେ ସ୍ୱତନ୍ତ୍ର ପ୍ରୟାସ କରାଯାଇ ଦକ୍ଷ ଶିକ୍ଷକମାନଙ୍କୁ ଏଠାରେ ଶିକ୍ଷାଦାନ ପାଇଁ ସୁଯୋଗ ଦିଆଯାଇଛି। ମାତ୍ର ଶିକ୍ଷକମାନେ ଶ୍ରେଣୀ ଗୃହରେ ଶିକ୍ଷାଦାନ କରିବା ପରେ ପିଲା ଏହାକୁ କେତେଦୂର ଅଭ୍ୟାସ କରୁଛି, ତାହାକୁ ଯଦି ପରିବାରରେ ମା' ଦୃଷ୍ଟି ଦିଏ ତେବେ ନିଶ୍ଚିତଭାବେ ପିଲାର ପାଠପଢା ସଫଳ ହୋଇପାରିବ। ଭଲ ପାଠପଢିଲେ ଭବିଷ୍ୟତରେ ପିଲା ଭଲ ରୋଜଗାରକ୍ଷମ ହୋଇ ପରିବାର ତଥା ଅଞ୍ଚଳର ବିକାଶରେ ସହାୟକ ହୋଇପାରିବ। ଏଥିପାଇଁ ପ୍ରତ୍ୟେକ ପରିବାରରେ ପିଲାଙ୍କ ସୁଭବିଷ୍ୟତ ନିର୍ମାଣ ପାଇଁ ଶିକ୍ଷକମାନଙ୍କଭଳି ମା'ଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶନିବାର କୁମଝରିଆ ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ଅଭିଭାବକ ବୈଠକରେ ଯୋଗ ଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୁମଝରିଆ ପଞ୍ଚାୟତ ସରପଞ୍ଚ ବାତିଆ ଲାକ୍ରା, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ପରିଜା, ରାଜକିଶୋର ମିଶ୍ର ପ୍ରମୁଖ ଯୋଗଦେଇ ଉପରୋକ୍ତ ମତପୋଷଣ କରିଛନ୍ତି। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ପରିଚାଳନା ସମିତି ସଭାପତି, ଘରୋଇ ଉଦ୍ୟମରେ କାର୍ଯ୍ୟରତ ପାଚିକା, ମାଳୀ, ଫାଟକ ଜଗୁଆଳୀ, ପନିପରିବା ସଂଗ୍ରହକାରୀଙ୍କୁ ଉପଢୌକନ ଫୁଲମାଳ ସହ ଉପହାର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମ କୁମଝରିଆ ହାଇସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲଙ୍କ ପ୍ରତ୍ୟେକ୍ଷ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସିଆରସିସି ବିଦ୍ୟୁଲତା ରାଉତ, ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ/ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ବ୍ଲକ ଅଞ୍ଚଳ ସମେତ ରାଜଗାଙ୍ଗପୁର, ଲାଠିକଟା, ରାଉରକେଲା, କୋଇଡା, କୁଟିଣ୍ଡା, ଦେବଗଡ଼, ବାଗଡିହି ଅଞ୍ଚଳର ଶତାଧିକ ଅଭିଭାବିକା, ଅଭିଭାବକ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିଭାବିକା, ଅଭିଭାବକଙ୍କ ଉପସ୍ଥିତିରେ ବାର୍ଷିକ ପରୀକ୍ଷାର ଫଳାଫଳ ପ୍ରଦାନ କରାଯାଇଥିଲା।


କୁମଝରିଆ ସରକାରୀ ଉଚ୍ଚବିଦ୍ୟାଳୟରେ କାର୍ଯ୍ୟରତ ପାଚିକା ଓ ଅନ୍ୟ କର୍ମଚାରୀମାନଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

# ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବଡଗାଁ, ୩୧।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚତୁର୍ଥ ଶ୍ରେଣୀ କର୍ମଚାରୀ ପରମାନନ୍ଦ ପାଣିଗ୍ରାହୀଙ୍କ ଚାକିରୀ କାର୍ଯ୍ୟକାଳ ଶେଷ ହୋଇଥିବାରୁ ଶନିବାର ଡାକ୍ତରଖାନା ପରିସରରେ କର୍ମଚାରୀମାନେ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଛନ୍ତି। ମୁଖ୍ୟ ଚିକିତ୍ସା ଅଧିକାରୀ ମନରଞ୍ଜନ ଆଚାର୍ଯ୍ୟ, ଡା. ହେମନ୍ତ ଅଗ୍ରୱାଲ, ଡା. ସନ୍ତୋଷ କୁମାର ସାହୁ, ଡା. ସାରଦା ପ୍ରସନ୍ନ ନାୟକ, ଡା. ସାରଦା ପ୍ରସନ୍ନ ଜେନା, ଫାର୍ମାସିଷ୍ଟ ଶିଶିର ପଟେଲ, ଅନୁମିତା, ବିପିଏମ ଅରୁଣ ବେହେରାଙ୍କ ସହିତ ସମସ୍ତ କର୍ମଚାରୀ ଫୁଲତୋଡା ଓ ଉତ୍ତରୀୟ ଦେଇ ଶୁଭ ମନାଷୀ ସୁସ୍ଥ ଜୀବନ କାମନା କରିଥିଲେ। ସୂଚନାଯୋଗ୍ୟ ଯେ, ପାଣିଗ୍ରାହୀ ବଡଗାଁ ଓ ଆଖପାଖ ଗ୍ରାମରେ ଶବ ସତ୍କାର କରିବାକୁ ସ୍ୱେଚ୍ଛାକୃତ ଭାବେ ସେବା ଯୋଗାଉଥିବାରୁ ଅଞ୍ଚଳରେ ଜଣାଶୁଣା। ଏହା ସହିତ ଗ୍ରାମର ସାମାଜିକ, ସାଂସ୍କୃତିକ କାର୍ଯ୍ୟରେ ଯୋଗଦାନ କରନ୍ତି।


କାର୍ଯ୍ୟକାଳ ଶେଷ ହୋଇଥିବାରୁ କର୍ମଚାରୀମାନେ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଉଛନ୍ତି।



ସଂସାର ପ୍ରତି ତିଳେ ହେଲେ ଆସକ୍ତି ଥିଲେ ଭଗବାନଙ୍କୁ ଲାଭ କରିହେବ ନାହିଁ, ଯେପରି ସୂତାରେ ଟିକିଏ ଆଂଶୁ ଥିଲେ ଛୁଞ୍ଚିରେ ଗଳେନାହିଁ।

- ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ତାତି ସହ ବିଦ୍ୟୁତ କାଟ, ଜନଜୀବନ ଅସ୍ତବ୍ୟସ୍ତ

**ଅତାବିରା, ୩୧।୩ (ଡି.ଏନ.ଏ):** ବଢୁଛି ଦିନକୁ ଦିନ ତାପମାତ୍ରା ବଢିବାରେ ଲାଗିଛି । ତାତି ସାଙ୍ଗକୁ ବିଦ୍ୟୁତ କାଟ ଯୋଗୁ ସାଧାରଣ ଜୀବନଯାପନ ଅସ୍ତବ୍ୟସ୍ତ ହୋଇପଡୁଛି । ଅସହ୍ୟ ତାତି ଯୋଗୁ ଦିନ ୧୧ଟାରୁ ଘରୁ ବାହାରି ହେଉନି । ରାସ୍ତାଘାଟ ଶୂନଶାନ ହୋଇଯାଉଛି । ଚାଷୀମାନେ ଧାନ ଫସଲରେ ଲଟା, ଔଷଧ ସେଚନ କରିବାରେ ତାତି ବାଧକ ସାଜିଛି । ଗାଈ ଗୋରୁଙ୍କୁ ଚାରଣ ଭୂମିକୁ ନେଲେ ୧୧ଟା ପୂର୍ବରୁ ଘରକୁ ଆଣିବାକୁ ପଡୁଛି । ସ୍କୁଲ, କଲେଜକୁ ପଢ଼ିବାକୁ ଯାଉଥିବା ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ସେହିପରି ବିଦ୍ୟୁତ କାଟ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।

### ମୁଗ ଫସଲରେ ରୋଗ ପୋକ

**ଅତାବିରା, ୩୧।୩ (ଡି.ଏନ.ଏ):** ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତର ଉଦେପୁର ଗ୍ରାମର ଅଣଜଳସେଚିତ ଜମିରେ ଚାଷୀମାନେ ମୁଗ ଚାଷ କରିଥିଲେ । ହେଲେ ବର୍ତ୍ତମାନ ମୁଗ ଚାଷରେ ରୋଗ ପୋକ ଯୋଗୁ ଗଛ ଗୁଡିକ ଝାଉଁଳିଯିବା ସହିତ ପତ୍ର ଗୁଡିକ ହଳଦିଆ ହୋଇଯାଇଛି । ମୁଗ ଗଛରେ ଯେତିକି ଫଳ ଆସିବା କଥା ତାଠାରୁ ଢ଼େର କମ୍ ଆସୁଥିବାରୁ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି । ଚାଷୀମାନେ କୀଟନାଶକ ଔଷଧ ପ୍ରୟୋଗ କରୁଥିଲେ ମଧ କାମକୁ ଆସୁନି । ମୁଗ ଫସଲ ଉଜୁଡି ଗଲାଣି ବୋଲି ଚାଷୀ ଗଦାଧର ଦନ୍ତା, ସଦାନନ୍ଦ ଦନ୍ତା, ଭରତ ମହାପାତ୍ର, ବୁଲୁ ଦନ୍ତା କହିଛନ୍ତି ।

### ୧୬୩ ଜଣଙ୍କ ଚକ୍ଷୁ ପରୀକ୍ଷା

**ଭଟଲି, ୩୧।୩(ଡି.ଏନ.ଏ):** ଭଟଲି ରାଜୀବ ଭବନ ପରିସରରେ ବିନ୍ଦାସ ଗ୍ରୁପ ଓ ସମ୍ବଲପୁରସ୍ଥିତ ତ୍ରିଲୋଚନ ନେତ୍ରାଳୟର ମିଳିତ ଆନୁକୂଲ୍ୟରେ ରବିବାର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୬୩ ଜଣ ଆଖି ପରୀକ୍ଷା କରାଇଥିଲେ । ସେମାନଙ୍କ ମଧ୍ୟରୁ ୫୩ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ସମ୍ବଲପୁର ପଠାଯାଇଥିଲା । ଅବଶିଷ୍ଟ ୧୧୦ ଜଣ ରୋଗୀଙ୍କୁ ଔଷଧ ବିତରଣ କରାଯାଇଥିଲା। ନେତ୍ରାଳୟର କ୍ୟାମ୍ପ ମ୍ୟାନେଜର ସୁଧାଂଶୁ ଖଣ୍ଡୱାଲ, ନିକିତା ରାଜ, ମାନସ ବେହେରା, ସୁଶାନ୍ତ କୁମାର ମହାରଣା, ପ୍ରଶାନ୍ତ ମେହେର ସହଯୋଗ କରିଥିଲେ ।

### ଭଟଲି ଭାଜପାରେ ମିଶ୍ରଣ ପର୍ବ

**ଭଟଲି,୩୧।୩(ଡି.ଏନ.ଏ):** ଭଟଲି ଭାଜପାରେ ରବିବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଭାଜପା କାର୍ଯ୍ୟାଳୟରେ ଦଳୀୟ ବିଧାୟକ ପ୍ରାର୍ଥୀ ଇରାସିସ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ପଧାନ, କିରଟୀ ଚନ୍ଦ୍ର ଠାକୁର, ପୂର୍ବତନ ଭଟଲି ବ୍ଲକ ବିଜେଡି ସଭାପତି ବିରୂପାକ୍ଷ ପଧାନଙ୍କ ନେତୃତ୍ୱରେ ସୁକୁଡା ଓ ଡୁମ୍ବାଲପାଲି ଗ୍ରାମପଞ୍ଚାୟତର ଶତାଧିକ ସମର୍ଥକ ଭାଜପାରେ ଯୋଗଦାନ କରିଥିଲେ । ଏକ ବାଇକ ରାଲିରେ ସମସ୍ତ ସମର୍ଥକ ଆସି ପ୍ରଥମେ ଦଧିବାମନ ମହାପ୍ରଭୁଙ୍କୁ ଦର୍ଶନ କରି ଇରାସିସଙ୍କ ଘରକୁ ଯାଇଥିଲେ। ପରେ ଇରାସିସ ସମସ୍ତଙ୍କ ଗହଣରେ ଆସି ଭାଜପା କାର୍ଯ୍ୟାଳୟରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ।

### ମାଣ୍ଡିଆଢିପା ଧନୁଯାତ୍ରା ଉଦ୍‌ଯାପିତ

**ପାଇକମାଳ,୩୧।୩(ଡି.ଏନ.ଏ):** ପାଇକମାଳ ବ୍ଲକ ମାଣ୍ଡିଆଢିପାଠାରେ ୫ଦିନ ଧରି ଚାଲିଥିବା ଧନୁଯାତ୍ରା ମହୋତ୍ସବ କଂସ ବଧ ସହ ଉଦ୍‌ଯାପିତ ହୋଇଯାଇଛି । କୃଷ୍ଣ ବଳରାମଙ୍କ ମଥୁରା ଗମନ, କୁବଳୟା ହସ୍ତୀ ବଧ, କୁବୁଜା ଉଦ୍ଧାର, ଶିବ ଧନୁ ଭଗ୍ନ, କୃଷ୍ଣ ବଳରାମଙ୍କ ଦ୍ୱାରା କଂସ ବଧ, ଉଗ୍ରସେନଙ୍କ ରାଜାଭିଷେକ ପ୍ରମୁଖ ନାଟ୍ୟାଭିନୟ ହୋଇଥିଲା। ବିଭିନ୍ନ ଭୂମିକାରେ କଂସ ଗୋପବନ୍ଧୁ ସାହୁ, ମହାମନ୍ତ୍ରୀ ଚିନ୍ତାମଣି କୁମ୍ଭାର, ଅକ୍ରୁର କୁବେର ଗିରି ସାହୁ, କୃଷ୍ଣ ଚନ୍ଦନ ଥପା, ବଳରାମ ସଜୀବ ଚନ୍ଦନ, ସେନାପତି ପୁରୁଷୋତ୍ତମ ସାହୁ, ହିରାଲାଲ ବରିହା, ସରୋଜ ପୁରୋହିତ, ଚାଣ୍ଡୁର ପଙ୍କଜ କର୍ଣ୍ଣ ପ୍ରମୁଖ ଅଭିନୟ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ପଣ୍ଡିତ ଡିଗ୍ରୀଧର ଦେବତା, ରାଜ କିଶୋର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।



ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଥିବା ଭାଜପା ନେତୃବୃନ୍ଦ ।



ଅଭିଯୋଗ ନେଇ ଅତିରିକ୍ତ ଜିଲାପାଳଙ୍କୁ ଭାଜପା ନେତାମାନେ ଭେଟୁଛନ୍ତି ।

# ସାଧାରଣ ନିର୍ବାଚନରେ ଜିଲା ପରିଷଦ ତାତି

**ବରଗଡ଼ ଅଫିସ୍,୩୧।୩**

ସାଧାରଣ ନିର୍ବାଚନ ପାଇଁ ଦେଶବ୍ୟାପୀ ରାଜନୈତିକ ବାତାବରଣ ଉଷ୍ମ ହୋଇଛି। ମାତ୍ର ବରଗଡ଼ ଜିଲାରେ ଏବେ ସାଧାରଣ ନିର୍ବାଚନଠାରୁ ଜିଲା ପରିଷଦ ତାତି ବଢ଼ି ଯାଇଛି । ଭାଜପାର ୯ଜଣ ଜିଲା ପରିଷଦ ସଭ୍ୟ ଦଳରୁ ଇସ୍ତଫା ଦେବା ସହିତ ବିଜେଡ଼ିରେ ସାମିଲ ହେବା ଘୋଷଣା କରିବା ପରେ ଏହାକୁ ନେଇ ଛକାପଞ୍ଝା ଲାଗି ରହିଛି । ଏଭଳି ସ୍ଥିତିରେ ଦୀର୍ଘବର୍ଷ ବ୍ୟବଧାନ ପରେ ନିଜ କବ୍‌ଜାକୁ ଆଣିଥିବା ଜିଲା ପରିଷଦ ଭାଜପା ହାତରୁ ଖସିଯିବା ଆଶଙ୍କା ରହିଛି । ଏହି ଘଟଣା ପରେ ବିଜେଡ଼ି ବିରୋଧରେ ଭାଜପା ନିର୍ବାଚନ ଆଚରଣ ବିଧି ଉଲଂଘନ ଅଭିଯୋଗ ଆଣିଛି ।

ଚଳିତ ସାଧାରଣ ନିର୍ବାଚନରେ ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡ଼ି ପ୍ରାର୍ଥୀ ସୁଶାନ୍ତ ସିଂ ଏବଂ ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡ଼ି ପ୍ରାର୍ଥୀ ବିଜୟ ରଞ୍ଜନ ସିଂ ବରିହା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଭାଜପା ଅଭିଯୋଗ କରିଛି। ଏଭଳି ଅଭିଯୋଗ ନେଇ ଭାଜପାର ବରଗଡ଼ ଲୋକସଭା ପ୍ରାର୍ଥୀ ସୁରେଶ ପୂଜାରୀଙ୍କ ନିର୍ବାଚନ ଏଜେଣ୍ଟ ସୁରେଶ୍ୱର ଶତପଥୀ ରବିବାର ନିର୍ବାଚନ ଅଧିକାରୀ ତଥା ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କଠାରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି। ଜିଲାପାଳ ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝୀ ଅଭିଯୋଗପତ୍ର ଗ୍ରହଣ କରିଥିଲେ ।

ଅଭିଯୋଗ ଅନୁସାରେ, ମନ୍ତ୍ରୀ ସିଂ ଓ ପୂର୍ବତନ ମନ୍ତ୍ରୀ ସିଂ ବରିହା ଭାଜପାର ଜିଲା ପରିଷଦ ସଭ୍ୟଙ୍କୁ ଆର୍ଥିକ ଲୋଭ ଦେଖାଇ ଦଳରୁ ଇସ୍ତଫା ଦେବା ସହିତ ବିଜେଡ଼ିରେ ସାମିଲ ହେବାକୁ ବାଧ କରିଛନ୍ତି । ମନ୍ତ୍ରୀ ସିଂଙ୍କ ଘରେ ସମ୍ପୃକ୍ତ ଜିଲା ପରିଷଦ ସଭ୍ୟଙ୍କୁ ରଖି ସେଥିପାଇଁ ଜଣ ପିଛା ୬ଲକ୍ଷ ଟଙ୍କା ଲେଖାଏଁ ପ୍ରଲୋଭନ ଦେଖାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି । ତେବେ ୨ଜିଲା ପରିଷଦ ସଭ୍ୟା ସୁଷମା ଭୁଏ ଏବଂ ସସ୍ମିତା ଡନସନା ସେମାନଙ୍କ କବ୍‌ଜାରୁ ଖସି ଆସି ଗଣମାଧ୍ୟମ ସମ୍ମୁଖରେ ଘଟଣା ସମ୍ପର୍କରେ କହିବାରୁ ତାହା ସାମ୍ନାକୁ ଆସିଛି। ସେହିପରି ଅନ୍ୟ ଜଣେ ଜିଲା ପରିଷଦ ସଭ୍ୟା ପାର୍ବତୀ ଭୁଏ ଏପର୍ଯ୍ୟନ୍ତ ବିଜେଡ଼ି ନେତାଙ୍କ କବ୍‌ଜାରେ ଥିବାବେଳେ ତାଙ୍କ ସ୍ୱାମୀ ଅନୁରୂପ ଅଭିଯୋଗ ଆଣିଛନ୍ତି । ବିଜେପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଗତ ୨୫ତାରିଖରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡ଼ି ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିବା ପରଠାରୁ ଭାଜପା ନେତା, କର୍ମୀଙ୍କୁ ନିୟମିତ ଧମକ ଦିଆଯାଉଛି । ଜିଲା ପରିଷଦ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଜିଲା ପରିଷଦ ସଭ୍ୟଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦେବା ସହିତ ବିଜେଡ଼ି ନେତାଙ୍କ କବ୍‌ଜାରେ ଥିବା ଭାଜପା ଜିଲା ପରିଷଦ ସଭ୍ୟାଙ୍କୁ ଉଦ୍ଧାର କରିବା ପାଇଁ ସ୍ମାରକପତ୍ରରେ ଦାବି କରାଯାଇଛି। ଭାଜପାର ବରଗଡ଼ ଲୋକସଭା ପ୍ରାର୍ଥୀ ସୁରେଶ ପୂଜାରୀ, ତାଙ୍କ ନିର୍ବାଚନ ଏଜେଣ୍ଟ ସୁରେଶ୍ୱର ଶତପଥୀ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଜିଲା ପରିଷଦ ସଭ୍ୟା ସୁଷମା ଭୁଏ ପ୍ରମୁଖ ଅଭିଯୋଗପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ । ଅଭିଯୋଗପତ୍ରର ନକଲ ମୁଖ୍ୟ ନିର୍ବାଚନ କମିଶନର ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କ ପାଖକୁ ପଠାଯାଇଛି ବୋଲି ଅଭିଯୋଗକାରୀ ଶତପଥୀ କହିଛନ୍ତି। ଅନ୍ୟପକ୍ଷେ ଭାଜପାର ଏଭଳି ଅଭିଯୋଗକୁ ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ଖଣ୍ଡନ କରିଛନ୍ତି । ଅଭିଯୋଗ ସମ୍ପୂର୍ଣ୍ଣ ଅମୂଳକ, ଅଯୌକ୍ତିକ ଏବଂ ସେଥିରେ କିଛି ସତ୍ୟତା ନ ଥିବା ସେ କହିଛନ୍ତି। ପ୍ରକାଶଥାଉକି, ୩୪ ଜିଲା ପରିଷଦ ଆସନ ବିଶିଷ୍ଟ ବରଗଡ଼ ଜିଲାରେ ଗତ ତ୍ରିସ୍ତରୀୟ ନିର୍ବାଚନରେ ଭାଜପା ସର୍ବାଧିକ ୨୫ଆସନ ଦଖଲ କରି ଜିଲା ପରିଷଦ ଗଠନ କରିଥିବାବେଳେ ବିଜେଡ଼ିକୁ ମାତ୍ର ୯ଟି ଆସନରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ଏବେ ଭାଜପାରୁ ନିର୍ବାଚିତ ଜିଲା ପରିଷଦ ସଭ୍ୟ ଦଳରୁ ଇସ୍ତଫା ଦେଇ ବିଜେଡ଼ିରେ ସାମିଲ୍ ହେଉଥିବାରୁ ଭାଜପା ହାତରୁ ଜିଲା ପରିଷଦ ଖସିଯିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି ।

**ବରଗଡ଼ ଜିଲା**

- ବିଜେଡି ବିରୋଧରେ ଅଭିଯୋଗ ଆଣିଲା ଭାଜପା
- କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ବାଚନ ଅଧିକାରୀଙ୍କୁ ଫେରାଦ
- ଅଭିଯୋଗ ଅମୂଳକ, ଅଯୌକ୍ତିକ କହିଲା ବିଜେଡି

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ

**ପଦ୍ମପୁର, ୩୧।୩ (ଡି.ଏନ.ଏ)**

ପଦ୍ମପୁରର ସଚେତନ ହେମା ଅନୁଷ୍ଠାନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ୨୦୧୯ ରବିବାର ଉଦ୍‌ଘାଟିତ ହୋଇଛି । ପ୍ରଦୀପ ପୁରୋହିତ ଓ ଗ୍ରାମର ବୟୋଜ୍ୟେଷ୍ଠମାନଙ୍କୁ ନେଇ ପୂଜାର୍ଚ୍ଚନା ସରିବା ପରେ ଗାଁର କଳାକାରମାନେ ନାଟ୍ୟ ଜଗତର ଦୁଇ ଜଣ ମାଇଲଖୁଣ୍ଟ କେଶରଞ୍ଜନ ପଧାନ ଓ ଅଶୋକ ବହିଦାରଙ୍କୁ ନାଟ୍ୟ ତପସ୍ୱୀ ଉପାଧିରେ ବୃନ୍ଦ ଭୂଷିତ କରିଥିଲେ। ଲାଲ ସାହେବ ସାହୁଙ୍କୁ ସଙ୍ଗୀତ ତପସ୍ୱୀ ଓ ରାଜେଶ ବହିଦାରଙ୍କୁ କଳା ଓ ସଂସ୍କୃତ ପାଇଁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମହୋତ୍ସବର ପ୍ରଥମ ନାଟକ ବାବାବଧ ନାଟକକୁ ବୀଣାପାଣି ନାଟ୍ୟ ସଂସଦ, ସୋନପୁର କଳାକାରମାନେ ପରିବେଷଣ କରିଥିଲେ । ନାଟକକୁ ସୁମନ୍ତ ଭୋଇ ରଚନା ଓ ନିର୍ଦ୍ଦେଶନା କରିଥିବା ବେଳେ ଭଣ୍ଡ ବାବାଙ୍କ କାରନାମାକୁ ନେଇ ଏହା ଗତିଶୀଳ ହୋଇଥିଲା । ସେହିପରି ଦ୍ୱିତୀୟ ନାଟକକୁ 'ଲୁ' ପଦ୍ମପୁର କଳାକାରମାନେ ନାଟକ 'ଇସ୍ତଫା' ପରିବେଷଣ କରିଥିଲେ। ଏହାକୁ କେଶରଞ୍ଜନ ପଧାନ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ଜଗନ୍ନାଥ ସେଠ । ସାହେବମାନଙ୍କ ଗୋଲାମଗିରି ପ୍ରଥା ଉପରେ ଏହା ଜୋର ଦେଇଛି । ତୃତୀୟ ନାଟକ 'ମୋର କାଏଁ ଦୋଷ'କୁ ସଚେତନ ହେମା ତୋଲବନ୍ଦର କଳାକାରମାନେ ପରିବେଷଣ କରିଥିଲେ। ନାଟକକୁ ରାଜକୁମାର ସାହୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ । ଅନୁଷ୍ଠାନର ସଭ୍ୟ ଟିକିଲାଲ ସ୍ୱାଇଁ, ବିଜୟ ସ୍ୱାଇଁ, ଘନଶ୍ୟାମ ଭୋଇ, ଧର୍ମେନ୍ଦ୍ର ଲାହୁ, କୁଳମଣି ପଶାୟତ, ବସୁଦେବ ସାହୁ, ରୁକ୍ମଣ ସ୍ୱାଇଁ, ଜୟନ୍ତ ସାହୁ, ଘନଶ୍ୟାମ ସାହୁ, ସରୋଜ ସାହୁ ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ରାଜକୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୫ ବର୍ଷ ପରେ ନିର୍ବାଚନ ଲଢିବେ ରିପୁନାଥ

**ବରପାଲି, ୩୧।୩ (ଡି.ଏନ.ଏ)**

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠଙ୍କୁ ଏଥର ମିଳିଛି ବିଜେପୁର ବିଧାନସଭା ଟିକେଟ । ଏଥିପାଇଁ ଦଳର କର୍ମୀ ଉତ୍ସାହିତ ଓ ରିପୁନାଥ ସକ୍ରିୟ ହୋଇ ନିର୍ବାଚନ ମଇଦାନକୁ ଓହ୍ଲାଇ ଗାଁ ଗଣ୍ଡାରେ ଜୋରଦାର ପ୍ରଚାର ଚଳାଇଛନ୍ତି । ଦୀର୍ଘ ୧୫ ବର୍ଷ ପରେ ରିପୁ ନିର୍ବାଚନ ଲଢୁଛନ୍ତି। ୧୯୯୦ରେ ବିଜେପୁର ଆସନରୁ ରିପୁନାଥ କଂଗ୍ରେସ ପ୍ରାର୍ଥୀ ହୋଇ ସ୍ୱର୍ଗତ ନିକୁଞ୍ଜ ସିଂଙ୍କଠାରୁ ପରାସ୍ତ ହୋଇଥିଲେ। ୧୯୯୫ରେ ପୁଣି ବିଜେପୁର ଆସନରୁ ନିର୍ବାଚନ ଜିଣି ସେ ମନ୍ତ୍ରୀ ହୋଇଥିଲେ। ୨୦୦୦ରେ ପୁଣି ସେହି ଆସନରୁ ରିପୁ ପ୍ରାର୍ଥୀ ହୋଇ ବିଜେଡିରୁ ଅଶୋକ ପାଣିଗ୍ରାହୀଙ୍କଠାରୁ ପରାଜିତ ହୋଇଥିଲେ। ସେହିପରି ୨୦୦୪ରେ ଭଟଲି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଟିକେଟ ପାଇ ଅଳ୍ପ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିଲେ ରିପୁନାଥ । ଏହାପରେ ସେ ଦଳରେ ଥାଇ ମଧ ସାଙ୍ଗଠନିକ କାର୍ଯ୍ୟରୁ ନିଜକୁ ଦୂରେଇ ରଖିଥିଲେ । ୨୦୧୯ ନିର୍ବାଚନରେ କଂଗ୍ରେସ ରିପୁନାଥଙ୍କୁ ପୁଣି ଥରେ ସୁଯୋଗ ଦେଇଥିବାରୁ ଏହା ତାଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି । ସୂଚନାଯୋଗ୍ୟ, ବିଜେପୁର ବିଧାନସଭା ଆସନ ପାଇଁ କଂଗ୍ରେସରେ ଅଧ ଡଜନରୁ ଅଧିକ ଟିକେଟ ଆଶାୟୀ ଥିଲେ । ଏହି ତାଲିକାରେ ରାଜ୍ୟ ସରକାରଙ୍କ ଜଣେ ପ୍ରଶାସନିକ ସଚିବ, ବରିଷ୍ଠ ଆଇନଜୀବୀଙ୍କ ସମେତ ଭାଜପାରୁ ଯାଇ ନିକଟରେ କଂଗ୍ରେସରେ ସାମିଲ ହୋଇଥିବା ପ୍ରମୁଖ ନେତା ଟିକେଟ ପାଇଁ ଆବେଦନ କରିଥିଲେ । ସେମାନଙ୍କ ମଧ୍ୟରୁ ଦଳ ପ୍ରଥମ ପସନ୍ଦ ଭାବେ ରିପୁନାଥଙ୍କୁ ଭରସା କରି ଟିକେଟ ଦେଇଛି। ବିଜେପୁରରେ ସେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମୁକାବିଲା କରିବେ । ଏହାକୁ ନେଇ ନିର୍ବାଚନ ବାତାବରଣ ସରଗରମ ହୋଇପଡିଛି । ତେବେ ବିଜେପୁର ବାଜି କିଏ ମାରିବ ତାହା ଦେଖିବାକୁ ରହିଲା ।

## 'ଆଚରଣବିଧି ଉଲ୍ଲଂଘନ କରିଛନ୍ତି କେନ୍ଦ୍ରମନ୍ତ୍ରୀ'

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ଆଣିଛି ବିଜେଡି। କେନ୍ଦ୍ରମନ୍ତ୍ରୀଙ୍କ ସଭାରେ ଲାଗୁଛି 'ସ୍କିଲ୍ ଇଣ୍ଡିଆ' ଲୋଗୋ। ୱାର୍କଶପ୍ ଜରିଆରେ କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମକୁ ଲୋକପ୍ରିୟ କରିବାକୁ ଉଦ୍ୟମ କରାଯାଇଛି। ଭୁବନେଶ୍ୱରର ଇଡକଲ୍ ଅଡ଼ିଟୋରିୟମ୍‌ଠାରେ ରବିବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମର ଫଟୋଚିତ୍ର ଧରି ବିଜେଡି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ପାଖରେ ଫେରାଦ ହୋଇଛି। ଏଥିସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

## ଅବସର ନେଲେ ବିଧାନସଭା ସଚିବ ଅମିୟ ଷଡ଼ଙ୍ଗୀ

**ଭୁବନେଶ୍ୱର,୩୧।୩ (ବ୍ୟୁରୋ)**

ବିଧାନସଭା ସଚିବ ପଦରୁ ଅମିୟ କୁମାର ଷଡ଼ଙ୍ଗୀ ରବିବାର ଅବସର ନେଇଛନ୍ତି। ତାଙ୍କ ସ୍ଥାନରେ ବିଧାନସଭା ଉପସଚିବ ଶିଶିର କାନ୍ତ ସ୍ୱାଇଁ ଅସ୍ଥାୟୀଭାବେ ଦାୟିତ୍ୱ ପାଇଛନ୍ତି। ଏହା ପୂର୍ବରୁ ୪ଥର ଅମିୟଙ୍କ କାର୍ଯ୍ୟକାଳକୁ ସରକାର ବୃଦ୍ଧି କରିଥିଲେ। ପଞ୍ଚମ ଥର ପାଇଁ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ଲାଗି ରାଜ୍ୟ ସରକାର ସୁପାରିସ କରିଥିଲେ। ମାତ୍ର କିଛିଦିନ ତଳେ ଏହାକୁ ନେଇ ରାଜ୍ୟପାଳ ଗଣେଶୀ ଲାଲ୍ ପ୍ରଶ୍ନ ଉଠାଇଥିଲେ। ଜଣଙ୍କ ଅବସର ସମୟ ପରେ ବାରମ୍ବାର କାର୍ଯ୍ୟକାଳ ବୃଦ୍ଧି କରିବା ଦ୍ୱାରା ଅନେକ ଅଧିକାରୀ ପଦୋନ୍ନତିରୁ ବଞ୍ଚିତ ହେଉଥିବା ରାଜ୍ୟପାଳ ପ୍ରଶ୍ନ ଉଠାଇଲେ। ଯେଉଁଥିପାଇଁ ଚାରିଆଡୁ ଅମିୟଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଥିଲା। ଫଳରେ ଅମିୟଙ୍କ ଅବସର ନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୧୩ ଏପ୍ରିଲ୧ରୁ ୨୦୧୯ ମାର୍ଚ୍ଚ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଅମିୟଙ୍କ କାର୍ଯ୍ୟକାଳ ୪ଥର ବୃଦ୍ଧି କରାଯାଇଛି। ଅନ୍ୟପଟେ ଅମିୟଙ୍କ କାର୍ଯ୍ୟକାଳ ବଢାଇବା ପାଇଁ ବିଧାନସଭା ଚାକିରି ନିୟମରେ ପରିବର୍ତ୍ତନ କରାଯାଇଥିଲା। ବିଧାନସଭାର ଯୁଗ୍ମ ସଚିବ, ଉପ ଶାସନ ସଚିବ ଏବଂ ଅତିରିକ୍ତ ସଚିବ ଭଳି ୫ଟି ପଦବୀକୁ ଜାଣିଶୁଣି ପୂରଣ କରାଯାଇ ନ ଥିବା ଅଭିଯୋଗ ମଧ କରାଯାଇଥିଲା। ଏତେସବୁ ପରେ ମଧ ତାଙ୍କ କାର୍ଯ୍ୟକାଳ ବଢାଇବାକୁ ସୁପାରିସ କରାଯିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିବା ସାଧାରଣରେ ପ୍ରଶ୍ନ ଉଠିଛି।

## ବ୍ୟାଟେରି ଚୋରି ର୍ୟାକେଟ ଠାବ, ୪ ଗିରଫ

**ସମ୍ବଲପୁର/ରେଙ୍ଗାଲି,୩୧।୩(ବ୍ୟୁରୋ/ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଶାସନ ଥାନା ପୋଲିସ ଏକ ବ୍ୟାଟେରି ଚୋରି ର୍ୟାକେଟ ଠାବ କରିଛି। ୪ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଛି। ସେମାନେ ହେଲେ ଠେଲକୋଲି ଥାନା ଲପଙ୍ଗା ଗ୍ରାମର ଭୀଷ୍ମଦେବ ମରାଇ, ଅର୍ଜୁନ ବେହେରା, ସୁନ୍ଦରଗଡ଼ ଜିଲା ସାହାଜବାହାଲ ଗ୍ରାମର ହୃଷୀକେଶ ଜଗତ ଓ ରେଙ୍ଗାଲି ଥାନା ଗୁରୁପାଲି ଗ୍ରାମର ମହମ୍ମଦ ରୁସ୍ତମ। ଏ ନେଇ ପୋଲିସ ଏକ ମାମଲା (ନଂ. ୬୫/୧୯) ରୁଜୁ କରିଛି। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ମୋବାଇଲ ଟାୱାରରେ ବ୍ୟବହୃତ ୨୪ ବ୍ୟାଟେରି, ୫ ଟ୍ରକ୍ ବ୍ୟାଟେରି, ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ମୋବାଇଲ ଫୋନ ଓ ସେମାନେ ବ୍ୟବହାର କରୁଥିବା ଗୋଟିଏ କାର୍ (ନଂ. ଓଆର୍୧୫-କେ୭୮୭୨) ଜବତ କରିଛି। ସୂଚନାଯୋଗ୍ୟ, ଟାମ୍ପରକେଲା ଗ୍ରାମରେ ଥିବା ଏକ ମୋବାଇଲ ଟାୱାରରୁ ଗତ ୨୫ ତାରିଖ ବ୍ୟାଟେରି ଚୋରି ହୋଇଥିଲା। ଏ ନେଇ କମ୍ପାନୀ ଅଧିକାରୀ ରାଜୀବ କୁମାର ଚୌଧୁରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଜବତ କାର୍‌କୁ ସନ୍ଦେହରେ ଯାଞ୍ଚ କରିବା ବେଳେ ସେଥିରୁ ବ୍ୟାଟେରିଗୁଡ଼ିକୁ ଜବତ କରିଥିଲା।

## ସୁଶାନ୍ତ ସିଂଙ୍କୁ ସରପଞ୍ଚ ସଂଘର ସମ୍ବର୍ଦ୍ଧନା

**ସୋହେଲା,୩୧।୩(ଡି.ଏନ.ଏ)**

ଚଳିତ ସାଧାରଣ ନିର୍ବାଚନରେ ବରଗଡ ଜିଲା ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ତୃତୀୟ ଥର ପାଇଁ ମନ୍ତ୍ରୀ ସୁଶାନ୍ତ ସିଂହଙ୍କୁ ବିଜେଡି ତରଫରୁ ପ୍ରାର୍ଥୀ କରାଯାଇଛି । ଏହି ପରିପ୍ରେକ୍ଷୀରେ ରବିବାର ସ୍ଥାନୀୟ ଅଗ୍ରସେନ ଭବନଠାରେ ସୋହେଲା ବ୍ଲକ ସରପଞ୍ଚ ସଂଘ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ସଂଘ ସଭାପତି କୃପାସିନ୍ଧୁ ପାତ୍ର ସଭାପତିତ୍ୱ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ଉପସ୍ଥିତ ଥିଲେ । ଦିଲୀପ ପଧାନ ସ୍ୱାଗତ ଭାଷଣ ଓ କୁଚିପାଲି ସରପଞ୍ଚ ସବ୍ୟସାଚୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଶାନ୍ତଙ୍କ ପ୍ରାର୍ଥିତ୍ୱକୁ ବିରୋଧ

**ଜଗତ୍‌ସିଂହପୁର ଅଫିସ,୩୧।୩**

ଜଗତ୍‌ସିଂହପୁର ବିଧାନସଭା ଆସନ ପାଇଁ ବିଜେଡି ପ୍ରଶାନ୍ତ ମୁଦୁଲିଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ଦଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ବିଶେଷକରି ବିଜେଡି ଟିକେଟ୍ ପାଇଁ ଆଶାୟୀ ଥିବା ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅମରେନ୍ଦ୍ର ଦାସଙ୍କ ସମର୍ଥକମାନେ ଜଗତ୍‌ସିଂହପୁର ସହରରେ ପୋଡାଜଳା କରିଛନ୍ତି। ପ୍ରଥମେ ଯୋଗଧାରୀସ୍ଥିତ ଦଳୀୟ କାର୍ଯ୍ୟାଳୟ ସାଇନ ବୋର୍ଡ ଭଙ୍ଗାରୁଜା କରିବା ପରେ ସେମାନେ ବିଜୁ ପଟ୍ଟନାୟକ ଛକରେ ହୋହଲ୍ଲା କରିଥିଲେ। ପରେ ଟାୟାର ଜାଳି ସେଠାରେ ରାସ୍ତାରୋକୋ କରିବା ସହ ପ୍ରଶାନ୍ତଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଧୀରେ ଧୀରେ ମେଳି ବଢିଥିଲା। ଶତାଧିକ ଯୁବକ ଏକତ୍ରିତ ହୋଇ ଶୋଭାଯାତ୍ରାରେ କଲେଜ ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ମଧ ଅନୁରୂପ ଭାବେ ରାସ୍ତାରେ ଟାୟାର ଜାଳି ମୁଦୁଲିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏଥିସହ ଉଭୟ ପ୍ରଶାନ୍ତ ଓ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ବିଜେଡି ଜିଲା ସଭାପତି ବିଷ୍ଣୁ ଚରଣ ଦାସଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି କଲେଜ ଛକରେ ପୋଲିସ ଓ ଫୋର୍ସ ମୁତୟନ କରାଯାଇଛି। ଘଟଣାସ୍ଥଳରେ ଜଗତ୍‌ସିଂହପୁର ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ପାଲ, ଆଇଆଇସି ରଜନୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ସେହିପରି ବିଷ୍ଣୁଙ୍କ ଭୁବନେଶ୍ୱରସ୍ଥିତ ବାସଭବନ ଆଗରେ କର୍ମୀମାନେ ହୋହଲ୍ଲା କରିଛନ୍ତି। ସୂଚନାଯୋଗ୍ୟ ଯେ, ଅମରେନ୍ଦ୍ର ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ୬ ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଥିଲେ। ଜଗତ୍‌ସିଂହପୁର ସହର ସମେତ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଫ୍ଲେକ୍ସ, ବ୍ୟାନର ଆଦି ମାରି ନୂଆ ବର୍ଷର ଅଭିନନ୍ଦନ ଜଣାଇଥିଲେ। ଏଥିସହ ସାଙ୍ଗଠନିକ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ। ଯେହେତୁ ସେ ବିଷ୍ଣୁଙ୍କ ଅନୁଗତ ଭାବେ ଜଣାଶୁଣା ତେଣୁ ତାଙ୍କ ସହଯୋଗରେ ପ୍ରାର୍ଥୀ ହେବାକୁ ଆଶା କରିଥିଲେ। କିନ୍ତୁ ଏବେ ଟିକେଟ୍ ନ ମିଳିବାରୁ ଅମରେନ୍ଦ୍ରଙ୍କ ସମର୍ଥକ ବିଷ୍ଣୁଙ୍କ ଉପରେ ଖପ୍ପା ହୋଇଛନ୍ତି। ସୋମବାର ସେମାନେ ଜଗତ୍‌ସିଂହପୁର ସହର ବନ୍ଦ କରିବେ ବୋଲି ଜଣାପଡିଛି।

### ଅତାବିରା ନିର୍ବାଚନ ମଣ୍ଡଳୀ

# ପ୍ରଚାରରେ ବାହାରିଲେ ପ୍ରାର୍ଥୀ

**ଭେଡ଼େନ, ୩୧।୩ (ଡ଼ି.ଏନ.ଏ)**

ଅତାବିରା ବିଧାନସଭା କ୍ଷେତ୍ର ପାଇଁ ଲଢ଼େଇ ଆରମ୍ଭ ହୋଇଛି । ନିର୍ବାଚନ ମଇଦାନରେ ୫ ଜଣ ପ୍ରାର୍ଥୀ ଅଛନ୍ତି । ସେମାନେ ହେଲେ କଂଗ୍ରେସର ନିହାର ରଞ୍ଜନ ମହାନନ୍ଦ, ଭାଜପାର ମିଳନ ସେଠ, ବହୁଜନ ସମାଜ ପାର୍ଟିର ରବୀନ୍ଦ୍ର ମେଘ, ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ଏବଂ ପଶ୍ଚିମାଞ୍ଚଳ ବିକାଶ ପାର୍ଟିର ଲକ୍ଷ୍ମଣ କୁମାର ଭୋଇ । ପ୍ରାର୍ଥୀମାନେ ନିର୍ବାଚନୀ ପ୍ରଚାର ମଧ ଆରମ୍ଭ କରିଦେଇଛନ୍ତି । ବିଜେଡ଼ି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ନିଜ ବାସଭବନରେ ଭେଡ଼େନ ବ୍ଲକର ସମସ୍ତ ବିଜେଡ଼ି ସରପଞ୍ଚ ଓ ସମିତିସଭ୍ୟ ତଥା ସମସ୍ତ ପଞ୍ଚାୟତର ସକ୍ରିୟ କର୍ମୀମାନଙ୍କୁ ନେଇ ରୋଡ଼ମ୍ୟାପ ପ୍ରସ୍ତୁତ କରିଛନ୍ତି । ସେ ସୋମବାର ପୂର୍ବାହ୍ନରେ ବୁର୍ଦ୍ଧା ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ବିଧିବଦ୍ଧ ଭାବେ ନିର୍ବାଚନୀ ପ୍ରଚାରରେ ବାହାରିବେ ବୋଲି ଜଣାପଡ଼ିଛି । ଅପରପକ୍ଷରେ କଂଗ୍ରେସ ପ୍ରାର୍ଥୀ ନିହାର ରଞ୍ଜନ ମହାନନ୍ଦ ଭେଡ଼େନ ବ୍ଲକର ଅଁଲାପାଲି, ରେଶମ, ମାନପୁର ଆଦି ଗ୍ରାମପଞ୍ଚାୟତକୁ ଯାଇ ଜନସମ୍ପର୍କ ରକ୍ଷା କରିବା ସହ ଦଳର ଗ୍ୟାରେଣ୍ଟି କାର୍ଡ଼ ଭୋଟର ମାନଙ୍କୁ ପ୍ରଦାନ କରିଛନ୍ତି । ଭାଜପା ପ୍ରାର୍ଥୀ ମିଳନ ସେଠ ଥୁଆପାଲିରେ କର୍ମୀ ସମ୍ମିଳନୀ କରିବା ପରେ ରବିବାର ପପଙ୍ଗା ପାହାଡ଼ ପାଦ ଦେଶରେ ବରଗଡ଼ ଏମ୍‌ପି ପ୍ରାର୍ଥୀ ସୁରେଶ ପୂଜାରୀଙ୍କ ସହ ମିଶି କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ । ଅପରପକ୍ଷରେ ବିଏସପି ପ୍ରାର୍ଥୀ ରବୀନ୍ଦ୍ର ମେଘ ମଧ ବିଭିନ୍ନ ଗ୍ରାମକୁ ଯାଇ ଘର ଘର ବୁଲି ପ୍ରଚାର ଆରମ୍ଭ କରିଥିବା ଦେଖିବାକୁ ମିଳିଛି ।



ଭାଜପାର ବରଗଡ଼ ଏମ୍‌ପି ପ୍ରାର୍ଥୀ ସୁରେଶ ପୂଜାରୀ ପପଙ୍ଗା ପାହାଡ ପାଦଦେଶରେ ଥିବା ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ।